RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-11 •SATURDAY •5 JULY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୧ •ଶନିବାର •୫ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



ଆସିବନି 'କାଣ୍ଟା ଲଗା'
▸ପୃଷ୍ଠା ୨ ଦେଖନ୍ତୁ...

# ଆଜି ବାହୁଡ଼ା



ଜନ୍ମବେଦୀରେ ଲୀଳା ସାରି ଶ୍ରୀମନ୍ଦିର ଅଭିମୁଖେ ଚତୁର୍ଦ୍ଧାମୂର୍ତ୍ତି

■ **ପୁରୀ, ୪ା୭ (ସମିସ):** ଜନ୍ମବେଦୀରେ ଶେଷ ହୋଇଛି ମହାପ୍ରଭୁଙ୍କ ଲୀଳା। ଏବେ ରତ୍ନବେଦୀକୁ ବାହୁଡ଼ିବାକୁ ପ୍ରସ୍ତୁତ ହେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ଶ୍ରୀଗୁଣ୍ଡିଚା ମନ୍ଦିରରେ ସାତ ଦିନ

## ମଧ୍ୟାହ୍ନ ୧୨ଟାରେ ପହଣ୍ଡି

## ଅପରାହ୍ନ ୪ଟାରେ ରଥଟଣା

ରହଣି ପରେ ଭାଇ-ଭଉଣୀଙ୍କୁ ସାଥୀରେ ଧରି ବାହୁଡ଼ିବେ କାଳିଆ ଠାକୁର। ଏଥିପାଇଁ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ଦାରୁବ୍ରହ୍ମଙ୍କୁ ଅପେକ୍ଷା କରି ରହିଛନ୍ତି ତିନିରଥ। ଶନିବାର ରଥାରୂଢ଼ ହୋଇ ଦାରୁବିଗ୍ରହ ଯିବେ ଶ୍ରୀମନ୍ଦିର ଅଭିମୁଖେ। ତେବେ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାରରେ ଲାଗିଥିବା ତିନିରଥକୁ ମହାରଣା ସେବକ ଓ ରଥ ବିଶେଷଜ୍ଞ କମିଟି ଯାଞ୍ଚ କରିସାରିଛନ୍ତି। ଅନ୍ୟପକ୍ଷରେ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି।

ଶୁକ୍ରବାର ଥିଲା ସନ୍ଧ୍ୟା ଦର୍ଶନ। ସକାଳୁ ଆରମ୍ଭ ହୋଇଯାଇଥିଲା ଭକ୍ତଙ୍କ ଗହଳି। ଲମ୍ବା ଧାଡ଼ିରେ ବ୍ୟାରିକେଡ୍ ମଧ୍ୟ ଦେଇ ଶ୍ରଦ୍ଧାଳୁମାନେ ଜନ୍ମବେଦୀରେ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ଅନ୍ୟପକ୍ଷରେ ନୀତି ବି ସଅଳ ଚାଲିଥିଲା। ଏଥିସହ ଆଡପ ଅବଢ଼ା ବି ସଅଳ ବାହାରିଥିଲା। ଶେଷ ଆଡ଼ପ ଅବଢ଼ା ପାଇଁ ଭକ୍ତମାନେ ବେଶ୍ ଭିଡ଼ ଜମାଇଥିଲେ। ବାହୁଡ଼ା ଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ଦର୍ଶନ ଅପରାହ୍ଣ ୫ଟାରେ ବନ୍ଦ ▸ପୃଷ୍ଠା-୭

### ରିଜର୍ଭ ବ୍ୟାଙ୍କ ଆଣିଲା ନୂଆ ନିୟମ

## ସମୟ ପୂର୍ବରୁ ଋଣ ଶୁଝିଲେ ଲାଗିବନି ଚାର୍ଜ

■ **ନୂଆଦିଲ୍ଲୀ, ୪ା୭ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଋଣକାରୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ଯଦି କୌଣସି ବ୍ୟକ୍ତି ସମୟ ପୂର୍ବରୁ ନିଜ ଋଣ ଅଧା କିମ୍ବା ସମ୍ପୂର୍ଣ୍ଣ ପରିଶୋଧ କରିବେ ତାଙ୍କଠାରୁ କୌଣସି ଚାର୍ଜ ନିଆଯିବନାହିଁ। କାରଣ ଆରବିଆଇ ଫ୍ଲୋଟିଂ ସୁଧ ହାରରେ ଲାଗିଥିବା ଋଣ ଉପରେ 'ପ୍ରି-ପେମେଣ୍ଟ ଚାର୍ଜ' ଶେଷ କରିବାକୁ ଯାଉଛି। ରିଜର୍ଭ ବ୍ୟାଙ୍କ ଏହି ନିୟମ ୨୦୨୬ ଜାନୁଆରୀ ପହିଲାଠାରୁ ଲାଗୁ କରିବ। ନୂଆ ନିୟମ ସବୁ ବ୍ୟାଙ୍କ ଓ ନନ୍-ବ୍ୟାଙ୍କିଂ ଫାଇନାନ୍ସ କମ୍ପାନୀ (ଏନ୍‌ବିଏଫସି) ସମେତ ରେଗୁଲେଟେଡ୍ ଇନଷ୍ଟିଚ୍ୟୁସନ୍ ପାଇଁ ବାଧ୍ୟତାମୂଳକ ରହିବ। ଏହି ନିୟମ ଲାଗୁ ହେବା ପରେ କୋଟି କୋଟି ଋଣକାରୀ, ବିଶେଷ କରି ଗୃହ ଋଣ ଓ ଏମ୍‌ଏସ୍‌ଏମ୍‌ଇ ଋଣ ନେଇଥିବା ଲୋକଙ୍କୁ ସିଧାସଳଖ ଲାଭ ମିଳିବ।

### ୨୫ ବର୍ଷ ପରେ କାମ ବନ୍ଦ କଲା କମ୍ପାନୀ

## ପାକିସ୍ତାନ ଛାଡ଼ିଲା ମାଇକ୍ରୋସଫ୍ଟ

■ **ୱାସିଂଟନ, ୪ା୭ (ଏଜେନ୍ସି):** ବିଶ୍ୱର ନାମୀ ଟେକ୍ କମ୍ପାନୀ ମାଇକ୍ରୋସଫ୍ଟ ପାକିସ୍ତାନରୁ ତା'ର କାମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ପାକିସ୍ତାନର ବର୍ତ୍ତମାନ ପରିବେଶ ବୈଶ୍ୱିକ କମ୍ପାନୀଙ୍କ ନିମନ୍ତେ ବଡ଼ ଆହ୍ୱାନ ପାଲଟିଛି। ଯାହାର ଫଳ ସ୍ୱରୂପ ମାଇକ୍ରୋସଫ୍ଟକୁ ଏପରି ନିଷ୍ପତ୍ତି ନେବାକୁ ପଡିଛି। ୨୦୦୦ରେ କମ୍ପାନୀ ପାକିସ୍ତାନରେ କାରବାର ଆରମ୍ଭ କରିଥିଲା। ପାଖାପାଖି ୨୫ ବର୍ଷ ପରେ କମ୍ପାନୀ ପାକିସ୍ତାନରୁ ଏହାର କର୍ପୋରେଟ ଅପରେସନ ବନ୍ଦ କରିବାକୁ ଯାଉଛି। ତେବେ ଗତ ୨୫ ବର୍ଷ ହେଲା କାରବାର କରିଆସୁଥିଲେ ବି ମାଇକ୍ରୋସଫ୍ଟ ପାକିସ୍ତାନରେ ତାର ପୂର୍ଣ୍ଣକାଳୀନ କର୍ପୋରେଟ କାର୍ଯ୍ୟାଳୟ ସ୍ଥାପନା କରି ନ ଥିଲା। ପାକିସ୍ତାନର ଶୈକ୍ଷଣିକ, ସରକାରୀ ଓ କର୍ପୋରେଟ କ୍ଷେତ୍ରରେ ମାଇକ୍ରୋସଫ୍ଟର ମଜଭୁତ ପ୍ରଭାବ ▸ପୃଷ୍ଠା-୭

### ଦିଲ୍ଲୀ ଇଞ୍ଜିନର ସଂସ୍ଥା ଉପରେ ରାଜ୍ୟ ଇଞ୍ଜିନର ଭରସା ନାହିଁ

# ପାଣିପାଗ ସୂଚନା ଦେବ ଘରୋଇ ସଂସ୍ଥା

■ **ଭୁବନେଶ୍ୱର, ୪ା୭ (ସମିସ):** ପାଣିପାଗ ପୂର୍ବାନୁମାନ ଓ ଆକଳନ କ୍ଷେତ୍ରରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ସୁଖ୍ୟାତି ସାରା ବିଶ୍ୱରେ ରହିଛି। ଦିଲ୍ଲୀସ୍ଥିତ ଆଇଏମ୍‌ଡି ମୁଖ୍ୟ କାର୍ଯ୍ୟାଳୟ ଓ ପ୍ରତି ରାଜ୍ୟରେ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ପାଣିପାଗ ସମ୍ପର୍କିତ ସମସ୍ତ ପ୍ରକାର ତଥ୍ୟ ଦୀର୍ଘ ବର୍ଷ ହେଲା ଯୋଗାଇ ଦେଇ ଆସୁଛନ୍ତି। ରାଜ୍ୟରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଦୀର୍ଘ ବର୍ଷ ହେବ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରି ଆସୁଛି। ମାତ୍ର ନିକଟରେ ରାଜ୍ୟ ସରକାର ଆଇଏମ୍‌ଡିକୁ ଛାଡ଼ି ଘରୋଇ ପାଣିପାଗ ସଂସ୍ଥା 'ସ୍କାଏମେଟ୍' ଉପରେ ବେଶୀ ଭରସା କରିବା ପରେ ଆଇଏମ୍‌ଡିର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ରାଜ୍ୟରେ ଡବଲ ଇଂଜିନ୍ ସରକାର ଚାଲୁଥିବା ନେଇ ଡିଙ୍ଗୁରା ପିଟାଯାଉଛି। ଡବଲ ଇଂଜିନ୍‌ରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଳିଷ୍ଠ ସମ୍ପର୍କକୁ ଲୋକଙ୍କ ଆଗରେ ପ୍ରତିପାଦନ କରାଯାଉଛି। ମାତ୍ର ଅନ୍ୟପଟେ ଦିଲ୍ଲୀ ଇଞ୍ଜିନ୍‌ର ସରକାରୀ ସଂସ୍ଥାକୁ ଅଣଦେଖା କରି କାହିଁକି ପାଣିପାଗ ସଂକ୍ରାନ୍ତ ତଥ୍ୟ ନିମନ୍ତେ ରାଜ୍ୟ ସରକାର ଘରୋଇ ସଂସ୍ଥା ଉପରେ ଆସ୍ଥା ସ୍ଥାପନ କଲେ, ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।

ବୁଧବାର ପାଣିପାଗ ସୂଚନା ନେଟୱର୍କ ଡାଟା ସିଷ୍ଟମ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଲକ୍ଷ୍ୟ ନେଇ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସ୍କାଏମେଟ୍ ୱେଦର୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ

### ଆଇଏମ୍‌ଡିକୁ ଛାଡ଼ି 'ସ୍କାଏମେଟ୍'କୁ ବାଛିଲେ ରାଜ୍ୟ ସରକାର

ହୋଇଛି। ସଂପୃକ୍ତ ସଂସ୍ଥା ରାଜ୍ୟ ସରକାରଙ୍କୁ ସମୟୋଚିତ ଏବଂ ସଠିକ୍ ପାଣିପାଗ ତଥ୍ୟ ରାଜ୍ୟ ସରକାରଙ୍କୁ ଯୋଗାଇ ଦେବ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଅଟୋମେଟିକ ରେନ ଗଜ୍ ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ଏହି କେନ୍ଦ୍ର ସ୍ଥାପନ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ ପାଣିପାଗ ମନିଟରିଂ ସିଷ୍ଟମ ସୁନିଶ୍ଚିତ କରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। କୃଷି ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିତ ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବେ ବୋଲି ନିଷ୍ପତ୍ତି ହୋଇଛି। ତେବେ ପୂର୍ବରୁ ଏହି କାମ ଆଇଏମ୍‌ଡି କରି ଆସୁଥିଲା। ଆଇଏମ୍‌ଡିର ତଥ୍ୟକୁ ଆଧାର କରି ରାଜ୍ୟ ସରକାର ବିଭିନ୍ନ କୃଷି ଯୋଜନା ସ୍ଥିର କରିବା ସହ ଚାଷୀମାନଙ୍କ ପାଇଁ ରଣନୀତି ପ୍ରସ୍ତୁତ କରୁଥିଲେ। ହେଲେ ସ୍କାଇମେଟ୍ ଏହି ଦାୟିତ୍ୱ ନିର୍ବାହ କରିବ। ▸ପୃଷ୍ଠା-୭

# ଖୋଲିଲା କଲମା; ଫୁଲିଲା ହୀରାକୁଦ

■ **ସମ୍ବଲପୁର, ୪ା୭ (ସମିସ):** ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦର ଜଳସ୍ତର ୬୦୬.୦୨ ଫୁଟ୍ ରହିଥିଲା। ନଦୀବନ୍ଧର ସମସ୍ତ ସ୍ଲୁଇସ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧,୬୨,୬୭୭ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲ-ୱେ, ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୬,୭୮୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଉପରମୁଣ୍ଡରେ ୧୫.୯୯ମିମି ଏବଂ ତଳମୁଣ୍ଡରେ ୫.୧୯ ମିମି ବର୍ଷା ହୋଇଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ସୂଚନାଯୋଗ୍ୟ ଯେ, ଆସନ୍ତା ୬ ତାରିଖ ସକାଳ ୧୦ଟାରେ ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ଚଳିତବର୍ଷ ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ବ୍ୟାରେଜ ଜଳ ଛାଡ଼ିବା ଯୋଗୁଁ ଶୀଘ୍ର



### ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଜଳସ୍ତର ୬୦୬.୦୨ ଫୁଟ୍

### ୬ରେ ଖୋଲିବ ୬ଟି ଗେଟ୍

ନିଷ୍କାସନ କରାଯାଉଥିବା ଅନୁମାନ କରାଯାଇଛି। ଅନ୍ୟପକ୍ଷରେ କଲମା ବ୍ୟାରେଜ୍‌ରେ ୬୬ଟି ଗେଟ୍ ମଧ୍ୟରୁ ୫୪ଟି ଗେଟ୍ ଖୋଲିଥିବା ସୂଚନା ମିଳିଛି। ଉପରମୁଣ୍ଡରେ ବର୍ଷାର ପରିମାଣ ▸ପୃଷ୍ଠା-୭

## ୧୪ ଯାଏଁ ବର୍ଷା

■ **ଭୁବନେଶ୍ୱର, ୪ା୭ (ସମିସ):** ବର୍ତ୍ତମାନ ଉତ୍ତର ଓଡ଼ିଶା ନିକଟବର୍ତ୍ତୀ ଝାଡ଼ଖଣ୍ଡ ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାସହ ଓଡ଼ିଶା ଉପରେ ମୌସୁମୀ ଟ୍ରଫ୍‌ଲାଇନ୍ ମଧ୍ୟ ଗତି କରିଛି। ଏହା ପ୍ରଭାବରେ ପ୍ରାୟ ସମଗ୍ର ରାଜ୍ୟରେ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ସ୍ଥିତି ପର୍ଯ୍ୟାୟକ୍ରମେ ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଆସନ୍ତା ୬ତାରିଖ ବେଳକୁ ଆଉ ଏକ ନୂତନ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଉତ୍ତର ଓଡ଼ିଶା ଦେଇ ଗତି କରିବା ସମ୍ଭାବନା ଥିବା ବେଳେ ▸ପୃଷ୍ଠା-୭

## ପୁରୀ ହେବ ମହାନଗର ନିଗମ

■ **ଭୁବନେଶ୍ୱର, ୪ା୭ (ସମିସ):** ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ପୁରୀ ସହର ଏବଂ ଆଖପାଖ ପଞ୍ଚାୟତକୁ ନେଇ ପୁରୀ ମହାନଗର ନିଗମ ଗଠନ ହେବ। ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ସାତରୁ ଆଠଗୋଟି ପଞ୍ଚାୟତକୁ ମହାନଗର ନିଗମରେ ସାମିଲ କରାଯିବ; ଯାହାଫଳରେ ଏହି ପଞ୍ଚାୟତବାସୀ ସହରୀ ସୁବିଧା ପାଇପାରିବେ। ଆସନ୍ତାକାଲିଠାରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାମ୍ପ୍ରତିକ ସ୍ଥିତିରେ ପୁରୀ ପୌରପାଳିକା ଉଭୟ ଭକ୍ତ ଏବଂ

### ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଓ ଗବେଷଣା କେନ୍ଦ୍ର ପାଇଁ ଯୋଜନା

ସହରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହେଉନାହିଁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ▸ପୃଷ୍ଠା-୭

# ରାଜ୍ୟ ବିଜେପିକୁ ପଡ଼ିଛି ଶନିଦଶା !

## ଅଘଟଣ, ବିବାଦ ୯ ଦିନ ହେଲା ରାଜ୍ୟ ହୁଲସ୍ଥୁଲ


■ **ଭୁବନେଶ୍ୱର, ୪ା୭ (ସମିସ):** ରାଜ୍ୟ ବିଜେପିକୁ ଶନିଦଶା ପଡ଼ିଛି। ରଥଯାତ୍ରାରୁ ବାହୁଡ଼ାଯାତ୍ରା ମଧ୍ୟରେ ଉଭୟ ସରକାର ଓ ସଂଗଠନ ଏକାଧିକ ଅଘଟଣ, ବିଭ୍ରାଟରେ ଛନ୍ଦି ହେବା ସହ ସାଧାରଣରେ ଲଜ୍ଜିତ ହୋଇଛନ୍ତି। ରଥଯାତ୍ରା ଦିନରୁ ଅଘଟଣ ଆରମ୍ଭ ହୋଇଥିବା ବେଳେ ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଭଦ୍ରୋଚିତ, ଅରୁଚିକର ଟିପ୍ପଣୀ ବିଜେପିକୁ ସାଧାରଣରେ ନିନ୍ଦିତ କରିଛି। ଏହା ମଧ୍ୟରେ ଗୁଣ୍ଡିଚା ମନ୍ଦିରରେ ଦଳାଚକଟା ମୃତ୍ୟୁ, ଓଏଏସ ଅଧିକାରୀଙ୍କୁ ବିଜେପି ନେତାଙ୍କ ମରଣାନ୍ତକ ଆକ୍ରମଣ ଘଟଣାରେ ଉଭୟ ସରକାର ଏବଂ ସଂଗଠନ ଏକପ୍ରକାର ଅଣନିଃଶ୍ୱାସୀ। ଦଳୀୟ ନେତା, କର୍ମୀ ଉଭୟ ଆଚରଣ ଏବଂ ଉଚ୍ଚାରଣ

### ରଥଯାତ୍ରା ବିବାଦରୁ ନୀଳଗିରି ବିଧାୟକଙ୍କ ଅଶାଳୀନ ଟିପ୍ପଣୀ ଯାଏଁ

### ନେତାଙ୍କ ବିଶୃଙ୍ଖଳା ଦଳ ଓ ସରକାରଙ୍କୁ କଲାଣି ଅଣନିଃଶ୍ୱାସୀ

ବୋଲ ମାନୁ ନ ଥିବା ବେଳେ ଏହା ଦଳ ପାଇଁ ଆଗାମୀ ଦିନରେ ଆହୁରି ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକ ଆଶଙ୍କା କରୁଛନ୍ତି।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମୋଦକ ଚୋରିରୁ ପୁରୀରେ ରଥଯାତ୍ରା ଅଘଟଣ ଆରମ୍ଭ ହୋଇଥିବା ବେଳେ ତାହା ଏଯାବତ୍ ଥମିବାର ନାଁ ଧରୁନାହିଁ। ରଥଯାତ୍ରା ଦିନ ୩ ରଥ ବିଳମ୍ବରେ ଟଣା ହେବା, ନନ୍ଦିଘୋଷ ରଥ ସନ୍ଧ୍ୟା ପରେ ନୀତି ବିରୋଧରେ ଯାଇ ଟଣାହେବାକୁ ନେଇ ଖୁବ୍ ସମାଲୋଚିତ ହୋଇଥିଲେ ସରକାର। ବିଭ୍ରାଟ ଏତିକିରେ ସମାପ୍ତ ହୋଇ ନ ଥିଲା। ଏହାପର ଦିନ ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଳାଚକଟା କାରଣରୁ ୩ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଗଲା। ଭୟଙ୍କର ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ଏହି ଦଳାଚକଟା ଘଟିଥିବା ବେଳେ ଏହା ବିଶ୍ୱବ୍ୟାପୀ ▸ପୃଷ୍ଠା-୭



## ଆଉ ଆସିବନି 'କାଣ୍ଟା ଲଗା'ର ସିକ୍ୱେଲ



ମୁମ୍ବାଇ, ୪।୭ (ଏଜେନ୍ସି): 'କାଣ୍ଟା ଲଗା' ଗାର୍ଲ ଭାବେ ପରିଚିତ ଶେଫାଳି ଜରିୱାଲାଙ୍କ ମୃତ୍ୟୁ ସମସ୍ତଙ୍କୁ ଗଭୀର ଆଘାତ ଦେଇଛି। ଏବେ 'କାଣ୍ଟା ଲଗା' ଗୀତର ନିର୍ମାତାମାନେ ଏହି ଅଭିନେତ୍ରୀଙ୍କୁ ନିଆରା ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। 'କାଣ୍ଟା ଲଗା' ଗୀତର ଆଉ ସିକ୍ୱେଲ (ପରବର୍ତ୍ତୀ ସଂସ୍କରଣ) ଆସିବ ନାହିଁ ବୋଲି ଘୋଷଣା କରିଛନ୍ତି। ଏହି ଗୀତ କେବଳ ଶେଫାଳିଙ୍କର ହୋଇ ରହିବ। ଏହି ଗୀତର ନିର୍ଦ୍ଦେଶକ ରାଧିକା ରାଓ ଏବଂ ବିନୟ ସପ୍ରୁ କହିଛନ୍ତି ଯେ ଶେଫାଳି ଏକାକୀ 'କାଣ୍ଟା ଲଗା' ଗାର୍ଲ ହୋଇ ରହିବାକୁ ଚାହୁଁଥିଲେ। ତେଣୁ ଏହାର ସିକ୍ୱେଲ ଆଉ ନ ଆଣିବାକୁ ନିଷ୍ପତ୍ତି ନେଇଛୁ। ଏହି ଗୀତ ପାଇଁ ଶେଫାଳିଙ୍କୁ କାହିଁକି ନେଇଥିଲେ ମଧ୍ୟ ସେ କହିଛନ୍ତି। ରାଧିକ ଏବଂ ବିନୟ ଥରେ ଲିଙ୍କିଂ ରୋଡ୍‌ରେ ଏକ ଜଙ୍ଗଲ ରାସ୍ତା ଦେଇ ଯାଉଥିଲେ। ସେ ସମୟରେ ଜଣେ ଯୁବତୀ ନିଜ ମାଆଙ୍କୁ ଛୋଟ ପିଲାଙ୍କ ପରି କାନ୍ଧରେ ପକାଇ ସ୍କୁଟରରେ ରାସ୍ତା ପାର୍ ହେଉଥିଲେ। ଏହା ଦେଖି ଆମେ ସେହି ଯୁବତୀଙ୍କୁ କାଣ୍ଟା ଲଗା ଗୀତ ପାଇଁ ନେବାକୁ ସ୍ଥିର କରିଥିଲୁ।

## ରକିଂ ଜେଜେ ମା'

ଚଣ୍ଡିଗଡ଼, ୪।୭ (ଏଜେନ୍ସି): ବୟସ ୭୭ ବର୍ଷ। କିନ୍ତୁ କାମ ପିଲାଙ୍କ ପରି। ବୟସର ଅପରାହ୍ଣରେ ବି ସେ ଚଳ ଚଞ୍ଚଳ। ନିଜ ଷ୍ଟାଇଲରେ ସେ ଚହଳ ପକାଇ ଦେଇଛନ୍ତି। କେବଳ ରାଜ୍ୟରେ ନୁହେଁ, ଦେଶ ବିଦେଶରେ ବି ନାମ କମାଇଲେଣି। ନିଜ ସାହସିକତା ଏବଂ କଳାକୌଶଳ ପାଇଁ ସୋସିଆଲ ମିଡିଆରେ ସେ ଭାଇରାଲ ହୋଇ ଚାଲିଛନ୍ତି।



ହାତରେ ବାଡ଼ି ଧରିଥିଲେ ବି କାମରେ ଅନେକଙ୍କୁ ମାତ୍ ଦେଇ ଦେଉଛନ୍ତି। ତାଙ୍କୁ ସମସ୍ତେ 'ରକିଂ ଜେଜେ ମା' ଡାକୁଛନ୍ତି। ସେ ହେଉଛନ୍ତି ହରିୟାଣା ସୋନିପତ ସ୍ଥିତ ହୁଲୈଡି ଗ୍ରାମର ବାସିନ୍ଦା ସାବୋ ଦେବୀ। ସେ ପ୍ରତ୍ୟେକ ଦିନ ୧୫ ଫୁଟ ଗଭୀର କେନାଲକୁ ପୋଲରୁ ଡେଉଁଛନ୍ତି। ସେ ହରିଦ୍ୱାରରେ ହରକି ପୈଡିରୁ ପହଁରି ଗଙ୍ଗା ପାର କରି ସାରିଛନ୍ତି। ଏହି ବୟସରେ ବି ସେ ସବୁ ଆହ୍ୱାନକୁ ସ୍ୱୀକାର କରୁଛନ୍ତି। ସେ ଅନେକ ଘଣ୍ଟା ପର୍ଯ୍ୟନ୍ତ ବରଫ ପାଣିରେ ଶୋଇ 'ବରଫ ଚ୍ୟାଲେଞ୍ଜ' ମଧ୍ୟ ସ୍ୱୀକାର କରିଛନ୍ତି। ସେ ପହଁରି ନାତି ସହିତ ୨ ଶିଶୁଙ୍କ ମଧ୍ୟ ଜୀବନ ବଞ୍ଚାଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ତ୍ରିନିଦାଦ ଆଣ୍ଡ ଟୋବାଗୋର ସର୍ବୋଚ୍ଚ ସମ୍ମାନ



ପୋର୍ଟ ଅଫ୍ ସ୍ପେନ, ୪।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତ୍ରିନିଦାଦ୍ ଆଣ୍ଡ ଟୋବାଗୋର ସର୍ବୋଚ୍ଚ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି କ୍ରିଷ୍ଟିନ କଙ୍ଗାଲୁ ଶୁକ୍ରବାର ମୋଦୀଙ୍କୁ 'ଦ ଅର୍ଡର ଅଫ୍ ଦ ରିପବ୍ଲିକ ଅଫ୍ ତ୍ରିନିଦାଦ୍ ଆଣ୍ଡ ଟୋବାଗୋ' ସମ୍ମାନ ପ୍ରଦାନ କରିଛନ୍ତି। ପ୍ରଥମ ବିଦେଶୀ ନେତା ଭାବେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନ ଦିଆଯାଇଛି। ଏଥିପାଇଁ ମୋଦୀ ତ୍ରିନିଦାଦର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ କମଲା ପରଦାସ-ବିସେସରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏ ପର୍ଯ୍ୟନ୍ତ ମୋଦୀଙ୍କୁ ୨୫ ଦେଶ ନିଜ ସର୍ବୋଚ୍ଚ ସମ୍ମାନ ଦେଇ ସମ୍ମାନିତ କଲେଣି। ଏହା ପୂର୍ବରୁ ମୋଦୀଙ୍କୁ ଘାନା ମଧ୍ୟ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିଥିଲା।

## ତାଲିବାନ ସରକାରଙ୍କୁ ରୁଷ୍‌ର ମାନ୍ୟତା

କାବୁଲ/ମସ୍କୋ, ୪।୭(ଏଜେନ୍ସି): ଆଫଗାନିସ୍ତାନର ତାଲିବାନ ସରକାରଙ୍କୁ ରୁଷିଆ ଆନୁଷ୍ଠାନିକ ଭାବେ ମାନ୍ୟତା ପ୍ରଦାନ କରିଛି। ବିଶ୍ୱର ପ୍ରଥମ ଦେଶ ଭାବେ ରୁଷିଆ ଏହି ମାନ୍ୟତା ପ୍ରଦାନ କରିଛି। ଗୁରୁବାର ରାଜଧାନୀ କାବୁଲ୍‌ରେ ଆଫଗାନ ବିଦେଶମନ୍ତ୍ରୀ ଅମୀର ଖାନ ମୁତାକି ଓ ଆଫଗାନିସ୍ତାନର ରୁଷ୍ ରାଜଦୂତ ଦିମିତ୍ରି ଝିରନୋଭ ଏକ ବୈଠକରେ ମିଳିତ ହୋଇ ଏହି ଘୋଷଣା କରିଛନ୍ତି। ରୁଷ୍‌ର ଏହି ନିଷ୍ପତ୍ତିକୁ ତାଲିବାନ ସରକାର ଏକ ସାହସିକ ପଦକ୍ଷେପ ବୋଲି ଘୋଷଣା କରିଛି। ରୁଷ୍ ପରେ ଏବେ ଅନ୍ୟଦେଶମାନେ ମଧ୍ୟ ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରିବେ ଓ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ତାଲିବାନ ସରକାରଙ୍କ ତରଫରୁ କୁହାଯାଇଛି।

## ଗ୍ୟାସ୍ ଡିପୋରେ ବିସ୍ଫୋରଣ

ରୋମ, ୪।୭(ଏଜେନ୍ସି): ଇଟାଲୀ ରାଜଧାନୀ ରୋମର ଏକ ଗ୍ୟାସ ଡିପୋରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୨୧ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ପରେ ନିଆଁର ଏକ ପିଣ୍ଡୁଳା ଆକାଶରେ ଦେଖିବାକୁ ମିଳିଥିଲା। ସ୍ଥାନୀୟ ସମୟ ଅନୁସାରେ ସକାଳ ୮ଟାରେ ଏହି ବିସ୍ଫୋରଣ ଘଟିଥିଲା ଓ ଘଟଣାସ୍ଥଳରୁ ୩୦୦ ମିଟର ପର୍ଯ୍ୟନ୍ତ ଧୂଆଁ ଓ ପାଉଁଶ ବିଛାଡି ହୋଇ ପଡ଼ିଥିଲା। ଏହି ଡିପୋରେ ଗୋଟିଏ ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା।

## ସାନିଟାରୀ ପ୍ୟାଡ୍‌ରେ ରାହୁଲଙ୍କ ଫଟୋକୁ ନେଇ ବିବାଦ

ପାଟନା, ୪।୭ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ରାଜ୍ୟରେ ୫ ଲକ୍ଷ ମହିଳାଙ୍କୁ ସାନିଟାରୀ ପ୍ୟାଡ ବାଣ୍ଟିବାକୁ ନିଷ୍ପତ୍ତି ନେଇଛି। ଏହି ସାନିଟାରୀ ପ୍ୟାକେଟରେ ରାହୁଲ ଗାନ୍ଧୀଙ୍କ ଫଟୋ ରହିଛି। ତେଣୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ପ୍ୟାକେଟରେ ଲେଖା ହୋଇଛି ଯେ 'ମାଇ-ବନି ମାନ ଯୋଜନା, ଅଭାବୀ ମହିଳାଙ୍କୁ ମାସକୁ ୨୫୦୦ ଟଙ୍କା ପ୍ରୋତ୍ସାହନ'। ବିହାର କଂଗ୍ରେସ ଅଧ୍ୟକ୍ଷ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ ଏହି ସୂଚନା ଦେଇଥିଲେ। ତେବେ ଏହା ବିହାର ମହିଳାଙ୍କ ପ୍ରତି ଅପମାନ ବୋଲି ବିଜେପି ପକ୍ଷରୁ କୁହାଯାଇଛି। ଦଳୀୟ ପ୍ରବକ୍ତା ଅଜୟ ଆଲୋକ କହିଛନ୍ତି ଯେ ଜାଣିଶୁଣି ଏଭଳି ଘୃଣ୍ୟ କାମ କରାଯାଉଛି।

### ଅପରେସନ ସିନ୍ଦୂର

# 'ସୀମାରେ ତିନି ଶତ୍ରୁ ସହ ଲଢ଼ିଥିଲା ଭାରତ'



ନୂଆଦିଲ୍ଲୀ, ୪।୭(ଏଜେନ୍ସି): ଅପରେସନ ସିନ୍ଦୂର ନେଇ ଭାରତୀୟ ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ରାହୁଲ ଆର ସିଂ ବଡ଼ ମନ୍ତବ୍ୟ ଦେଇଛନ୍ତି। ୪ ଦିନର ଏହି ଛୋଟିଆ ଯୁଦ୍ଧରେ ଭାରତ ଗୋଟିଏ ସୀମାରେ ତିନି ଶତ୍ରୁ ଦେଶ ସହ ଲଢିଥିଲା ବୋଲି ସେ ଶୁକ୍ରବାର କହିଛନ୍ତି। ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ହୋଇଥିଲା। ତେବେ ଚୀନ୍ ଓ ତୁର୍କୀ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ସହ ବାକି ଯୁଦ୍ଧ ସରଞ୍ଜାମ ଯୋଗାଇଥିଲା। ଚୀନ ପାକିସ୍ତାନକୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଦେଇଥିଲା ଓ ଭାରତ ବିପକ୍ଷରେ ଏହାର ପରୀକ୍ଷା କରାଇଥିଲା। ଭାରତକୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣର ପ୍ରୟୋଗଶାଳା ଭାବେ ଚୀନ୍ ବ୍ୟବହାର କରିଥିଲା। ଯଦିଓ ଏହି ଚାଲ ବିଫଳ ହୋଇଥିଲା। ଚୀନ୍ ଭାରତର ପ୍ରତ୍ୟେକ ରଣନୀତି ଓ ପଦକ୍ଷେପର ଲାଇଭ ଅପଡେଟ ପାକିସ୍ତାନ ସହ ସେୟାର କରୁଥିଲା। ସେହିପରି ତୁର୍କୀ ମାନବ ବିହୀନ ଉଡନ୍ତା ଯାନ ସହ ଡ୍ରୋନ ପାକିସ୍ତାନକୁ ଯୋଗାଇଥିଲା ଓ ଏଗୁଡିକ ଭାରତ ବିରୋଧରେ ପାକିସ୍ତାନ ପୂରା ଦମ୍‌ରେ ବ୍ୟବହାର କରିଥିଲା। ନୂଆଦିଲ୍ଲୀର ଏଫ୍‌ଆଇସିସିଆଇ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ନ୍ୟୁ ଏଜ ମିଲେଟ୍ରି ଟେକ୍ନୋଲୋଜିସ' ଇଭେଣ୍ଟରେ ଯୋଗ ଦେଇ ରାହୁଲ ଆର ସିଂ ଏହି କଥା କହିଛନ୍ତି।


- ଆହୁରି ଶକ୍ତିଶାଳୀ ଏୟାର ଡିଫେନ୍ସ ସିଷ୍ଟମ ଆବଶ୍ୟକ
- ଚୀନ ଅସ୍ତ୍ରଶସ୍ତ୍ରର ପ୍ରୟୋଗଶାଳା ଥିଲା ଯୁଦ୍ଧ
- ପାକିସ୍ତାନକୁ ଡ୍ରୋନ ଯୋଗାଇଥିଲା ତୁର୍କୀ

ଅପରେସନ ସିନ୍ଦୂରରୁ ଆମେ ଏକାଧିକ ଅଭିଜ୍ଞତା ଓ ଶିକ୍ଷା ହାସଲ କରିବାରେ ସକ୍ଷମ ହୋଇଛୁ। ଏହି ଛୋଟିଆ ସଂଘର୍ଷରେ ଆମେ ଆଧୁନିକ ଯୁଦ୍ଧର କଳା ଶିକ୍ଷା ହାସଲ କରଛୁ। ଆହୁରି ଶକ୍ତିଶାଳୀ ଏୟାର ଡିଫେନ୍ସ ସିଷ୍ଟମର ଆବଶ୍ୟକତା ଅଛି ବୋଲି ଆମେ ହୃଦୟଙ୍ଗମ କରିଛୁ। ଏବେ ଭାରତ ଆଉ କୌଣସି ଆଘାତକୁ ବରଦାସ୍ତ କରିବ ନାହିଁ। ମୋଟ୍ ୨୧ଟି ଟାର୍ଗେଟକୁ ଆମେ ଚିହ୍ନିତ କରିଥିଲୁ। ଏଥିମଧ୍ୟରୁ ଆମେ ୯ଟି ନିଶାଣ କରିଥିଲୁ। ଶେଷ ମୁହୂର୍ତ୍ତରେ ଏହି ୯ଟି ଟାର୍ଗେଟ୍‌ରେ ମିସାଇଲ ମାଡ୍ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ କହିଛନ୍ତି। ଏବେ ଆହୁରି ଅଧିକ ଏୟାର ଡିଫେନ୍ସ ସିଷ୍ଟମ, କାଉଣ୍ଟର-ରକେଟ ଆର୍ଟିଲାରୀ ଡ୍ରୋନ୍ ଭଳି ଗୁରୁତ୍ୱପୂର୍ଣ୍ଣ ସିଷ୍ଟମ ପ୍ରସ୍ତୁତ କରିବାକୁ ହେବ ଓ ଆମକୁ ଦ୍ରୁତଗତିରେ ଆହୁରି ଆଗକୁ ବଢ଼ିବାକୁ ହେବ। ଇସ୍ରାଏଲ ପାଖରେ ଆଇରନ ଡୋମ୍ ଡିଫେନ୍ସ ସିଷ୍ଟମ ଓ ଅନ୍ୟ ଡିଫେନ୍ସ ସିଷ୍ଟମ ଅଛି। ଭାରତ ବିଶାଳ ହୋଇଥିବାରୁ ଆମ ପାଖରେ ଏଭଳି ସୁବିଧା ନାହିଁ। ଏଭଳି ସୁବିଧା ହାସଲ କରିବାକୁ ହେଲେ ବହୁତ ଅର୍ଥ ବ୍ୟୟ କରିବାକୁ ହେବ। ଫଳରେ ଆମକୁ ଆହୁରି ଆଗକୁ ବଢ଼ିବାକୁ ହେବ ବୋଲି ସେ କହିଛନ୍ତି।

ଉଲ୍ଲେଖଥାଉ କି, ଜମ୍ମୁର ପହଲଗାମ୍‌ରେ ପାକିସ୍ତାନର ପ୍ରାୟୋଜିତ ଆତଙ୍କବାଦୀମାନେ ଏପ୍ରିଲ ୨୨ରେ ଆକ୍ରମଣ କରି ୨୬ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଗୁଳି କରି ହତ୍ୟା କରିଥିଲେ। ଏଥିରେ ହିନ୍ଦୁ ଧର୍ମକୁ ହିଁ ଟାର୍ଗେଟ କରାଯାଇଥିଲା। ଏହାର ଜବାବରେ ଭାରତ ଅପରେସନ ସିନ୍ଦୂର ମେ ୭ରେ ଆରମ୍ଭ କରିଥିଲା। ପାକିସ୍ତାନର ୯ଟି ଆତଙ୍କୀ ଠିକଣାରେ ମିସାଇଲ ମାଡ କରି ଭାରତ ଅତିକମ୍‌ରେ ୧୦୦ ଆତଙ୍କବାଦୀଙ୍କୁ ନିପାତ କରିଥିଲା। ତେବେ ମେ ୧୦ ସନ୍ଧ୍ୟା ୫ଟରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଘୋଷିତ ହୋଇଥିଲା।

## ବିବାଦୀୟ ନୁହଁ ମଥୁରାର ଶାହି ଇଦ୍‌ଗାହ ମସଜିଦ୍: ହାଇକୋର୍ଟ

ପ୍ରୟାଗରାଜ, ୪।୭(ଏଜେନ୍ସି): ମଥୁରାର ଶ୍ରୀକୃଷ୍ଣ ଜନ୍ମଭୂମି ଓ ଶାହି ଇଦ୍‌ଗାହ ମସ୍‌ଜିଦ୍ ବିବାଦ ଏବେ ନୂଆ ମୋଡ ନେଇଛି। ମଥୁରାର ଶାହି ଇଦ୍‌ଗାହ ମସଜିଦ୍‌ର ବିବାଦୀୟ ଢାଞ୍ଚା ବିବାଦୀୟ ନୁହେଁ ବୋଲି କୋର୍ଟ କହିଛନ୍ତି। ଫଳରେ ଏହି ମାମଲାରେ ହିନ୍ଦୁ ପକ୍ଷକୁ ବଡ଼ ଝଟ୍‌କା ଲାଗିଛି। ଏହି ଢାଞ୍ଚାକୁ ବିବାଦୀୟ ବୋଲି ଘୋଷଣା କରିବାକୁ କୋର୍ଟ ମନା କରିଦେଇଛନ୍ତି। ଗତ ଶୁଣାଣିରେ ଦୁଇପକ୍ଷ ମଧ୍ୟରେ ଜବରଦସ୍ତ ତର୍କ ହୋଇଥିଲା ଓ କୋର୍ଟ ଏହି ମାମଲାର ରାୟକୁ ସଂରକ୍ଷିତ ରଖିଥିଲେ। ଜଷ୍ଟିସ ରାମ ମନୋହର ନାରାୟଣ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ତେବେ ଏହି ରାୟ ଅନ୍ୟ ଆବେଦନଗୁଡିକ ଉପରେ କୌଣସି



ପ୍ରଭାବ ପକାଇବା ନାହିଁ। କିନ୍ତୁ ଶାହି ଇଦ୍‌ଗାହ ମସଜିଦ ପକ୍ଷ ଏହାକୁ ଏକ ବଡ଼ ବିଜୟ ବୋଲି ଅବିହିତ କରିଛି। ଅଗଷ୍ଟ ୨ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ଓ ଏବେ ଏହା ଉପରେ ସମସ୍ତଙ୍କ ନଜର ରହିଛି। ଶ୍ରୀକୃଷ୍ଣ ଜନ୍ମଭୂମୀ ଉପରେ ଅବସ୍ଥିତ ଅତି ପ୍ରାଚୀନ ମନ୍ଦିରକୁ ଭାଙ୍ଗି ୧୬୭୦ରେ ଔରଙ୍ଗଜେବ୍ ଏହି ମସଜିଦ ନିର୍ମାଣ କରିଥିଲେ ବୋଲି ହିନ୍ଦୁ ପକ୍ଷ ଦାବି କରିଆସୁଛନ୍ତି। ଗତ ମାର୍ଚ୍ଚ ୫ରେ ଏ ନେଇ ଏହି ଢାଞ୍ଚାକୁ ବିବାଦିତ ବୋଲି ଘୋଷିତ କରିବା ପାଇଁ ପିଟିସନ ଦାଏର କରାଯାଇଥିଲା। ମେ ୨୩ରେ ଏ ନେଇ ଦୁଇ ପକ୍ଷ ମଧ୍ୟରେ ତର୍କ ଶେଷ ହୋଇଥିଲା।

## ୟୁକ୍ରେନ ଉପରେ ରୁଷିଆର ୫୫୦ ମିସାଇଲ, ଡ୍ରୋନ ମାଡ଼

ମସ୍କୋ, ୪।୭(ଏଜେନ୍ସି): ରୁଷିଆ ଶୁକ୍ରବାର ସକାଳେ ୟୁକ୍ରେନ ଉପରେ ପୁଣି ଜୋର୍‌ଦାର୍ ଆକ୍ରମଣ କରି ୫୫୦ ମିସାଇଲ ଓ ଡ୍ରୋନ ମାଡ଼ କରିଛି। ତେବେ ଏଥିମଧ୍ୟରୁ ୨୭୦ ମିସାଇଲ୍‌କୁ ଆକାଶରେ ହିଁ ନିଷ୍କ୍ରିୟ କରାଯାଇଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ଦାବି କରିଛନ୍ତି। ସେହିପରି ୩୩୦ ଡ୍ରୋନ ମଧ୍ୟରୁ ୨୦୮ଟିକୁ ଇଲେକଟ୍ରୋନିକ ସିଷ୍ଟମ ମାଧ୍ୟମରେ ନିଷ୍କ୍ରିୟ କରିଦିଆଯାଇଛି ବୋଲି ସେ କହିଛନ୍ତି। ଏହି ଡ୍ରୋନଗୁଡିକ ଇରାନରେ ତିଆରି ହୋଇଥିଲା। ୟୁକ୍ରେନ ରାଜଧାନୀ କିଭ୍‌କୁ ଲକ୍ଷ୍ୟ କରି ଏହି ଡ୍ରୋନ ଓ ମିସାଇଲ ଛଡା ଯାଇଥିଲା। କିଭ୍ ବ୍ୟତୀତ ଖାର୍କିଭ୍, ସୁମୀ, ଦନିପ୍ରୋ, ଚୋନିହିବ ସହର ଓ ଆଖାପାଖ ଅଞ୍ଚଳରେ କ୍ଷୟକ୍ଷତି ହୋଇଛି। ଏହି ଆକ୍ରମଣରେ ଅତିକମ୍‌ରେ ୨୩ ଜଣ ଲୋକ



ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଆକ୍ରମଣରେ କିଭ୍‌ର ଆପାର୍ଟମେଣ୍ଟ ବିଲ୍ଡିଂ, ଦୋକାନ, ଗୋଟିଏ ସ୍କୁଲ, ଗୋଟିଏ ହସ୍ପିଟାଲ, ରେଳ ଲାଇନ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମୀ କ୍ଷତିଗ୍ରସ୍ତ ହୋଇଛି ବୋଲି କୁହାଯାଇଛି। ରୁଷିଆର ଏହି ଆକ୍ରମଣ ଜୁଲାଇ ୩ ରାତି ୧୦ଟାରୁ ଆରମ୍ଭ ହୋଇ ୪ ତାରିଖ ସକାଳ ପର୍ଯ୍ୟନ୍ତ ଜାରି ରହିଥିଲା।

## ସଂକ୍ରମଣ ଚିକିତ୍ସା କରାଇବାକୁ ଯାଇ ଗୁପ୍ତାଙ୍ଗ ହରାଇଲେ

ଗୌହାଟୀ, ୪।୭(ଏଜେନ୍ସି): ଆସାମର କଚର ଜିଲ୍ଲାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୨୮ ବର୍ଷୀୟ ଜଣେ ବ୍ୟକ୍ତି ସଂକ୍ରମଣର ଚିକିତ୍ସା କରିବାକୁ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଡାକ୍ତର ତାଙ୍କ ଗୁପ୍ତାଙ୍ଗ କାଟି ଦେଇଥିବାର ଅଭିଯୋଗ ହୋଇଛି। ଏହି ବ୍ୟକ୍ତି ଜଣକ ହେଉଛନ୍ତି ମଣିପୁର ରାଜ୍ୟର ଜିରିବାମ୍ ଜିଲ୍ଲାର ଅତିକୁର ରହମାନ। ଗୁପ୍ତାଙ୍ଗରେ ସଂକ୍ରମଣ କାରଣରୁ ଜୁନ୍ ୧୯ରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ବାୟୋପସୀ ଟେଷ୍ଟ ହୋଇଥିଲା। ତେବେ ପରାମର୍ଶ ବିନା ଡାକ୍ତର ତାଙ୍କ ଗୁପ୍ତାଙ୍ଗକୁ କାଢି ନେଇଥିଲେ। ଏ ନେଇ ପୁଲିସ୍‌ରେ ସେ ଅଭିଯୋଗ କରିଛନ୍ତି। ହସ୍ପିଟାଲ ତରଫରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ଏବେ ମୋର ଜୀବନ ଶେଷ ହୋଇଛି ବୋଲି ରହମାନ କହିଛନ୍ତି। ଏ ନେଇ ସେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ କରିଛନ୍ତି।

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

## ଭଗବାନଙ୍କୁ ନ୍ୟାୟରେ ଦେଖନ୍ତୁ; ନ୍ୟାୟଧୀଶଙ୍କଠାରେ ନୁହେଁ

ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ଏକ ମନ୍ଦିର ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ବିଚାରପତିଙ୍କଠାରେ ନୁହେଁ, ବରଂ ନ୍ୟାୟରେ ଭଗବାନଙ୍କୁ ଦେଖନ୍ତୁ ବୋଲି ଜଷ୍ଟିସ ଏମଏମ ସୁନ୍ଦରେଶ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି।



ଏହି ମାମଲା ଲଢୁଥିବା ଓକିଲ ଓହରିବା ପାଇଁ ଅନୁମତି ମାଗିଥିଲେ। ଆବେଦନକାରୀ ସହଯୋଗ କରୁ ନ ଥିବା କହିଥିଲେ। ଏହା ସହିତ ଗୁରୁତର ଅଭିଯୋଗ ଲଗାଇ ଓକିଲଙ୍କୁ ଆଇନଗତ ନୋଟିସ ପଠାଇ ଥିଲେ। ନୋଟିସରେ କୁହାଯାଇଥିଲା ଯେ ଓକିଲଙ୍କ ମାଧ୍ୟମରେ ବିଚାରପତିଙ୍କୁ ଫସା ଯାଉଛି। ଏହା ଉପରେ ଜଷ୍ଟିସ ସୁନ୍ଦରେଶ କହିଥିଲେ ଯେ ବିଚାରପତି ସରକାରୀ ଚାକିରିଆ ହୋଇଥାନ୍ତି। ଆମଠାରେ ଭଗବାନଙ୍କୁ ଦେଖନାହିଁ। ଦୟାକରି ନ୍ୟାୟରେ ଭଗବାନଙ୍କୁ ଦେଖନ୍ତୁ। ଏହା ସହିତ କୋର୍ଟ ଓକିଲଙ୍କୁ ମାମଲାରୁ ହଟିବା ପାଇଁ ଅନୁମତି ଦେଇଥିଲେ।

### ଅହମଦାବାଦ ବିମାନ ଦୁର୍ଘଟଣା

## କ୍ଷତିପୂରଣ ଦେବାକୁ ଏୟାର ଇଣ୍ଡିଆ କୁଣ୍ଠିତ

ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ଏୟାର ଇଣ୍ଡିଆ ଏବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ କୁଣ୍ଠିତ ହେଉଛି ଓ ଏଥିରୁ ବଞ୍ଚିବାକୁ ଚାହୁଁଛି। ଏନେଇ ୪୦ଟିରୁ ଅଧିକ ପୀଡିତ ପରିବାରର କେସ ଲଢୁଥିବା ବ୍ରିଟେନର ଆଇନଗତ ତଥା ଲ ଫାର୍ମ ଷ୍ଟିୱାର୍ଟ ଅଭିଯୋଗ କରିଛି। ଷ୍ଟିୱାର୍ଟ ୪୦ରୁ ଅଧିକ ପୀଡିତ ପରିବାର ପାଇଁ କେସ ଲଢୁଛି। ଏୟାର ଇଣ୍ଡିଆ ପୀଡିତ ପରିବାର ସଦସ୍ୟଙ୍କଠାରୁ ଆଇନଗତ ଉପାୟରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସ୍ଥିତି ସମ୍ପର୍କରେ ସୂଚନା ମାଗୁଛି ବୋଲି ଷ୍ଟୁଆର୍ଟର ଓକିଲ ପିଟର ନିନାନ କହିଛନ୍ତି। ଏହା ଦ୍ୱାରା କ୍ଷତିପୂରଣର ପରିମାଣ କମ୍ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏୟାର ଇଣ୍ଡିଆ ପୀଡିତ ପରିବାରର ସଦସ୍ୟଙ୍କୁ ଅନୈତିକ ଓ ଅପମାନଜନକ ବ୍ୟବହାର କରୁଛି। ଏହି କ୍ରମରେ ଏୟାର ଇଣ୍ଡିଆ ୧୦୫୦ କୋଟି ଟଙ୍କା ବଞ୍ଚାଇବାକୁ ଚାହୁଁଛି ବୋଲି ସେ କହିଛନ୍ତି। ଏହି ମାମଲାର ଯାଞ୍ଚ ହେବା ଜରୁରୀ। ସେ ନିଜର କ୍ଲାଏଣ୍ଟମାନଙ୍କୁ ଫର୍ମ ପୂରଣ ନ କରିବାକୁ ଓ କ୍ଷତିପୂରଣ ପାଇବାକୁ ଆଇନଗତ ମାର୍ଗରେ ଯିବାକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ଏହି ଅଭିଯୋଗକୁ ଏୟାର ଇଣ୍ଡିଆ ପ୍ରତ୍ୟାଖାନ କରିଛି। ଉଲ୍ଲେଖଥାଉ କି, ଜୁନ୍ ୧୨ରେ ଘଟିଥିବା ବିମାନ ଦୁର୍ଘଟଣାରେ ୨୭୫ଜଣ ପ୍ରାଣ ହରାଇଥିଲେ। ବିମାନରେ ୨୪୨ ଜଣ ଯାତ୍ରୀ ଥିଲେ। ଜଣେ ଯାତ୍ରୀ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ। ବିମାନ ଯେଉଁ ମେଡିକାଲ ହଷ୍ଟେଲ ଉପରେ ପଡ଼ିଥିଲା ସେଠାରେ ୨୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଟେକ୍‌ଅଫ୍ କରିବାର ମାତ୍ର କେତେ ସେକେଣ୍ଡ ପରେ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା।

### ଚେତାବନୀ ଦେଲା ଡିଜିସିଏ

ଭାରତୀୟ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିଭିନ୍ନ ସମସ୍ୟା ନେଇ ଏୟାର ଇଣ୍ଡିଆକୁ ଚେତାବନୀ ଦେଇଛି। ଏୟାର ବସ ଏ୩୨୦ର ଇଞ୍ଜିନକୁ ଠିକ୍ ଟାଇମ୍‌ରେ ମରାମତି ତଥା ବଦଳ ନଯିବା, ଏ ନେଇ ରେକର୍ଡରେ ଠକାମୀକୁ ନେଇ ଏୟାର ଇଣ୍ଡିଆକୁ ସତର୍କ କରାଇଦିଆଯାଇଛି। ପୂର୍ବରୁ ଏ ନେଇ ୟୁରୋପିଆନ ୟୁନିୟନ ସେଫ୍ଟି ଏଜେନ୍ସି ୨୦୨୩ରେ ଅସୁରକ୍ଷିତ ବିମାନ ଯାତ୍ରା ନେଇ ସତର୍କ କରାଇଥିଲା। ଠିକ୍ ସମୟରେ ଇଞ୍ଜିନକୁ ବଦଳାଇବା ଉପରେ ଏହି ଏଜେନ୍ସି ଗୁରୁତ୍ୱ ଦେଇଥିଲା।

# ୪୨ ବର୍ଷର ଆଇନଗତ ଲଢ଼େଇ ପରେ ମିଳିଲା ନ୍ୟାୟ

ଜବଲପୁର, ୪।୭ (ଏଜେନ୍ସି): ଭାରତୀୟ ନ୍ୟାୟିକ ବ୍ୟବସ୍ଥାର କରୁଣ ଚିତ୍ର ମଧ୍ୟପ୍ରଦେଶରୁ ସାମ୍‌ନାକୁ ଆସିଛି। ଅନ୍ୟାୟର ଶିକାର ହୋଇଥିବା ଜଣେ ଶିକ୍ଷକଙ୍କୁ ନ୍ୟାୟ ମିଳିବାକୁ ୪୨ ବର୍ଷ ଲାଗି ଯାଇଛି। ୪୪ ବର୍ଷରେ ଭୁଲ୍ ନ କରି ଦଣ୍ଡ ମିଳିଥିବାଲେ ୮୬ ବର୍ଷରେ ତାଙ୍କୁ ଆଶ୍ୱସ୍ତି ମିଳିଛି। ଦୀର୍ଘ ବର୍ଷର ଆଇନଗତ ଲଢେଇ, ସାମାଜିକ ଉପେକ୍ଷା ଏବଂ ଉତ୍କଟ ଆର୍ଥିକ ସ୍ଥିତିରେ ପଡ଼ି ମଧ୍ୟ ବୈତୁଲ ଜିଲ୍ଲାର ଏହି ବୃଦ୍ଧ ଶିକ୍ଷକ ମାନକରାମ ସୂର୍ଯ୍ୟବଂଶୀ ନ୍ୟାୟ ପାଇଁ ଲଢେଇ କରି ଚାଲିଥିଲେ। ହାର୍ ନ ମାନି ସଂଘର୍ଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଚାରି ଦଶନ୍ଧି ହେଲା କୋର୍ଟକୁ ଧାଇଁଥିଲେ। ଏବେ ହାଇକୋର୍ଟଙ୍କ ରାୟ ତାଙ୍କୁ ନ୍ୟାୟ ଦେଇଛି। ୧୯୮୩ରେ ଗୁରୁତର ଅଭିଯୋଗ ଲାଗିବା ପରେ ତାଙ୍କୁ ଚାକିରିରୁ ବରଖାସ୍ତ କରି ଦିଆଯାଇଥିଲା। ସେତେବେଳକୁ ତାଙ୍କୁ ୪୪ ବର୍ଷ ହୋଇଥିଲା। ପେନ୍‌ସନ୍ ମଧ୍ୟ ଅଟକାଇ ଦିଆଯାଇଥିଲା। ଆର୍ଥିକ ସ୍ଥିତି ବିଗିଡିବାରୁ ପୈତୃକ ଘର ଏବଂ ଅଢେଇ ଏକର ଜମି ବି ବିକିବାକୁ ପଡ଼ିଥିଲା। ହାଇକୋର୍ଟରେ ୨୩ ବର୍ଷ ମାମଲା ପଡି ରହିବା ପରେ ଗତ ୨୫ ତାରିଖରେ ତାଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ଏବେ ବିନା ନୋଟିସ୍‌ରେ ବରଖାସ୍ତ କରିଥିବାରୁ ଶିକ୍ଷା ବିଭାଗ ବିରୋଧରେ ମାମଲା ଦାଏର କରିବେ।

- ୩,୫୯୬ ଟଙ୍କା ପାଇଁ ବହିଷ୍କାର କରିଥିଲା ଶିକ୍ଷା ବିଭାଗ



ମାନକରାମ ୧୯୭୨ରେ ବୈତୁଲାରେ ଥିବା ସରକାରୀ ସ୍କୁଲ ରତେଡାରେ ନିଯୁକ୍ତି ପାଇଥିଲେ। ସେ ପିଲାଙ୍କୁ ପଢ଼ାଇବା ସହିତ ପୋଷ୍ଟ ଅଫିସରେ ଏଜେଣ୍ଟ ଭାବେ କାମ କରୁଥିଲେ। ଏଥିପାଇଁ ତାଙ୍କୁ କମିଶନ ମିଳୁଥିଲା। ଦୂରରେ ଡାକଘର ଥିବାରୁ ମାନକରାମ ସପ୍ତାହକୁ ଥରେ ଯାଇ ଡାକ ଘରେ ଟଙ୍କ ଜମା କରି ଆସୁଥିଲେ। ୧୯୮୪ରେ ରତେଡା ଗ୍ରାମର ଚାଷୀ କହ୍ନେୟା ସାହୁ ତାଙ୍କୁ ୩,୫୯୬ ଟଙ୍କା ଜମା କରିବାକୁ ଦେଇଥିଲେ। ଦୁଇ ଦିନ ପରେ ଜରୁରୀ ଥିବାରୁ କହ୍ନେୟା ଟଙ୍କା ଉଠାଇବା ପାଇଁ ଡାକଘରକୁ ଯାଇଥିଲେ। କିନ୍ତୁ ସେଠରେ ଟଙ୍କା ଜମା ହୋଇ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଏତଲା ଦେଇଥିଲେ। ପୁଲିସ ମାନକରାମଙ୍କ ବିରୋଧରେ ଏତଲା ରୁଜୁ କରିଥିଲା। ୧୯୯୩ ଜାନୁଆରୀ ୨୮ରେ ସେସନ କୋର୍ଟ 'କୋର୍ଟ ଉଠିବା ପର୍ଯ୍ୟନ୍ତ' ତାଙ୍କୁ ଦଣ୍ଡ ଶୁଣାଇ ଥିଲେ। କିନ୍ତୁ ମାନକରାମ ଏହି ରାୟକୁ ଏଡିଜେ କୋର୍ଟରେ ବିରୋଧ କରିଥିଲେ। ମାତ୍ର ୨୦୦୦ ମସିହା ସେପ୍ଟେମ୍ବରରେ ଏଡିଜେ କୋର୍ଟ ପୂର୍ବର ରାୟକୁ କାଏମ ରଖିଥିଲେ। ପରେ ଏହାକୁ ବିରୋଧ କରି ମାନକରାମ ସେହି ବର୍ଷ ମଧ୍ୟପ୍ରଦେଶ ହାଇକୋର୍ଟ ଯାଇଥିଲେ। ୨୦୨୫ରେ ଏହି ମାମଲାର ଶୁଣାଣି ହୋଇଛି। ଆବେଦନକାରୀଙ୍କ ଓକିଲ ମୋହନ ଶର୍ମା କହିଛନ୍ତି ଯେ ବିନା କୌଣସି ଆଧାରରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। କାରଣ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କୌଣସି ପ୍ରମାଣ ନ ଥିଲା। ବ୍ୟାଙ୍କବାଲା ପାସ୍‌ବୁକ ଏବଂ ରେଜିଷ୍ଟରରେ ଚଢ଼ାଇ ନ ଥିଲେ ବୋଲି କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଆବେଦନକାରୀ ଶିକ୍ଷକ ଥିଲେ। ତାଙ୍କର କୌଣସି ଆପରାଧିକ ପ୍ରବୃତ୍ତି ନ ଥିଲା। ଟ୍ରାଏଲ କୋର୍ଟଙ୍କ ନିଷ୍ପତ୍ତି ଠିକ୍ ନ ଥିଲା।

## ପ୍ରଥମ ଦିନରେ ଅମରନାଥ ଦର୍ଶନ କଲେ ୧୨, ୩୪୮ ଶ୍ରଦ୍ଧାଳୁ

ନୂଆଦିଲ୍ଲୀ, ୪।୭(ଏଜେନ୍ସି): ବିଶ୍ୱ ପ୍ରସିଦ୍ଧ ଅମରନାଥ ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ସନ୍ଧ୍ୟା ୭.୧୫ ପର୍ଯ୍ୟନ୍ତ ୧୨, ୩୪୮ ଶ୍ରଦ୍ଧାଳୁ ପବିତ୍ର ଗୁମ୍ଫାରେ ସ୍ଥିତ ହିମ ଶିବଲିଙ୍ଗଙ୍କୁ ଦର୍ଶନ କରିଛନ୍ତି। ଏଥିରେ ୮, ୧୮୧ ପୁରୁଷ ଓ ୨, ୨୨୩ ମହିଳା ଶ୍ରଦ୍ଧାଳୁ ସାମିଲ ରହିଛନ୍ତି। ଏଥିସହ ୯୯ ପିଲା, ୧୨୨ ସାଧୁ, ୭ ସାଧ୍ୱୀ, ୭୦୮ ଜଣ ସୁରକ୍ଷାକର୍ମୀ ଓ ୮ ଜଣ ଟ୍ରାନ୍ସଜେଣ୍ଡର ଶ୍ରଦ୍ଧାଳୁ ମଧ୍ୟ ଦର୍ଶନ ପାଇଁ ସେଠାରେ ପହଞ୍ଚିଥିଲେ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୫୨୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କୁ ନେଇ ଦ୍ୱିତୀୟ ପର୍ଯ୍ୟାୟର ଯାତ୍ରା ଗୁରୁବାର ସନ୍ଧ୍ୟାରୁ ଜମ୍ମୁର ଭଗବତୀନଗର ବେସ୍ କ୍ୟାମ୍ପରୁ ଆରମ୍ଭ ହୋଇଥିଲା। ଏହି ଶ୍ରଦ୍ଧାଳୁମାନେ ଶୁକ୍ରବାର ଦ୍ୱିପହର ୨ଟାରେ ପହଲଗାମ ବେସ୍‌କ୍ୟାମ୍ପରେ ପହଞ୍ଚିଯାଇଥିଲେ। ସେହିପରି ଶୁକ୍ରବାର ଭୋର ୪ଟାରେ ୬୪୦୦ ଜଣ ଯାତ୍ରୀଙ୍କୁ ନେଇ ତୃତୀୟ ପର୍ଯ୍ୟାୟର ଯାତ୍ରା ଆରମ୍ଭ ହୋଇଛି। ଏବର୍ଷ ଏପର୍ଯ୍ୟନ୍ତ ୩.୫ ଲକ୍ଷରୁ ଉର୍ଦ୍ଧ୍ୱ ଯାତ୍ରୀ ଯାତ୍ରା ପାଇଁ ପଞ୍ଜୀକରଣ କରିଛନ୍ତି। ସେହିପରି ଉତ୍ତରପ୍ରଦେଶରୁ ଆସିଥିବା ଜଣେ ଯାତ୍ରୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି।



## ଭକ୍ତଙ୍କୁ 'ଦର୍ଶନ ଧୋକ୍କା'

# ଆଗୁଆ ବନ୍ଦ କରିଦେଲେ ସନ୍ଧ୍ୟା ଦର୍ଶନ



### ମନ ଦୁଃଖରେ ଫେରିଗଲେ ଶ୍ରଦ୍ଧାଳୁ

### ସରିଲା ଜନ୍ମବେଦୀରେ ମହାପ୍ରଭୁଙ୍କ ଲୀଳା

ପୁରୀ, ୪।୭ (ସମିସ): ଭକ୍ତଙ୍କୁ 'ସନ୍ଧ୍ୟା ଦର୍ଶନ' ଧୋକ୍କା ଦେଲା ପ୍ରଶାସନ। ଶୁକ୍ରବାର 'ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ସର୍ବସାଧାରଣ ପ୍ରବେଶ ବନ୍ଦ ରହିବ'। ଖୋଦ୍ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଥିଲା। ହେଲେ କଥା ରଖିଲାନି ମନ୍ଦିର ପ୍ରଶାସନ, ଶହଶହ ଭକ୍ତଙ୍କୁ ଧୋକ୍କା ଦେଲା। ଆଡ଼ପମଣ୍ଡପରେ ସନ୍ଧ୍ୟା ଦର୍ଶନ କରି ନପାରି ମନଦୁଃଖରେ ଫେରିଗଲେ ବହୁ ଶ୍ରଦ୍ଧାଳୁ। ପୁଲିସ୍ ସେମାନଙ୍କୁ ବ୍ୟାରିକେଡ୍ ଭିତରୁ ଘଉଡ଼ାଇ ବିଦା କଲା। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହେଲେ ସେମାନେ ନିରୁପାୟ। କହିବେ କାହାକୁ, ଶୁଣିବ କିଏ? ଏଭଳି ନ୍ୟାୟରେ ଶରଧାବାଲିକୁ ମଥାରେ ବୋଲି ଅନେକ ଭକ୍ତ ମନଦୁଃଖରେ ଘରକୁ ଫେରିଛନ୍ତି।

ଶୁକ୍ରବାର ଥିଲା ଆଷାଢ଼ ଶୁକ୍ଳ ନବମୀ। ଏହି ପବିତ୍ର ତିଥିରେ ଆଡ଼ପମଣ୍ଡପରେ ସନ୍ଧ୍ୟା ଦର୍ଶନର ଦୁର୍ଲଭ ସୁଯୋଗ ପାଇଥା'ନ୍ତି ଶ୍ରଦ୍ଧାଳୁ। ଭୋର୍ ୪ଟା ୩୦ରେ ଦ୍ୱାର ଫିଟିବା ପୂର୍ବରୁ ଦାରୁବିଗ୍ରହଙ୍କ ଦର୍ଶନ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଭୋର୍ ୫ଟା ୧୫ରେ ମହାପ୍ରଭୁଙ୍କର ମଙ୍ଗଳ ଆଳତି ହୋଇଥିଲା। ପରେ ଧାର୍ଯ୍ୟ ସମୟ ଅନୁସାରେ ଦର୍ଶନ ଆରମ୍ଭ ହୋଇଥିଲା। ଅନୁକୂଳ ପାଗ ସାଙ୍ଗକୁ ନୀତିକାନ୍ତି ସଅଳ ଚାଲିଥିଲା। ଫଳରେ ଶୀଘ୍ର ବାହାରିଥିଲା ଆଡ଼ପ ଅବଢ଼ା। ହଜାର ହଜାର ଭକ୍ତ ଗୁଣ୍ଡିଚା ମନ୍ଦିର ଆନନ୍ଦ ବଜାରରେ ଅବଢ଼ା ପାଇ ତୃପ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ ପାଇଁ ଜନ୍ମବେଦୀରେ ମହାପ୍ରଭୁଙ୍କ ଲୀଳା ଶେଷ ହୋଇଛି।

ଦିନତମାମ ଭକ୍ତ ଧାଡ଼ିରେ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ଜଗମୋହନରେ ଦର୍ଶନ କରି ନାକଚଣା ଦ୍ୱାର ଦେଇ ବାହାରକୁ ଆସୁଥିଲେ। ପାଗ ମଧ୍ୟ ବେଶ୍ ଭଲ ଥିଲା। ଖରା ନଥିଲା, ଝିପିଝିପି ବର୍ଷା ବି ହେଉଥିଲା। କିନ୍ତୁ ଏହି ବର୍ଷା ଭଗବାନଙ୍କ ଦର୍ଶନରେ ବାଧକ ସାଜି ନଥିଲା। ବର୍ଷାରେ ଭିଜି ଭକ୍ତମାନେ ଖୁସିରେ ଯାଇ ଆଡ଼ପମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ଫେରୁଥିଲେ। ମହାପ୍ରଭୁଙ୍କ ନୀତି ସଅଳ ଚାଲିଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆଡ଼ପମଣ୍ଡପରେ ଚଳିତବର୍ଷ ଲାଗି ମହାପ୍ରଭୁଙ୍କର ଶେଷ ଦର୍ଶନ କରିଥିଲେ।

ସକାଳ ୮ଟା ୫ରେ ଗୋପାଳବଲ୍ଲଭ ସରିଥିବା ବେଳେ ୯ଟା ୫ରେ ସକାଳ ଧୂପ ବଢ଼ିଥିଲା। ପୂର୍ବାହ୍ନ ୧୦ଟା ୪୦ରେ ଭୋଗମଣ୍ଡପ ବଢ଼ି ବାହାରିଥିଲା ଆଡ଼ପ ଅବଢ଼ା। ସଅଳ ଅବଢ଼ା ବାହାରିଥିବାରୁ ଭକ୍ତମାନେ ଆଡ଼ପ ଅବଢ଼ା ପାଇ ଖୁସି ହୋଇଥିଲେ। ଅନ୍ୟପକ୍ଷରେ ଶହଶହ ଶ୍ରଦ୍ଧାଳୁ କିନ୍ତୁ ଦର୍ଶନ ନ ପାଇ ମନଦୁଃଖରେ ଫେରିଥିଲେ। ବାହୁଡ଼ା ଯାତ୍ରା ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ଶୁକ୍ରବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ସର୍ବସାଧାରଣ ପ୍ରବେଶ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ଘୋଷଣା କରିଥିଲା। ଏହି ସମୟକୁ ଆଖି ଆଗରେ ରଖି ଅନେକ ଶ୍ରଦ୍ଧାଳୁ ଅପରାହ୍ଣ ୫ଟା ସୁଦ୍ଧା ଧାଡ଼ିରେ ଥିଲେ। ହେଲେ ଅଚାନକ ଅପରାହ୍ଣ ୫ଟାରେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ଭକ୍ତଙ୍କ ପ୍ରବେଶ ବନ୍ଦ କରିଦିଆଯାଇଥିଲା। ଶ୍ରଦ୍ଧାଳୁମାନେ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ। ସନ୍ଧ୍ୟା ୬ଟା କହିଥିଲ, ଏବେ କାହିଁକି ବନ୍ଦ କରିଦେଲେ ବୋଲି ପ୍ରଶ୍ନ କରିବାରୁ ପୁଲିସ୍ ବ୍ୟାରିକେଡ୍ ଭିତରୁ ଭକ୍ତଙ୍କୁ ଘଉଡ଼ାଇ ବାହାର କରିଦେଇଥିଲା। ଏହାକୁ ନେଇ ଅନେକ ଶ୍ରଦ୍ଧାଳୁ ଅସେନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରାୟ ପ୍ରତିବର୍ଷ ଭକ୍ତଙ୍କ ଗହଳିକୁ ଦେଖି ପ୍ରଶାସନ ଅଧଘଣ୍ଟାଏ ପର୍ଯ୍ୟନ୍ତ ଦର୍ଶନ ସମୟ ବୃଦ୍ଧି କରିଥାଏ। ହେଲେ ଏଥର ଘଣ୍ଟାଏ ପୂର୍ବରୁ ବନ୍ଦ କରିଦେଲେ।

ନୟାଗଡ଼ ଗଣିଆରୁ ଆସିଥିବା ପାର୍ବତୀ ସାହୁ କହିଛନ୍ତି, ସନ୍ଧ୍ୟା ଦର୍ଶନ କରିବାକୁ ସପରିବାର ଆସିଥିଲୁ। ବସ୍‌ରେ ଆସି ତାଳବଣିଆରେ ପହଞ୍ଚିବା ପରେ ବର୍ଷା ଯୋଗୁଁ ସେଠାରୁ ଆସିବା ବିଳମ୍ବ ହୋଇଥିଲା। ତଥାପି ୫ଟା ୧୦ସୁଦ୍ଧା ବ୍ୟାରିକେଡ୍‌ରେ ପହଞ୍ଚି ଯାଇଥିଲୁ। କିନ୍ତୁ, ଶୁଣିବାକୁ ପାଇଲୁ ସିଂହଦ୍ୱାରରେ ଭକ୍ତଙ୍କ ପ୍ରବେଶ ବନ୍ଦ ହୋଇଗଲାଣି। ମନ ଦୁଃଖ ଲାଗିଲା, ସନ୍ଧ୍ୟା ଦର୍ଶନ ଅବସୋସ ରହିଗଲା ବୋଲି ମନ ଦୁଃଖରେ କହିଛନ୍ତି ପାର୍ବତୀ। କେବଳ ପାର୍ବତୀ ନୁହଁନ୍ତି, ତାଙ୍କ ଭଳି ଦୂରାଦୂରାନ୍ତରୁ ଆସିଥିବା ଶହଶହ ଶ୍ରଦ୍ଧାଳୁ ଜଗା ଦର୍ଶନ ନ ପାଇଁ ମନ ଦୁଃଖରେ ଫେରି ଯାଇଥିଲେ।

### ରାଜ୍ୟ ବିଜେପି ସଭାପତି, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ

# ୭ରେ ନାମାଙ୍କନ, ୮ରେ ଫଳାଫଳ

ଭୁବନେଶ୍ୱର,୪।୭ (ସମିସ): ସ୍ଥଗିତ ଥିବା ରାଜ୍ୟ ବିଜେପି ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପ୍ରକ୍ରିୟା ପାଇଁ ଶୁକ୍ରବାର ସମୟ ସାରଣୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପ୍ରକ୍ରିୟା ଆସନ୍ତା ୬ ତାରିଖରୁ ଆରମ୍ଭ ହୋଇ ୮ ତାରିଖ ଦିନ ଶେଷ ହେବ ବୋଲି ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ତଥା ରାଜ୍ୟ ସହ ନିର୍ବାଚନ ଅଧିକାରୀ ଡ. ଯତୀନ ମହାନ୍ତି ସୂଚନା ଦେଇଛନ୍ତି।

ଡ. ମହାନ୍ତି କହିଛନ୍ତି ଯେ ପୂର୍ବରୁ ବିଜେପିର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲ୍ଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏବେ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ଜୁଲାଇ ୬ ତାରିଖ ପୂର୍ବାହ୍ନ ୧୧ଟାରେ ଅନ୍ତରୀଣ ମତଦାତାଙ୍କ ସୂଚୀ ପ୍ରକାଶ ପାଇବ। ମଧ୍ୟାହ୍ନ ୧୨ଟାରୁ ୨ଟା ସୁଦ୍ଧା ମତଦାତାଙ୍କ ସୂଚୀ ଉପରେ ବିଭିନ୍ନ ଆପତ୍ତି ଅଭିଯୋଗର ଯାଞ୍ଚ କରାଯିବା ପରେ ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଚୂଡ଼ାନ୍ତ ମତଦାତାଙ୍କ ତାଲିକା ପ୍ରକାଶ ପାଇବ। ୭ ତାରିଖ ପୂର୍ବାହ୍ନ ୧୧ଟାରୁ ୨ଟା ସୁଦ୍ଧା ଉପରୋକ୍ତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରାଯିବ। ମଧ୍ୟାହ୍ନ ୨ଟାରୁ ୩ଟା ମଧ୍ୟରେ ନାମାଙ୍କନ ସମ୍ପର୍କିତ ଆପତ୍ତି ଅଭିଯୋଗର ଯାଞ୍ଚ କରାଯାଇ ୪ଟା ସୁଦ୍ଧା ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ ଏବଂ ଚିହ୍ନ ଆବଣ୍ଟନ କରାଯିବ। ଆବଶ୍ୟକ ହେଲେ ୮ ତାରିଖ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧ଟା ୩୦ ସୁଦ୍ଧା ଫଳାଫଳ ଘୋଷଣା କରାଯିବ ବୋଲି ଡ. ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଘରେ ଶୋଇଥିବା ବେଳେ ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

କରଞ୍ଜିଆ/ଶୁକୁଳି, ୪।୭ (ସମିସ): ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସିଙ୍ଗଡ଼ା ସେକ୍ସନ୍ କାଶିଆବେଡ଼ା ଗ୍ରାମର ପରେଶ ଚନ୍ଦ୍ର ଗିରି(୬୦)ଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ହାତୀଟି ଇନ୍ଦୁପୁର ଗ୍ରାମରେ ଦୁଇଟି ଘର ଭାଙ୍ଗିଦେଇଥିବା ଖବର ପାଇ ବନ କର୍ମଚାରୀମାନେ ତାକୁ ଘଉଡ଼ାଇଥିଲେ। ଫଳରେ ହାତୀଟି କାଶିଆବେଡ଼ାର ପରେଶଙ୍କ ଘରେ ପଶିଯାଇଥିଲା। ଏହି ସମୟରେ ଘରେ ଶୋଇଥିବା ପରେଶଙ୍କୁ ହାତୀଟି ପାଦରେ ଦଳି ଦେଇଥିଲା। ବନ କର୍ମଚାରୀମାନେ ସଙ୍ଗେସଙ୍ଗେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପ୍ରକାଶ ପାଇଲା ସିୟୁଇଟି-ୟୁଜି ପରୀକ୍ଷା ଫଳ

ଭୁବନେଶ୍ୱର, ୪।୭ (ସମିସ): ସ୍ନାତକ ପଢ଼ିବା ପାଇଁ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ସିୟୁଇଟି-ୟୁଜି) ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ମୋଟ୍ ୫ଟି ବିଷୟରୁ ୪ଟିରେ ମାତ୍ର ଜଣେ ପରୀକ୍ଷାର୍ଥୀ ୧୦୦ ପର୍‌ସେଣ୍ଟାଇଲ୍ ସ୍କୋର୍ କରିଛନ୍ତି। ସେହିପରି ୩ଟି ବିଷୟରେ ୧୭ ଜଣ, ୨ଟି ବିଷୟରେ ୧୫୦ ଜଣ ଏବଂ ଗୋଟିଏ ବିଷୟରେ ୨୬୭୯ ଜଣ ପରୀକ୍ଷାର୍ଥୀ ୧୦୦ ପର୍‌ସେଣ୍ଟାଇଲ୍ ମାର୍କ ରଖିଛନ୍ତି। ଏନ୍‌ଟିଏ ପରିଚାଳିତ ଏହି ପରୀକ୍ଷା ପାଇଁ ସମୁଦାୟ ୧୩ ଲକ୍ଷ ୫୪ ହଜାର ୬୯୯ ଜଣ ପଞ୍ଜୀକରଣ କରିଥିବାବେଳେ ୧୦ଲକ୍ଷ ୭୧ହଜାର ୭୩୫ଜଣ ପରୀକ୍ଷା ଦେଇଥିଲେ। ସମସ୍ତଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି। ସେମାନେ ଦେଶର ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ଘରୋଇ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଆବେଦନ କରିପାରିବେ।

# ଜେଲ୍ ଗଲେ କୁବେର ଯନ୍ତ୍ରୀ

### ଆୟଠାରୁ ୧୬୫% ଅଧିକ ସମ୍ପତ୍ତି ଠାବ

ସମ୍ବଲପୁର, ୪।୭ (ସମିସ): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଆଜି ଟିଟିଲାଗଡ଼ ଆର୍ ଆଣ୍ଡ ବି ସବ୍‌ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ଡିଲେଶ୍ୱର ମାଝୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଭିଜିଲାନ୍ସ ଏସ୍‌ପି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି।



ଗତକାଲି ଭିଜିଲାନ୍ସ ଶ୍ରୀ ମାଝୀଙ୍କ ବଲାଙ୍ଗିର ସ୍ଥିତ ବାସଭବନ ସମେତ ସମ୍ବଲପୁର, ଝାରସୁଗୁଡ଼ା ଆଦି ୬ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଥିଲା। ଠାବ ସଂପତ୍ତି ମଧ୍ୟରେ ସମ୍ବଲପୁର ସରଲାରେ ୪୫୦୦ବର୍ଗଫୁଟ୍‌ରେ ଦୁଇମହଲା ବିଶିଷ୍ଟ ଗୋଟିଏ କୋଠା, ବ୍ରଜରାଜନଗର ଗାନ୍ଧୀ ଛକରେ ୬୩୦୦ବର୍ଗଫୁଟ୍‌ରେ ଦୁଇ ମହଲା କୋଠା, ଗୋଟିଏ ମାର୍କେଟ୍ କଂପ୍ଲେକ୍ସ, ଲହଣ୍ଡାବୁଡ଼ଠାରେ ଦୁଇଟି ଘର, ଗୋଟିଏ କାର୍, ସାଢ଼େ ୬ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, ୩୦୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ୪୯.୫ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଡିପୋଜିଟ୍ ଆଦି ରହିଛି। ଠାବ ସଂପତ୍ତି ଶ୍ରୀ ମାଝୀଙ୍କ ଆୟର ୧୬୫%ରୁ ଅଧିକ ବୋଲି ଭିଜିଲାନ୍ସ କହିଛି। ତେବେ ଏ ସବୁ ସଂପତ୍ତିର ଉତ୍ସ ସଂପର୍କରେ ସେ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଗିରଫ କରାଯାଇଛି। ଏନେଇ ସମ୍ବଲପୁର ଭିଜିଲାନ୍ସ ନମ୍ବର ୧୩/୨୫ରେ ଶ୍ରୀ ମାଝି ଓ ତାଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଏହାବ୍ୟତୀତ ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ମଧ୍ୟ ଭିଜିଲାନ୍ସ ସେଲ୍ କଟକରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ତାହାର ତଦନ୍ତ ଚାଲୁ ରହିଛି। ସମ୍ବଲପୁର ଭିଜିଲାନ୍ସ ଏସ୍‌ପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସରୋଜ ସାମଲ ଆଜି ଏହି ସୂଚନା ଦେଇଛନ୍ତି।

### ଲେଖାଶ୍ରୀଙ୍କୁ ବିଜେପି ନେତାଙ୍କ ଅଶାଳୀନ ମନ୍ତବ୍ୟକୁ ବିଜେଡିର ନିନ୍ଦା

# ବିଧାୟକ ସନ୍ତୋଷଙ୍କ ନାମରେ ମାମଲା ରୁଜୁ

ଭୁବନେଶ୍ୱର,୪।୭ (ସମିସ): ବିଜେଡ଼ି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ପାଇଁ ମହଙ୍ଗା ପଡ଼ିଛି। ଲେଖାଶ୍ରୀ ଅଭିଯୋଗ ଆଧାରରେ ଭୁବନେଶ୍ୱର ମହିଳା ଥାନାରେ ପୁଲିସ ଏ ସଂକ୍ରାନ୍ତରେ ଏକ ଏକ ମାମଲା ରୁଜୁ କରିଛି।



ଆଜି ବିଜେଡିର କିଛି ନେତ୍ରୀମାନଙ୍କ ସହ ଥାନାକୁ ଯାଇ ଲେଖାଶ୍ରୀ ଏତଲା ଦେଇଛନ୍ତି। ଏହା ସହ ବିଧାୟକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଲେଖାଶ୍ରୀ କହିଛନ୍ତି ଯେ ମହିଳାଙ୍କ ସମ୍ମାନ ସହ ସାଲିସ ହେବା କଥା ନୁହେଁ। କର୍ମକ୍ଷେତ୍ରରେ ଥିବା ମହିଳା, ଯେଉଁମାନେ କାମ ପାଇଁ ବାହାରକୁ ଆସୁଛନ୍ତି, ସେମାନଙ୍କ ସୁରକ୍ଷା ସରକାରଙ୍କ ଦାୟିତ୍ୱ। ମୁଁ ବିଜୁ ଜନତା ଦଳର ମୁଖପାତ୍ର ଓ ବାଲେଶ୍ୱରର ସାଂସଦ ପ୍ରାର୍ଥୀ। ଏକ ସାମ୍ବାଦିକ ସମ୍ମିଳନୀରେ ହାତୀ ଦାନ୍ତ କାରବାର ଓ ଜମି ଜବରଦଖଲରେ ବିଧାୟକ ସନ୍ତୋଷ ଖଟୁଆଙ୍କ ସଂପୃକ୍ତି ନେଇ ଅଭିଯୋଗ କରିଥିଲି। ମାତ୍ର ତଥ୍ୟପ୍ରମାଣ ଭିତ୍ତିକ ପ୍ରତିବାଦ କରିବାରେ ଅସମର୍ଥ ନୀଳଗିରି ବିଧାୟକ ମୋ ସମ୍ପର୍କରେ ଅତ୍ୟନ୍ତ ଅସଭ୍ୟ ଓ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି। ଏହାଦ୍ୱାରା ମୁଁ ମାନସିକ ଆଘାତ ପାଇଛି । ବିଧାୟକ କୁତ୍ସିତ ମନ୍ତବ୍ୟ ଦେଇ ମୋତେ ମୋ ପରିବାର, ମୋ ବନ୍ଧୁ ଓ ପ୍ରିୟଜନଙ୍କ ସମ୍ମୁଖରେ ଛୋଟ କରିବାକୁ ଚେଷ୍ଟା କରିଛନ୍ତି। ତେଣୁ ମା ପ୍ରତି ଅଶାଳୀନ ମନ୍ତବ୍ୟକୁ ବିରୋଧ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଛି। ନୀଳଗିରି ବିଧାୟକ ଚାହୁଁଛନ୍ତି ଏଭଳି ଅଶାଳୀନ ମନ୍ତବ୍ୟ ଦେଇ ମହିଳାଙ୍କ ମୁହଁ ବନ୍ଦ କରିଦେବେ ବୋଲି ଚାହୁଁଛନ୍ତି। ମାତ୍ର ମୁଁ ଏହାକୁ ପ୍ରତିବାଦ କରିଛି। ଆମେ ଭିଡିଓ ପ୍ରମାଣ ଦେଇଛୁ। ତେଣୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମୁଁ ଆଶା କରିଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି। ତାଙ୍କ ସହିତ ବିଜେଡି ସାଧାରଣ ସମ୍ପାଦକ କ୍ୟାପଟେନ ମନ୍ମଥ ରାଉତରାୟ, ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ଓ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ଶ୍ରୀମତୀ ଇପ୍ସିତା ସାହୁ, ସୋଫିଆ ଆଲାମ୍, ଅରୂପ ଶ୍ରୀଚନ୍ଦନ, ନାରାୟଣ ଜେନା, ଲୋରା ମହାପାତ୍ର, ଅଂଶୁ ତ୍ରିପାଠୀ, ଭାରତୀ ସିଂ, ମାନସୀ ସୁନ୍ଦରାୟ, ଇଲା ସ୍ୱାଇଁ, ମହାମାୟା ସ୍ୱାଇଁ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଗଣମାଧ୍ୟମ ସମ୍ମୁଖରେ ବ୍ୟକ୍ତିଗତ ଆକ୍ଷେପ ଓ ତାଙ୍କ ଚରିତ୍ର ଉପରେ ଅରୁଚିକର ଟିପ୍ପଣୀ ଓଡ଼ିଶାର ସମସ୍ତ ନାରୀ ସମାଜ ପାଇଁ ଏକ ଲଜ୍ଜାକର ଘଟଣା ବୋଲି ବିଜୁ ଜନତା ଦଳ କହିଛି। ଏଥିପାଇଁ ବିଧାୟକ ଶ୍ରୀ ଖଟୁଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବିଜେଡି ଦାବି କରିଛି।

# ମାମୁଁକୁ ପଥରରେ ଛେଚି ହତ୍ୟା

କୁଚିଣ୍ଡା, ୪।୭ (ସମିସ): ସମ୍ବଲପୁର ଜିଲ୍ଲା ଧୁଡ଼ିପାଲି ତାଳମୁଣ୍ଡାପଡ଼ାରେ ଏକ ଅଭାବନୀୟ ଘଟଣା ଘଟିଛି। ମାମୁଁକୁ ପଥରରେ ଛେଚି ହତ୍ୟା କରିଛି ଭଣଜା। ମୃତକ ହେଲେ, ସୁକାନ୍ତ ଗରଡ଼ିଆ(୩୦)। କୁଚିଣ୍ଡା ପୁଲିସ୍ ସୁକାନ୍ତଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ଭଣଜା ସତ୍ୟକାନ୍ତ ସିଂ(୨୪) ସମେତ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। କୌଣସି କାରଣରୁ ଆଜି ମାମୁଁ-ଭଣଜାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କଥା ବଢ଼ିବାରୁ ସତ୍ୟକାନ୍ତ ଏକ ପଥର ସୁକାନ୍ତଙ୍କ ମୁଣ୍ଡରେ ଛେଚିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କୁଚିଣ୍ଡା ପୁଲିସ୍ ସୁକାନ୍ତଙ୍କ ମୃତଦେହ ଉଦ୍ଧାର କରିବା ସହ ସତ୍ୟକାନ୍ତ, ଲାଡ଼ମପାଳି ଗ୍ରାମର କପିଳ ସୁନାନୀ, କୁଳମଣି ଗରଡ଼ିଆ ଓ କାମିନୀ ଗରଡ଼ିଆକୁ ଥାନାକୁ ଆଣି ପଚାରଉଚରା ଜାରି ରଖିଛି।

# କନ୍ୟା ଘରେ ଶଗଡ଼ରେ ପହଞ୍ଚିଲା ବର

ନୂଆପଡା,୪।୭ (ସମିସ): ନୂଆପଡ଼ା ସହରର ସିର୍ଡୋଲ ବସ୍ତିରେ ଜଣେ ଯୁବକ ବର ବେଶରେ ଶଗଡ଼ରେ ଯାଇ କନ୍ୟାଘରେ ପହଞ୍ଚିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଦିନେଶ ଦଣ୍ଡସେନା ନାମକ ଏହି ଯୁବକଜଣଙ୍କ ଫଟୋଗ୍ରାଫି କରନ୍ତି। ସବୁବେଳେ ଅନ୍ୟର ବାହାଘରେ ଫଟୋ ଏବଂ ଭିଡିଓ ରେକର୍ଡିଂ କରିଥାନ୍ତି। ଏବେ ସେ ନିଜର ଏହି ବିରଳ ଫଟୋ ଏବଂ ଭିଡିଓ ଲାଗି ଆକର୍ଷଣର କେନ୍ଦ୍ର ହୋଇଛନ୍ତି।



ଦିନେଶ ପଡ଼ୋଶୀ ଛତିଶଗଡ଼ସ୍ଥିତ ଭାଲେଶ୍ୱର ଗାଁରେ ବିବାହ କରିଛନ୍ତି। ପରିବାର ସହ ବନ୍ଧୁବର୍ଗଙ୍କୁ ଧରି ସେ ଏକ ଶଗଡ଼ ଗାଡ଼ିରେ କନ୍ୟା ଘରେ ପହଞ୍ଚିଥିଲେ। ପରିବେଶ ପ୍ରଦୂଷଣ ରୋକିବା ଲାଗି ଯୁବପିଢ଼ିଙ୍କୁ ବାର୍ତ୍ତା ଦେବା ଶଗଡ଼ ଗାଡ଼ିରେ ଯିବା ତାଙ୍କ ଉଦ୍ଦେଶ୍ୟ ବୋଲି ଦିନେଶ କହିଛନ୍ତି।

# ଜଳ-ଜଙ୍ଗଲ-ଜମି ହକ୍ ଲଢ଼େଇ ପାଇଁ ରାଜ୍ୟବାସୀ ପ୍ରସ୍ତୁତ ରୁହନ୍ତୁ

ଭୁବନେଶ୍ୱର,୪।୭ (ସମିସ): ଏ ଦେଶରେ ଜଳ-ଜଙ୍ଗଲ-ଜମି ପାଇଁ ବ୍ରିଟିଶ ବିରୋଧରେ ଲଢ଼ି ହଜାର ହଜାର ଆଦିବାସୀ ସହିଦ ହୋଇଛନ୍ତି। ସ୍ୱାଧୀନ ଭାରତରେ ପୁଣି ଆଦିବାସୀଙ୍କ ଜଳ-ଜଙ୍ଗଲ-ଜମିକୁ ଲୁଟ୍ କରୁଥିବା ପୁଞ୍ଜିପତି ଓ ବିଜେପିର ମିଳିତ ଶକ୍ତି ବିରୋଧରେ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ଆଦିବାସୀମାନେ ପ୍ରସ୍ତୁତ ହେବା ଦରକାର ବୋଲି ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟସ୍ତରୀୟ ବୈଠକରେ ଯୋଗଦେଇ ଅଖିଳ ଭାରତ ଆଦିବାସୀ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିକ୍ରାନ୍ତ ଭୂରିଆ




ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ଲାଗୁରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସାରା ଓଡ଼ିଶାରେ ଶିଳ୍ପାୟନରେ ସବୁଠାରୁ ବେଶି ଆଦିବାସୀମାନେ କ୍ଷତିଗ୍ରସ୍ତ ହୋଇଥିବା କହିଥିଲେ। ଆଦିବାସୀମାନେ ଏକ ହୋଇ ବିସ୍ଥାପନ ବିରୋଧରେ ଲଢ଼େଇ କରିବା ପାଇଁ ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ଜନତାଙ୍କୁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ। ସେହିପରି ଆଦିବାସୀଙ୍କ ହକ୍ ପାଇଁ ବିଧାନସଭା ଭିତରେ ଓ ବାହାରେ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ମତବ୍ୟକ୍ତ କରିଥିଲେ। ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗୋମାଙ୍ଗ, ପୂର୍ବତନ ମନ୍ତ୍ରୀ ହଳଧର କାର୍ଜି, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ପୂର୍ବତନ ସାଂସଦ ସଂକୁନ୍ତଳା ଲାଗୁରୀ, ହେମା ଗୋମାଙ୍ଗ, ଜୟରାମ ପାଙ୍ଗୀଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

## ରଥଯାତ୍ରାରେ ଅବ୍ୟବସ୍ଥା ଓ ବିଭ୍ରାଟ ଘଟଣା

# ବିଚାରବିଭାଗୀୟ ତଦନ୍ତ ଦାବିକଲା ବିଜେଡି

ଭୁବନେଶ୍ୱର, ୪।୭ (ସମିସ): ଚଳିତ ବର୍ଷ ପୁରୀ ରଥଯାତ୍ରାରେ ହୋଇଥିବା ବ୍ୟାପକ ଅବ୍ୟବସ୍ଥା ଓ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାର ଓଡ଼ିଶା ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରିବା ପାଇଁ ବିଜୁ ଜନତା ଦଳ ଦାବି କରିଛି। ଶୁକ୍ରବାର ଦଳର ବରିଷ୍ଠ ନେତୃତ୍ୱଙ୍କ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ଦେଇଛନ୍ତି।



ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେଲେ ଦଳୀୟ ପ୍ରତିନିଧିମଣ୍ଡଳୀ

ଦଳ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ବିଜେପି ସରକାରଙ୍କ ବେପରୁଆ ମନୋଭାବ ଓ ସମ୍ବେଦନହୀନତା ଯୋଗୁଁ ଏ ବର୍ଷ ରଥଯାତ୍ରା ଦିନ ଭିଡ଼ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଥିଲା। ପରିଣାମସ୍ୱରୂପ, ପ୍ରଥମ ଦିନ ରଥଟଣା ସମୟରେ ୭୫୦ ଜଣ ଭକ୍ତ ଆହତ ହୋଇଥିଲେ। ସେହିପରି ଭକ୍ତଙ୍କ ଭିତରେ ଦଳାଚକଟା ହୋଇ ୩ ଜଣ ପ୍ରାଣ ହରାଇଲେ। ରଥଯାତ୍ରା ଦିନ ଭୁବନେଶ୍ୱରରୁ ରଥଯାତ୍ରା ସମ୍ବାଦ ସଂଗ୍ରହ ପାଇଁ ଯାଇଥିବା ବରିଷ୍ଠ ସାମ୍ବାଦିକଙ୍କ ପାଖରେ କର୍ଡନ ପାସ୍ ଥିବା ସତ୍ତ୍ୱେ ସେମାନଙ୍କୁ କର୍ଡନ ଭିତରକୁ ଛଡ଼ାଯାଇ ନ ଥିଲା। ଓଲଟି ପୁଲିସ ମାଡ଼ରେ ୬ ଜଣ ସାମ୍ବାଦିକ ଆହତ ହୋଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ଡନ ପାସ୍ ମୁଖ୍ୟତଃ ବିଜେପି କର୍ମୀମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ପାସ୍‌ଧାରୀମାନେ କର୍ଡନ ଭିତରେ ଅଧିକ ଭିଡ଼ କରିବା କାରଣରୁ ରଥଟଣାରେ ବ୍ୟାପକ ବିଭ୍ରାଟ ଦେଖିବାକୁ ମିଳିଥିଲା।

ଏବର୍ଷ ତ୍ରୁଟିଶୂନ୍ୟ ଓ ଐତିହାସିକ ରଥଯାତ୍ରା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ରଥଯାତ୍ରା ସୁପରିଚାଳନାର ତଦାରଖ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ ମନ୍ତ୍ରିସ୍ତରୀୟ କମିଟି ଗଠନ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା, ସନ୍ଧ୍ୟା ପରେ ରଥଟଣା ହେବାର ପରମ୍ପରା ନ ଥିବା ବେଳେ ସନ୍ଧ୍ୟା ୭.୪୫ ମିନିଟରେ ନନ୍ଦିଘୋଷ ରଥକୁ କିଛି ପାଦ ଟଣା ଯାଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିରର ପରିଚାଳନା କମିଟିର ମିଆଦ ଦୀର୍ଘ ୯ ମାସ ପୂର୍ବରୁ ଶେଷ ହୋଇଯାଇଛି। ଏହାର ନୂତନ ପରିଚାଳନା କମିଟି ନ ଥିବାରୁ ଶ୍ରୀମନ୍ଦିର ଦୀର୍ଘ ୯ ମାସ ହେଲା ବିନା ପରିଚାଳନା କମିଟିରେ ପରିଚାଳିତ ହେଉଛି। ଗତବର୍ଷ ରଥଯାତ୍ରା ସମୟରେ ଆଡ଼ପ ମଣ୍ଡପରୁ ପହଣ୍ଡି ସମୟରେ ପ୍ରଭୁ ବଳଭଦ୍ର ପଡ଼ି ଯାଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଏକ ତିନି ଜଣିଆ ତଦନ୍ତ କମିଟି ଘୋଷଣା କରିଥିଲେ ମଧ୍ୟ ଘଟଣାର ଏକ ବର୍ଷ ପରେ ମଧ୍ୟ ତଦନ୍ତ ରିପୋର୍ଟ ଆସିଲା ନାହିଁ। ଚଳିତ ବର୍ଷ ରଥଯାତ୍ରାରେ ଘଟିଥିବା ବ୍ୟାପକ ବିଭ୍ରାଟ ଓ ଅବ୍ୟବସ୍ଥା ଉପରେ ରାଜ୍ୟ ସରକାର ପ୍ରଶାସନିକ ତଦନ୍ତ ଘୋଷଣା କରିଛନ୍ତି। କିନ୍ତୁ, ଏହା ଫଳପ୍ରସୂ ହେବନାହିଁ ବୋଲି ଅନୁଭବ କରି ଆମେ ଉଚ୍ଚ ନ୍ୟାୟାଳୟର ଏକ କାର୍ଯ୍ୟରତ ଜଜ୍‌ଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ଆମେ ଦାବି କରୁଛୁ ବୋଲି ସ୍ମାରକପତ୍ରରେ କୁହାଯାଇଛି।

ଏହି ଅବସରରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ଅଶୋକ ପଣ୍ଡା, ଚନ୍ଦ୍ର ଶେଖର ସାହୁ, କଳିକେଶ ନାରାୟଣ ସିଂଦେଓ, ପ୍ରୀତିରଞ୍ଜନ ଘଡ଼େଇ, ସୁଲୋଚନା ଦାସ, ସୁଭାଶିଷ ଖୁଣ୍ଟିଆ ଓ ସୁନିଲ ମହାନ୍ତି ପ୍ରମୁଖ ରାଜ୍ୟପାଳଙ୍କ ସହିତ ରଥଯାତ୍ରା ବିଭ୍ରାଟ ସଂପର୍କରେ ମତ ବିନିମୟ କରିଥିଲେ। ରାଜ୍ୟପାଳଙ୍କୁ ଭେଟିଥିବା ଏହି ପ୍ରତିନିଧିମଣ୍ଡଳୀରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅନନ୍ତ ନାରାୟଣ ଜେନା, ଉମାକାନ୍ତ ସାମନ୍ତରାୟ, ତୁଷାରକାନ୍ତି ବେହେରା, ସୁବାସ ସିଂ, ମନ୍ମଥ ରାଉତରାୟ, ମଞ୍ଜୁଲତା କହଁର, ଦିଲ୍ଲୀପ ନାୟକ, ରାଜେନ୍ଦ୍ର ସାହୁ, ବିଭୂତି ବଳବନ୍ତରାୟ, ନବ କିଶୋର ମଲ୍ଲିକ, ରଘୁନାଥ ସାହୁ, ପ୍ରଦୀପ୍ତ ସାହୁ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ରୋହିତ ପୂଜାରୀ, ଧ୍ରୁବ ସାହୁ, ଅଂଶୁମାନ ମହାନ୍ତି, ଅରବିନ୍ଦ ମହାପାତ୍ର, ପ୍ରଶାନ୍ତ ମୁଦୁଲି, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ସାରଦା ଜେନା, ରମେଶ ଚନ୍ଦ୍ର ବେହେରା, ସମ୍ବିତ ରାଉତରାୟ, ବିଜୟ ନାୟକ, ସ୍ୱାଧୀନ ନାୟକ, ବିଦ୍ୟାଧର ସ୍ୱାଇଁ, ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ଡଃ ଲେନିନ୍ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ, ପ୍ରଫୁଲ୍ଲ ସିଂ, ସୁରେନ୍ଦ୍ର ମହାପାତ୍ର, କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ରାଜେଶରାଜ ସ୍ୱାଇଁ, ଇପ୍ସିତା ସାହୁ, ମିକୁ ପ୍ରଧାନ, ପ୍ରଦୋଷ ପରିଡ଼ା, ସୁଜିତ ପାଲଟାସିଂହ, ବିଜୟକେତନ ସାହୁ, ଧ୍ରୁତି ରଞ୍ଜନ ମାର୍ଥା, ଏଲିନା ଦାସ, ତାରିଣୀ ନାୟକ, ରଶ୍ମୀ ରଞ୍ଜନ ଦାସ, ସୋଫିଆ ଆଲାମ, ମାନସୀ ସୁନ୍ଦରରାୟ, ପ୍ରୀତିନନ୍ଦା ରାଉତରାୟ, ଭାରତୀ ସିଂ, ମହାମାୟା ସ୍ୱାଇଁ, ଦେବାଶିଷ ପଟ୍ଟନାୟକ, ବେଣୁଧର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ରାଜରାସ୍ତାରେ ବିପନ୍ନ ଗୋ-ସମ୍ପଦ



● ବଳଦର ଆବଶ୍ୟକତା ନାହିଁ, ବଢୁଛି ଷଣ୍ଢ ସଂଖ୍ୟା
● କ୍ଷୀର ସଂଗ୍ରହ ପରେ ଗାଈଙ୍କୁ ଛାଡ଼ିଦେଉଛନ୍ତି ମାଲିକ

ଅନୁଗୋଳ, ୪।୭ (ସମିସ)

ଆଦିମ ମାନବମାନେ କାଳକ୍ରମେ ନିଜ ଜୀବନଯାପନ ଶୈଳୀରେ ପରିବର୍ତ୍ତନ ଆଣିଲେ। ମାଂସ ଛାଡ଼ି ନିରାମିଷ ଖାଦ୍ୟ ଗ୍ରହଣ କଲେ। ଚାଷ କରି ଖାଦ୍ୟ ଶସ୍ୟ ଉତ୍ପାଦନ କଲେ। ପଶୁ ପାଳନ ଆରମ୍ଭ କଲେ। ସେବେଠାରୁ ଆଜିପର୍ଯ୍ୟନ୍ତ ଗାଈଗୋରୁ ମାନବ ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ବହୁ ପୁରାତନ ଯୁଗରୁ ମଣିଷ ଏମାନଙ୍କୁ ଗୋମାତା ହିସାବରେ ସମ୍ବୋଧନ କରିଆସୁଛି। ଗୋ-ସମ୍ପଦ ମାନବ ସମାଜର କେତେ ଯେ ମଙ୍ଗଳ ସାଧନ କରୁଛି, ତାହାର ବର୍ଣ୍ଣନା ସହଜ ନୁହେଁ। ଯାହାକୁ ଆମେ ସମ୍ପଦ ଅବା ସମ୍ପତ୍ତି କହିଥାଉ। ତା'ର ସଂରକ୍ଷଣ ନିତାନ୍ତ ଆବଶ୍ୟକ। କିନ୍ତୁ ଆଜିର ଅତ୍ୟାଧୁନିକ ମାନବ ସମାଜରେ ଗୋସମ୍ପଦ ସଙ୍କଟରେ ପଡ଼ିଛି। ରାସ୍ତାଘାଟ ଯୁଆଡ଼େ ଦେଖିବ, ଗାଁଠୁ ସହର ସବୁଠି ମାଳମାଳ ଗାଈଗୋରୁ ଓ ଷଣ୍ଢ। ଜାତୀୟ ରାଜପଥ ହେଉ ଅବା ରାଜ୍ୟ ରାଜପଥ, ସହର ବଜାର, ଗଳିକନ୍ଦି ରାସ୍ତା ହେଉ ଅଥବା ଗାଁ ରାସ୍ତା, ଯୁଆଡ଼େ ଦେଖିବେ ଗାଈଗୋରୁ ମାଳ ମାଳ। ବର୍ଷା ଦିନେ ତ ଏମାନେ ପୂରା ରାସ୍ତା କବଳିତ କରି ରଖିଥାନ୍ତି। ଦେଖିଲେ ଗୁହାଳ ପରି ଅନୁଭବ ହୋଇଥାଏ। ତେବେ ପ୍ରଶ୍ନ ଉଠୁଛି କୁଆଡ଼ୁ ଆସୁଛନ୍ତି ଏ ଗାଈଗୋରୁମାନେ? କିଏ ଏମାନଙ୍କ ମାଲିକ? କାହିଁକି ନିଜ ଘରେ (ଗୁହାଳ)ରେ ନ ବାନ୍ଧି ବାହାରେ ଛାଡ଼ିଦେଉଛନ୍ତି ଏମାନଙ୍କୁ?

ପ୍ରାୟତଃ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ଏହି ନିରୀହ ଗୃହପାଳିତ ପଶୁମାନଙ୍କ ପାଇଁ। ଏମାନଙ୍କ ପାଇଁ କେତେବେଳେ ମଣିଷ ଜୀବନ ହାନି ହେଉଛି ତ କେତେବେଳେ ଏହି ନିରୀହ ଜୀବଗୁଡ଼ିକ ଦୁର୍ଘଟଣାର ସମ୍ମୁଖୀନ ହୋଇ ପ୍ରାଣ ହରାଉଛନ୍ତି, ନଚେତ ଖଣ୍ଡିଆଖାବରା ହେଉଛନ୍ତି। କି ଦୁଃଖକଷ୍ଟ ଭୋଗୁଛନ୍ତି ଏମାନେ, କାହାକୁ ବା କ'ଣ କହିବେ, ମଣିଷଙ୍କ ଭାଷା ତ ଜାଣିନାହାନ୍ତି ଏମାନେ। କିଛି ଯୁବକ ତଥା ସ୍ୱେଚ୍ଛାସେବୀମାନେ ଦୁର୍ଘଟଣାର ଶିକାର ଏହି ପଶୁମାନଙ୍କ ଚିକିତ୍ସା କରିବାର ଅନେକ ସମୟରେ ନଜରକୁ ମଧ୍ୟ ଆସୁଛି। ମଣିଷପଣିଆ ଦେଖାଉଥିବାରୁ ନିଶ୍ଚିତ ଭାବେ ଧନ୍ୟବାଦର ପାତ୍ର ଏହି ସ୍ୱେଚ୍ଛାସେବୀମାନେ। ଅନୁମାନ କରାଯାଇପାରେ ଯେ ହୁଏତ କିଛି ଲୋକ ଏହି ଗାଈଗୋରୁଙ୍କ ପାଖରୁ ସ୍ୱାର୍ଥ ହାସଲ କରି ସରିଲା ପରେ (ଦୁଗ୍ଧ ସଂଗ୍ରହ କରିବା ପରେ) ନିଜ ଘରେ ଅଥବା ଗୁହାଳରେ ନ ବାନ୍ଧି ବାହାରେ ଚରିବୁଲି ଖାଇବା ପାଇଁ ଛାଡ଼ିଦେଉଛନ୍ତି। ତେଣୁ ଏହି ଗୋରୁମାନେ ଗାଁଠୁ ସହର, ସବୁଠି ରାସ୍ତାଘାଟରେ ବିଚରଣ କରୁଛନ୍ତି ଓ ଅନେକ ଅଘଟଣ ଘଟୁଛି।

ଖବରକାଗଜ ଓ ଗଣମାଧ୍ୟମ ଜରିଆରେ ଗୋଚାଲାଣ ହେଉଥିବା ଖବର ମଧ୍ୟ ଆସୁଛି। କିଛି ହିନ୍ଦୁ ସଂଗଠନ ଏହି ଗୋଚାଲାଣକୁ ବିଭିନ୍ନ ସମୟରେ ବିରୋଧ କରିବାର ନଜିର ରହିଛି। ଗୋଚାଲାଣ ପାଇଁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ଦାୟୀ କରାଯାଉଥିଲେ ମଧ୍ୟ ସେଥିରେ ସବୁ ସମ୍ପ୍ରଦାୟ ଲୋକଙ୍କର ସହଯୋଗ ରହୁଥିବା ନଜରକୁ ଆସୁଛି। କିଛିବର୍ଷ ପୂର୍ବରୁ ବୁଲା ଗୋରୁଙ୍କୁ ଆଟକ କରିବା ପାଇଁ ଗାଁ ଓ ସହରଗୁଡ଼ିକରେ କାଞ୍ଜିଆହୁଦା (ପଶୁମାନଙ୍କ ଆଶ୍ରୟସ୍ଥଳୀ) ସବୁ ରହୁଥିଲା। ସେଠାରେ ଦଣ୍ଡ ସ୍ୱରୂପ ଦେୟ ପୈଠ କରି ପଶୁ ମାଲିକମାନେ ସେମାନଙ୍କ ଗୋରୁଙ୍କୁ ସେଠାରୁ ନେଉଥିଲେ। ଆଜି ସେ ବ୍ୟବସ୍ଥା ଆଉ ଦେଖିବାକୁ ମିଳୁନାହିଁ। ଚାଷବାସ ପାଇଁ ବଳଦଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ହେଲେ ଆଜିକାଲି ତାହା ଆଉ ଦେଖିବାକୁ ମିଳୁ ନାହିଁ। ଲୋକେ ହଳଲଙ୍ଗଳ ବଦଳରେ ବିଭିନ୍ନ ଯନ୍ତ୍ରପାତି ବ୍ୟବହାର କରୁଛନ୍ତି। ତେଣୁ ବଳଦଗୁଡ଼ିକର ଚାହିଦା ଆଉ ନାହିଁ। ଲୋକମାନେ ବାଛୁରିରୁ ବଳଦ ହେବାର ପ୍ରକ୍ରିୟାକରଣ ଆଉ କରୁନାହାନ୍ତି। ତେଣୁ ଷଣ୍ଢ ସଂଖ୍ୟା ଯଥେଷ୍ଟ ବଢ଼ିଯାଇଛି। ଗାଁ ଓ ସହରରେ ବୁଲା ଷଣ୍ଢଙ୍କ ଯୋଗୁଁ ଫସଲହାନି ଓ ଦୁର୍ଘଟଣା ପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ହିନ୍ଦୁଧର୍ମ ଅନୁସାରେ ଷଣ୍ଢକୁ ମହାଦେବଙ୍କ ବାହାନ ଭାବେ ବିବେଚନା କରାଯାଇଥାଏ। ଗାଈକୁ ଗୋମାତା ବୋଲି ସମ୍ବୋଧିତ କରାଯାଏ। ଗାଈର ପ୍ରତିଟି ଅଙ୍ଗକୁ ହିନ୍ଦୁ ଦେବଦେବୀ ଭାବେ ମାନ୍ୟତା ଦିଆଯାଇଥାଏ। କିନ୍ତୁ ଏମାନେ ଆଜିର ଅତ୍ୟାଧୁନିକ ସମାଜରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଗୋଶାଳା କରି ସେଠାରେ କିଛି ଗୋରୁ ପାଳନ ପୋଷଣ କରିବା ଦାୟିତ୍ୱ କରୁଛନ୍ତି। କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଯାହାକୁ ଆମେ ଗୃହପାଳିତ ପଶୁ କହୁଛେ, ତାହା ଆଜି ଯେ କେବଳ ପଶୁରେ ଗଣତି ହେଲାଣି। ଏ ସବୁକୁ ଦୃଷ୍ଟିରେ ରଖି ସରକାର ଏବଂ ମାନବ ସମାଜ ଯଥେଷ୍ଟ ଯତ୍ନଶୀଳ ହୋଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ମଣିଷ ସମାଜ ପ୍ରତି ବଡ଼ ବିପତ୍ତି ଆସିପାରେ ଏଥିରେ କୌଣସି ସନ୍ଦେହ ନାହିଁ।



ଅନୁଗୋଳ ମାଉସୀ ମା' ମନ୍ଦିରରେ ଶ୍ରୀଜୀଉଙ୍କ କୃଷ୍ଣ ବଳରାମ ବେଶ

## ଇଣ୍ଡିଆ ବୁକ ରେକର୍ଡରେ ସ୍ଥାନ ପାଇଲେ ସୌମିକ




ବଇଣ୍ଡା, ୪।୭ (ସମିସ): କିଶୋରନଗର ବ୍ଲକ ବଇଣ୍ଡାରେ ରହୁଥିବା ଛେଣ୍ଡିପଦା ବ୍ଲକ ବାଲିପଟା ଗ୍ରାମର ସୌମିକ ସାଇ ପ୍ରଧାନ ଇଣ୍ଡିଆ ବୁକ ରେକର୍ଡରେ ସ୍ଥାନ ପାଇଛନ୍ତି। ମାତ୍ର ୨ ବର୍ଷ ବୟସରେ ସେ ୩୦ଟି ଇଂରାଜୀ ଶବ୍ଦର ବିପରୀତ ଶବ୍ଦ କହିବା ସହ ଭାରତର ସମସ୍ତ ରାଜ୍ୟର ରାଜଧାନୀ, ୨୭ ଦେଶର ରାଜଧାନୀ, ୨୨ଟି ଜାତୀୟ ସଙ୍କେତର ନାମ, ୭ ମହାଦେଶର ନାମ, ଶରୀରର ୨୯ଟି ଅଙ୍ଗର ନାମ, ୩୦ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଚିହ୍ନଟ, ୨୭ଟି ଜାତୀୟ ପତାକାକୁ ଚିହ୍ନି ଇଣ୍ଡିଆ ବୁକ ରେକର୍ଡ କରିଛନ୍ତି। ତାଙ୍କୁ ପଦକ ସହ ମାନପତ୍ର ଦିଆଯାଇଛି। ସେ ବାଲିପଟା ଗ୍ରାମର ଯୁବ ଚାଷୀ ସୁବାସ ପ୍ରଧାନ ଓ ସୀମାନ୍ତନୀ ପ୍ରଧାନଙ୍କ ପୁଅ ହୋଇଥିବା ବେଳେ ତାଙ୍କର ଏହି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ରୋଜଗାରର ଉତ୍ସ ଥିଲା ଗାଁ ଗହଳିର 'ଛତୁ' ବ୍ୟବସାୟ



ତାଳଚେରସଦର, ୪।୭ (ସମିସ): ପୂର୍ବରୁ ତାଳଚେର ଉପଖଣ୍ଡ ବଣଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ତାଳଚେର ବ୍ଲକର ବିଭିନ୍ନ ଛୋଟବଡ଼ ଗାଁରେ ମହିଳା ଓ ପୁରୁଷ ବିଭିନ୍ନ କିସମର ଚାଷବାସ କରି ଜୀବିକା ନିର୍ବାହ କରିବା ସହ ବଣପାହାଡ଼ରୁ ଜଙ୍ଗଲଜାତ ଦ୍ରବ୍ୟ ଯଥା-ହରିଡ଼ା, ବାହାଡ଼ା, ମହୁଲ, ଝୁଣା ଓ ବିଭିନ୍ନ ଫୁଲ, ଫଳ ଆଦି ସଂଗ୍ରହକରି ବଜାରରେ ବିକ୍ରି କରି ଭଲ ଦି'ପଇସା ରୋଜଗାର କରୁଥିଲେ। ସେହିପରି ବର୍ଷାଋତୁ ପ୍ରାରମ୍ଭରେ ହୋଇଯାଏ ବିଭିନ୍ନ ପ୍ରକାର 'ଛତୁ' ସଂଗ୍ରହ। ଏଠିକାର ଗାଁ ଲୋକମାନେ ଅଞ୍ଚଳରେ ଥିବା ବଣପାହାଡ଼, ଜଙ୍ଗଲ, ଜମିହୁଡ଼ା, ଉଇହୁଙ୍କା ଓ ଅନ୍ୟାନ୍ୟ ସ୍ଥାନରୁ ବିଭିନ୍ନ ପ୍ରକାର ଛତୁ ଯଥା-ରୁଟକ, ବିହିଡଣୀ, ନାଡ଼, ଭାନୁ, କୁଟା, ବାଲିଛତୁ ସଂଗ୍ରହକରି ନିଜେ ଖାଇବା ସହ ବଜାରରେ ବିକ୍ରି କରି ଭଲ ଦି'ପଇସା ରୋଜଗାର କରନ୍ତି। ଏହି ଛତୁଗୁଡ଼ିକ ଅଧିକ ସ୍ୱାଦିଷ୍ଟ ହୋଇଥିବାରୁ ଖାଇବା ପାଇଁ ଲୋକେ ତାକୁ ଅଧିକ ମୂଲ୍ୟରେ ବଡ଼ ସରାଗରେ କିଣିଥାନ୍ତି। ଛତୁ ସଂଗ୍ରହ କରୁଥିବା ମହିଳା ଓ ପୁରୁଷମାନଙ୍କ କହିବା ମୁତାବକ ବର୍ଷାଋତୁରେ ଏହି ଛତୁର ଦର ଅଧିକ ହୋଇଯାଏ। ଆଷାଢ଼ ମାସର ପହିଲି ବର୍ଷାରେ ଏହି ଛତୁ କିଲୋପ୍ରତି ଦେଢ଼ଶହରୁ ଦୁଇଶହ ଟଙ୍କା ବିକ୍ରି ହେଉଥିବା ବେଳେ ଶ୍ରାବଣ ମାସରେ ମୂଲ୍ୟ ୪ଶହ ପାର୍ ହୋଇଯାଏ। ବିଶେଷ କରି ସହରାଞ୍ଚଳରେ ବାସ କରୁଥିବା ଲୋକେ ଗାଁ ବ୍ୟବସାୟୀଙ୍କ ଉପରେ ଛତୁ ପାଇଁ ନିର୍ଭର କରିଥାନ୍ତି। ବଜାରରେ ଏହାର ଦର ଅଧିକ ହୋଇଥିଲେ ହେଁ ଏହା କେବଳ ବର୍ଷାଋତୁରେ ମିଳୁଥିବା ଓ ଅଧିକ ସ୍ୱାଦିଷ୍ଟ, ଏବଂ ମାଛ, ମାଂସ, ଅଣ୍ଡାଭଳି ତରକାରୀକୁ ପଛରେ ପକାଇ ଲୋକେ ଛତୁ ଟିକେ କିଣି ଖାଇବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ବଣଜଙ୍ଗଲ, ପାହାଡ଼ପର୍ବତରେ ଫୁଟୁଥିବା ଏହି ଛତୁର ଚାହିଦା ଯଥେଷ୍ଟ ରହିଥାଏ। ପ୍ରାୟତଃ ଗାଁ ବ୍ୟବସାୟୀମାନେ ଏହି ଛତୁକୁ ପତ୍ର ଓ ଚଉପତି ଦ୍ୱାରା ଭାଗକରି ରାଜପଥରେ ବସି ବିକ୍ରି କରୁଥିବା ଦେଖିବାକୁ ମିଳେ। ରୁଟକ, ବିହିଡଣୀ, ନାଡ଼, ଭାନୁ, କୁଟା, ବାଲିଛତୁ ଆଦିର ଚାହିଦା ଅଧିକ ରହିଛି। ଏହାର ଦାମ ବାଜରରେ ଅନ୍ୟ ଛତୁ ତୁଳନାରେ ଅଧିକ। ଆଧୁନିକ ପ୍ରଣାଳୀରେ ବଟମ, ପୁଆଳ ଓ ପାଳଛତୁ ବର୍ଷତମାମ ଚାଷ କରାଯାଇଥାଏ। ତେଣୁ ସେଗୁଡ଼ିକର ଚାହିଦା କମ ଥାଏ। ବିଶେଷ କଥା ହେଲା, ଗାଁର ବିଭିନ୍ନ ପ୍ରକାର ଚାଷବାସ, ପନିପରିବା, ରବିଫସଲ ଓ ଋତୁଗୁଡ଼ିକରେ ମିଳୁଥିବା ଜଙ୍ଗଲଜାତ ଦ୍ରବ୍ୟ ସବୁ କାରବାରର ଫାଇଦା ନେଇପାରୁ ନାହାନ୍ତି ଚାଷୀ ଅବା ଗାଁ ବ୍ୟବସାୟୀ। ଦଲାଲମାନେ ପ୍ରତି ଗାଁରେ ସବୁ ସମୟରେ ପହଞ୍ଚି ଯାଉଥିବାରୁ ଚାଷୀ ଓ ଗାଁ ବ୍ୟବସାୟୀଙ୍କ ନିକଟରୁ ଦ୍ରବ୍ୟର ଅଳ୍ପକିଛି ମୂଲ୍ୟଦେଇ ସେମାନଙ୍କଠାରୁ କ୍ରୟ କରିନେଇଥାନ୍ତି ଓ ବଜାରେ ଅଧିକ ମୂଲ୍ୟରେ ବିକ୍ରି କରନ୍ତି। ଫଳରେ ଗାଁ ବ୍ୟବସାୟୀ ସହର ମୁହାଁ ହୋଇ ନ ପାରି ଗାଁ ମୁଣ୍ଡରେ ରହିଯାଆନ୍ତି। ଏହାର ଫାଇଦା ଫାଇଦା ନେଇ ଦଲାଲମାନେ ବେଶ୍ ଭଲ ଦି'ପଇସା ରୋଜଗାର କରନ୍ତି। ତେଣୁ ଚାଷୀ ଓ ଗାଁ ବ୍ୟବସାୟୀଙ୍କୁ ଏ କ୍ଷେତ୍ରରେ ପ୍ରୋତ୍ସାହନ ଯୋଗାଇ ଦେବାକୁ ସରକାର ଉଚିତ ପଦକ୍ଷେପ ଗହଣ କଲେ ସେମାନେ ଉପକୃତ ହୋଇପାରନ୍ତେ ବୋଲି ଦାବି ହେଉଛି।

## ୨ ଯୁବକଙ୍କୁ ବିଅର ବୋତଲରେ ଆକ୍ରମଣ

ବଇଣ୍ଡା, ୪।୭ (ସମିସ): ଠାକୁରଗଡ଼ ଥାନା ଗୁଣ୍ଡୁରୀ ଗ୍ରାମର ନିରୋଦ ଭୋଇ ଓ ରଞ୍ଜିତ ଭୋଇଙ୍କୁ କରଡ଼ାବାହାଲି ନିକଟରେ ୬/୭ ଜଣ ଯୁବକ ଅଟକାଇ ମାଡ଼ ମାରିବା ସହ ବିଅର ବୋତଲରେ ଆକ୍ରମଣ କରିଥିବା ଗୁରୁବାର ନିରୋଦ ଥାନାରେ ଅଭିଯୋଗ କରିଛନ୍ତି। ସେ ଓ ରଞ୍ଜିତ ବାଇକ ଯୋଗେ ସାନହୁଲାରୁ କରଡ଼ାବାହାଲି ଯାଉଥିବା ବେଳେ ୬/୭ ଜଣ ଯୁବକ କରଡ଼ାବାହାଲି ନିକଟରେ ତାଙ୍କୁ ଅଟକାଇ ପ୍ରଥମେ ମାଡ଼ ମାରିଥିଲେ। ପରେ ହତ୍ୟା କରିବା ପାଇଁ ଭଙ୍ଗା ବିଅର ବୋତଲରେ ଦେହସାରା ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଠାକୁରଗଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ବନ୍ଧୁକ ଚାଳନାରେ ସ୍ୱର୍ଣ୍ଣ ପଦକ ଜିତିଲେ ଅନୁଗୋଳର ଦିବ୍ୟାଶା




ଅନୁଗୋଳ, ୪।୭ (ସମିସ): କୋଇଲା ନଗରୀ ତାଳଚେରର ସୁନାଝିଅ ଦିବ୍ୟାଶା ପ୍ରିୟଦର୍ଶିନୀ ଚୋପଦାର ବନ୍ଧୁକ ଚାଳନାରେ ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ସମ୍ମାନଜନକ ରାଜ୍ୟ ୨ୟ ଓପନ ସୁଟିଂ ଚାମ୍ପିଅନସିପରେ ଦିବ୍ୟାଶା ଏହି ସଫଳତା ହାସଲ କରିଛନ୍ତି। ତାଳଚେର ରାଜା ବିଜୟେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ ଭୁବନେଶ୍ୱରରେ ଦିବ୍ୟାଶାଙ୍କୁ ସ୍ୱର୍ଣ୍ଣ ପଦକ ପିନ୍ଧାଇବା ସହ ସାର୍ଟିଫିକେଟ ପ୍ରଦାନ କରି ତାଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍ ସଭାପତି ସମୀର ମହାନ୍ତି ଏବଂ କ୍ରୀଡ଼ା ଗୁରୁ ହରିପ୍ରସାଦ ପଟ୍ଟନାୟକ ଦିବ୍ୟାଶାଙ୍କ ସୁଟିଂ ଶୈଳୀର ପ୍ରଶଂସା କରି ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

ଦିବ୍ୟାଶା ଷଷ୍ଠ ଶ୍ରେଣୀରୁ ଲଗାତର ଭାବେ ଆଜିପର୍ଯ୍ୟନ୍ତ ୫ ଥର ସ୍ୱର୍ଣ୍ଣ ପଦକ ଜିତି ଆସୁଛନ୍ତି। ବର୍ତ୍ତମାନ ସେ ଜାତୀୟ ସ୍ତରରେ ଆଇଏସଏସଏଫ କାଟାଗୋରିରେ ଖେଳି ଜାତୀୟସ୍ତରୀୟ ରିନାଉଣ୍ଡ ସୁଟର ଯୋଗ୍ୟତା ହାସଲ ସହ ଭାରତୀୟ ଟିମ୍‌ରେ ସାମିଲ ହେବା ପାଇଁ ସିଲେକ୍ସନ୍ ଟ୍ରାଏଲ ଯୋଗ୍ୟତା ହାସଲ କରିଛନ୍ତି। ଦିବ୍ୟଶା କୁହନ୍ତି ଯେ ସୁଟିଂ ଏକ ବ୍ୟୟବହୁଳ କ୍ରୀଡ଼ା। ଏହାର ଟ୍ରେନିଂ ତଥା ପ୍ରତିଯୋଗିତା ଆଦିରେ ଭାଗନେବା ପାଇଁ ମଧ୍ୟ ବହୁ ଟଙ୍କା ଖର୍ଚ୍ଚହୁଏ। ଆଜିପର୍ଯ୍ୟନ୍ତ ମୋର କୋଚ୍ ମୋ ବାପା ଅଟନ୍ତି। ସେ ମତେ ବନ୍ଧୁକ, ପିସ୍ତଲ୍ ଖେଳିବା ପାଇଁ କୋଚିଂ ଦେଇ ଜାତୀୟସ୍ତର ପର୍ଯ୍ୟନ୍ତ ପହଞ୍ଚାଇଛନ୍ତି। ଏବେ କିନ୍ତୁ ମତେ ଉଚ୍ଚସ୍ତରୀୟ ଟ୍ରେନିଂ ଦରକାର ହେଉଛି। ତେଣୁ ଜିଲ୍ଲାରେ ଥିବା ସରକାରୀ, ବେସରକାରୀ କର୍ପୋରେଟ ସଂସ୍ଥାଗୁଡ଼ିକ ପକ୍ଷରୁ ଯଦି ଟ୍ରେନିଂ ବ୍ୟବସ୍ଥା ହୁଅନ୍ତା ତେବେ ଆଗାମୀ ଦିନରେ ଅଲିମ୍ପିକ୍‌ରେ ଦେଶ ପାଇଁ ମେଡାଲ ଜିତିବାର ଆଶା ପୂରଣ ହୋଇପାରନ୍ତା ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଦିବ୍ୟାଶା ହେଉଛନ୍ତି ନ୍ୟାସନାଲ ଗେମ୍‌ରେ ଭାଗ ନେଇଥିବା ଜିଲ୍ଲାର ପ୍ରଥମ ସୁଟର। ସେ ୩୭ତମ ନ୍ୟାସନାଲ ଗେମ୍, ଗୋଆରେ ଭାଗନେଇ ଅଲିମ୍ପିଆନ ତଥା ବିଶ୍ୱ ରେକର୍ଡ କରିଥିବା ସୁଟରମାନଙ୍କ ସହ ପ୍ରତିଯୋଗୀ ଥିଲେ।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ, ଚାରାରୋପଣ

### ଜିଲ୍ଲା ଆଇନସେବା ପ୍ରାଧିକରଣ

ଅନୁଗୋଳ, ୪।୭ (ସମିସ): ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟରେ ୭୬ତମ ବନ ମହୋତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ହୃଷୀକେଶ ଆଚାର୍ଯ୍ୟ, ପରିବାର ଅଦାଲତ ବିଚାରପତି ଚୌଧୁରୀ ପ୍ରବୀର କୁମାର, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ପୋକ୍ସୋ) ସୌମ୍ୟା ଶୁଭଦର୍ଶିନୀ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକରୀ ଶ୍ରୀମୟୀ ଆଚାର୍ଯ୍ୟ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ସୁକୁମାର ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀଯୁକ୍ତ ସୋମ୍ୟରଞ୍ଜନ ନାୟକ, ବରିଷ୍ଠ ଦେୱାନୀ ବିଚାରପତି ତଥା ମହିଳା ଅଦାଲତ




ବିଚାରପତି ସଙ୍ଗୀତା ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍ଆର ଏଲ ଟିଭି) ଲୋପାମୁଦ୍ରା ପଣ୍ଡା, ଉପ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ବନିଲ କୁମାର ଖଟାଇ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଋତୁଶ୍ରୀ ମହାରଣା, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସରିତା ମହାରଣା, କୀର୍ତ୍ତନ ସାହୁ, ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶକୁ ଘୋର ସଙ୍କଟରୁ ରକ୍ଷା କରିବା ପାଇଁ ନିଜେ ଗଛ ଲଗାଇବା ସହ ଅନ୍ୟକୁ ଗଛ ଲଗାଇବା ପାଇଁ ପ୍ରୋତ୍ସାହିତ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ପିଜୁଳି, ବେଲ, ବଉଳ, ଅଶୋକ, ଲେମ୍ବୁ, ଜାମୁ, କରଞ୍ଜ, ଲିମ୍ବ ଇତ୍ୟାଦି ପ୍ରଜାତିର ଚାରା ରୋପଣ କରାଯାଇଥଲା। ଜିଲ୍ଲା ଆଇନସେବା ପ୍ରାଧିକରଣର ପାରାଲିଗାଲ ଭଲ୍ୟୁଣ୍ଟର, ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବନ କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୋଚିଆବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଖମାର: ଶୁକ୍ରବାର ପୂର୍ବାହ୍ନରେ କୋଚିଆବେଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଛି। ଛାତ୍ରଛାତ୍ରୀ, ଶିକ୍ଷକ



ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଫଳ ଚାରା ରୋପଣ କରାଯାଇଥିଲା। ଖମାର ଫରେଷ୍ଟ ସେକ୍ସନ ପକ୍ଷରୁ ଚାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ 'ସକାଳ'ର ଖମାର ପ୍ରତିନିଧି ଖଗେଶ୍ୱର ପିଙ୍ଗୁଆ, ଖମାର ବନରକ୍ଷୀ ବବିତା ନାଏକ, ପ୍ରଧାନଶିକ୍ଷକ ଅଜୟ କୁମାର ବିଶ୍ୱାଳ, ସହକାରୀ ଶିକ୍ଷକ ଅମୂଲ୍ୟ ସାହୁଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବନବିଭାଗ କର୍ମଚାରୀ ଯୋଗଦେଇଥିଲେ।

### ରୋଟାରୀ ରୟାଲ ଅନୁଗୋଳ

ଅନୁଗୋଳ: ରୋଟାରୀ କ୍ଲବ ଅନୁଗୋଳ ରୟାଲ ପକ୍ଷରୁ ନୂତନ ବଚପନ ସ୍କୁଲ ପରିସରରେ ବନ ମହୋତ୍ସବ ପାଳନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସବୁଜ ବଳୟର ସୁରକ୍ଷା ଏବେ ବିଶ୍ୱ ସମୁଦାୟ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବିଶ୍ୱ ତାପାୟନରୁ ମୁକୁଳିବାର ଏକମାତ୍ର ଉପାୟ ହେଉଛି ବ୍ୟାପକ ବନୀକରଣ। ଫୁଲ, ଫଳ, ପତ୍ର, ଚେର ଇତ୍ୟାଦି ମଣିଷର ନିତ୍ୟ ବ୍ୟବହାରରେ




ଲାଗେ। ତେଣୁ ଗଛକୁ ଜୀବନ ଭାବି ଏହାକୁ ସୁରକ୍ଷା ଦେବା ଆବଶ୍ୟକ ବୋଲି କ୍ଲବ ସଭାପତି ରୋଟାରିଆନ ଡ. କୁମାର ସୌମ୍ୟକାନ୍ତ ବିଶୋଇ କହିଥିଲେ। ଚାରାରୋପଣ କମିଟି ଚେୟାରମ୍ୟାନ ଡା. ଦେବାଶିଷ ପ୍ରଧାନ ସମସ୍ତଙ୍କୁ ନିଜ ଦୈନନ୍ଦିନ ଜୀବନରେ ଗଛ ଲଗାଇବା ପାଇଁ ଅନୁରୋଧ କରିଥିଲେ। ସମ୍ପାଦକ ନୀହାର ରଞ୍ଜନ ପ୍ରସାଦ, ପ୍ରକାଶ ଅଗ୍ରୱାଲ, ଆଶୋକ ମାହୋଠିଆ ଏବଂ ବଚପନ୍ ସ୍କୁଲ ଅଧକ୍ଷା ଇଭାଲିନ ରଥ, ଉପଦେଷ୍ଟା ସିମ୍ରନ ବେଗମ୍, ନିର୍ଦ୍ଦେଶିକା ସଲିମା ଦାମାନୀଙ୍କ ସମେତ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଚାରାରୋପଣରେ ସହଯୋଗ କରିଥିଲେ। ନୀଝାର ଅଲି ଦାମାନୀ ଧନ୍ୟବାଦ ଜ୍ଞାପନ କରିଥିଲେ।

### ମାଙ୍କଡ଼ଚୁଆ ଗ୍ରାମ

କିଶୋରନଗର: କିଶୋରନଗର ବ୍ଲକ ନାକଚି ପଞ୍ଚାୟତ ମାଙ୍କଡ଼ଚୁଆ ଗ୍ରାମରେ ବନମହୋତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଏଫ୍ଇଏସ କ୍ଲବ କୋ-ଅର୍ଡିନେଟର ଶୈଳନ୍ଦ୍ର କୁମାର ପ୍ରଧାନ ଏବଂ ସହଯୋଗୀ, ମିଶନ ଶକ୍ତି ଏମବିକେ



ସରୋଜିନୀ ପ୍ରଧାନ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ଏସଏଚଜି ସଭ୍ୟା, ଏପିସି କର୍ମକର୍ତ୍ତା ଏବଂ ଗ୍ରାମବାସୀ ଉପସ୍ଥିତ ରହି ବିଭିନ୍ନ ମୂଲ୍ୟବାନ ଚାରା ରୋପଣ କରିଛନ୍ତି।

### ଆଠମଲ୍ଲିକ ବନ ବିଭାଗ

ଆଠମଲ୍ଲିକ: ଆଠମଲ୍ଲିକ ବନବିଭାଗ ପକ୍ଷରୁ ଶୁକ୍ରବାର ଆଠମଲ୍ଲିକ ବନଖଣ୍ଡ ଅଧୀନ ଖମେଶ୍ୱରପାଲି ଗ୍ରାମ ନିକଟସ୍ଥ ତଲେଇପଥର ସଂରକ୍ଷିତ ଜଙ୍ଗଲ ୧୯



ନମ୍ବର କମ୍ପାର୍ଟମେଣ୍ଟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାର ଯୋଗଦେଇ ପ୍ରଥମେ ଚାରାରୋପଣ କରିବା ସହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସବ୍‌ଜଜ୍ ଲିଙ୍କିପ୍ରିୟା ସାହୁ, ଏସଡିଜେଏମ ସିଙ୍କୁନ ରାୟ, ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର, କ୍ରିମିନାଲ ବାର ସମ୍ପାଦକ ସୁଧାଂଶୁ ଶେଖର ବେହେରା, ଉପସଭାପତି ପ୍ରାଣବନ୍ଧୁ ମେଣ୍ଡୁଲି ଯୋଗଦେଇ ବର, ଓସ୍ତ, ଫାସି, ଶିଶୁ, ଓଉ, ପଣସ, ପିଆଶାଳ, ଆମ୍ବ, ଅଁଳା, କରମଙ୍ଗା, କାଞ୍ଚନ ଆଦି ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। ଆଠମଲ୍ଲିକ ବନାଞ୍ଚଳ ଅଧିକାରୀ ସୁନୀଲ କୁମାର ସାହୁ, ବନପାଳ ସୁବ୍ରତ କୁମାର ଶତପଥୀ, ବନବିଭାଗ ସଂଯୋଜକ ଦେବାନନ୍ଦ ନାୟକ ଓ ବନ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁକ୍ରବାର ୬୦୦ ଚାରା ରୋପଣ କରାଯାଇଥିବା ବେଳେ ଆଗାମୀ ଦିନରେ ମୋଟ ୨୦ ହଜାର ଚାରା ରୋପଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି।

### କନ୍ତପଡ଼ା ହାଇସ୍କୁଲ

ବଇଣ୍ଡା: ଆଠମଲ୍ଲିକ ବ୍ଲକ କନ୍ତପଡ଼ା ହାଇସ୍କୁଲ ପରିସରରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିବସ୍ତୁ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି



ଭାବେ ଧଣ୍ଡାତୋପା ରେଞ୍ଜର ବଡ଼ୁବାହାନ ସାହୁ ଯୋଗଦେଇ ଚାରାରୋପଣ କରିବା ସହ ଛାତ୍ରଛାତ୍ରୀମାନେ ନିଜ ବାଡ଼ିରେ ଗୋଟିଏ ଲେଖାଏଁ ଚାରା ଲଗାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ପଙ୍କଜିନୀ ବାହୁକ, ସୁବାସ ସେଠୀ, ଅର୍ଜ୍ଜୁନ ବେହେରା, ବାବୁଲି ପ୍ରଧାନ, ଶିକ୍ଷକ ପ୍ରିୟରଞ୍ଜନ ବିଶ୍ୱାଳ ଯୋଗଦେଇ ଚାରାରୋପଣ କରିଥିଲେ। ଏଥିସହ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସୁରେନ୍ଦ୍ର ସାହୁଙ୍କ ଆର୍ଥିକ ସହାୟତାରେ ଏହି ପ୍ରତିଯୋଗିତା ହୋଇଥିବା ବେଳେ ବୀରେନ କୁମାର ପ୍ରଧାନ ଏହାକୁ ସଂଯୋଜନା କରିଥିଲେ। ବଳଭଦ୍ର ବିଶ୍ୱାଳ, ଭରତ ଚନ୍ଦ୍ର ସାହୁ ସହଯୋଗ କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କୁ ଟ୍ରକ ମାଲିକ ସଂଘର ଦାବିପତ୍ର



ଛେଣ୍ଡିପଦା,୪।୭(ସମିସ): ସ୍ଥାନୀୟ କୋଇଲା ଖଣିରୁ ଆଗ୍ରାଧିକାର ଭିତ୍ତିରେ କୋଇଲା ପରିବହନ ପାଇଁ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଟ୍ରକ ମାଲିକ ସଂଘ ପକ୍ଷରୁ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଛେଣ୍ଡିପଦା ବ୍ଲକରେ ୧୯୯୬ ମସିହାରେ ଏହି ଅଞ୍ଚଳର ଟ୍ରକ ମାଲିକମାନଙ୍କୁ ନେଇ ଏକ ସଂଘ ଗଠନ କରାଯାଇଥିଲା। ଉକ୍ତ ସଂଘ ମାଧ୍ୟମରେ ଛେଣ୍ଡିପଦା ଏମସିଏଲ କୋଇଲା ଖଣିରୁ ୨୦୦୫ରୁ ୨୦୧୪ ପର୍ଯ୍ୟନ୍ତ ସ୍ଥାନୀୟ ସମସ୍ତ ଟ୍ରକ କୋଇଲା ପରିବହନ କରି ଆସୁଥିଲେ। ପରିବହନରେ କୌଣସି ସମସ୍ୟା ଆସିଲେ ସ୍ଥାନୀୟ ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷଙ୍କ ସହଯୋଗରେ ସମାଧାନ କରି ସୂଚାରୁ ରୂପେ ପରିଚାଳନା କରାଯାଉଥିଲା। ଟ୍ରକ ମାଲିକ ସଂଘ ନିୟମିତ ଭାବେ ଗ୍ରାମ୍ୟ କମିଟି, ଛେଣ୍ଡିପଦା ଜଗନ୍ନାଥ ମନ୍ଦିର, ଦୁର୍ଘଟଣା ପୀଡ଼ିତ ଓ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହାୟତା ଯୋଗାଇ ଆସୁଥିଲା।

ତେବେ ୨୦୧୪ରେ ଏମସିଏଲ କୋଇଲା ଖଣି ବନ୍ଦ ହେବା ପରେ ସ୍ଥାନୀୟ ଶ୍ରମିକଙ୍କଠାରୁ ଆରମ୍ଭ କରି ଟ୍ରକ ଚାଳକ କର୍ମଚାରୀ ଓ ମାଲିକମାନେ ରୋଜଗାର ହରାଇଲେ। ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇ ପଡ଼ିଥିଲା। ବ୍ଲକର ଟ୍ରକଗୁଡ଼ିକୁ ସ୍ଥାନୀୟ କୋଇଲା ଖଣିରେ ନିୟୋଜିତ କରିବା ପାଇଁ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା। ଏବେ ଛେଣ୍ଡିପଦା ବ୍ଲକ ସଦର ମହକୁମା ନିକଟରେ ଏସଏସସିଏଲ ପକ୍ଷରୁ ନୟନୀ କୋଇଲା ଖଣି ଖୋଲାଯାଉଛି। ଏହି କୋଇଲା ଖଣି ଟ୍ରକ ମାଲିକ, ଚାଳକ ଓ ଶ୍ରମିକଙ୍କ ପାଇଁ ନୂତନ ଆଶା ଓ ସୁଯୋଗ ଆଣିଥିବା ବେଳେ ଏକ ବାହାର ଠିକାଦାର ଏବଂ ଟ୍ରାନ୍ସପୋର୍ଟ ଏଜେନ୍ସି କୋଇଲା ପରିବହନ କାମ ନେଇଯିବାକୁ ଚେଷ୍ଟା କରୁଛି। ଏ ନେଇ ଛେଣ୍ଡିପଦା ଟ୍ରକ ମାଲିକ ସଂଘ ସଭାପତି ମହେଶ୍ୱର ବେହେରାଙ୍କ ନେତୃତ୍ୱରେ ଟ୍ରକ ମାଲିକମାନେ ଛେଣ୍ଡିପଦାଠାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଭେଟି ନୟନୀ କୋଇଲା ଖଣିରୁ ପୂର୍ଣ୍ଣ ରୂପେ କୋଇଲା ପରିବହନ କାମ ଆଞ୍ଚଳିକ ଟ୍ରକ ମାଲିକ ସଂଘକୁ ଦେବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଙ୍ଘ ସମ୍ପାଦକ ସୁବୋଧ କୁମାର ବେହେରା, କୋଷାଧ୍ୟକ୍ଷ ନୃସିଂହ ଦେହୁରୀ, ଦୀପକ ପ୍ରଧାନ, ରବିନାରାୟଣ ଆଚାର୍ଯ୍ୟ, ସୁରକ୍ଷା ଚନ୍ଦନ, ମିଲୁ ବେହେରାଙ୍କ ସମେତ ବହୁ ଟ୍ରକ ମାଲିକ ଉପସ୍ଥିତ ଥିଲେ।

## ଏନଟିପିସି କେଭିରେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ



କଣିହାଁ,୪।୭(ସମିସ): କଣିହାଁ ବ୍ଲକ୍ ଏନଟିପିସି କେନ୍ଦ୍ରୀୟ ବିଦ୍ୟାଳୟ ଦୀପଶିଖା ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ୫୪ତମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୪୦ କେନ୍ଦ୍ରୀୟ ବିଦ୍ୟାଳୟର ୨୦୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୪, ୧୭ ଓ ୧୯ ବର୍ଷରୁ କମ୍ ବାଳକଙ୍କ ମଧ୍ୟରେ ପୃଥକ୍ ପୃଥକ୍ ପ୍ରତିଯୋଗିତା ହୋଇଥିଲା। ପ୍ରତି ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଷ୍ଠ ୯ ଜଣ ଖେଳାଳିଙ୍କୁ ବିଚାରକ ମଣ୍ଡଳୀ ଦ୍ୱାରା ଚୟନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏନଟିପିସି, କଣିହାଁ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ନରସଂହ ରେଡ୍ଡୀ ମୁଖ୍ୟଅତିଥି ଏବଂ ଏନଟିପିସି, କଣିହାଁ ପ୍ରକଳ୍ପ ମାନବ ସମ୍ବଳ ବିଭାଗ ମୁଖ୍ୟ ତଥା ଅତିରିକ୍ତ ମହାପ୍ରବନ୍ଧକ ନବନୀତ୍ କୁମାର, ଏନଟିପିସି କେନ୍ଦ୍ରୀୟ ବିଦ୍ୟାଳୟ, ଦୀପଶିଖା ଅଧ୍ୟକ୍ଷ କ୍ରିଷ୍ଣା କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସୁଧୀର କୁମାର ମିଶ୍ର, ସ୍ୱାଧୀନ ମିଶ୍ର, ବାବା ଅମରଜ୍ୟୋତି, ସୁବାଶିଷ ସାହୁ, ପୁରୁଷୋତ୍ତମ ସେଠୀ, ପବିତ୍ର ମୋହନ ପ୍ରଧାନ, ଏନଟିପିସି କେନ୍ଦ୍ରୀୟ ବିଦ୍ୟାଳୟ ଶାରିରୀକ ଏବଂ ସ୍ୱାସ୍ଥ୍ୟ ଶିକ୍ଷକ ପ୍ରଖର ଗୁପ୍ତା ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ କୁମାର ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

### ଖବର ପ୍ରକାଶ ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଲା

# ବଅଁରପାଳ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ







ଅନୁଗୋଳ,୪।୭(ସମିସ): ବଅଁରପାଳ ବ୍ଲକ ଅନ୍ତର୍ଗତ ନାଲକୋ ଟାଉନସିପ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପରିବେଷଣ କରାଯାଉଥିବା ବେଳେ ସମ୍ପୃକ୍ତ ବ୍ୟବସାୟୀଙ୍କ ପ୍ରତି ପ୍ରଶାସନର ଅଙ୍କୁଶ ରହୁନାହିଁ। ଏ ସମ୍ପର୍କିତ ଖବର ଶୁକ୍ରବାର 'ସକାଳ'ରେ ପ୍ରକାଶ ପାଇବା ପରେ ଆକ୍ସନମୁଡ୍‌କୁ ଆସିଛି ଖାଦ୍ୟ ସୁରକ୍ଷା ବିଭାଗର ଟାସ୍କଫୋର୍ସ ଟିମ। ବଅଁରପାଳ ବଜାର ଅଞ୍ଚଳରେ ହୋଟେଲ, ରେଷ୍ଟୁରାଣ୍ଟ, ଚାଳିଆ ହୋଟେଲ, ଠେଲା ଟ୍ରଲି, ଫାଷ୍ଟ ଫୁଡ୍, ଷ୍ଟ୍ରିଟଫୁଡ୍ ପ୍ରଭୃତି ଦୋକାନରେ ଶୁକ୍ରବାର ଦିନତମାମ ଏହି ଟିମ୍ ଚଢ଼ଉ କରି ୧୩ ଦୋକାନରୁ ୨୦ ହଜାର ୨ ଶହ ଟଙ୍କା ଜରିମାନା ଆଦାୟ କରିଛି। ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ, ବାସିଖାଦ୍ୟ, କେମିକାଲ ରଙ୍ଗ ମିଶ୍ରିତ ଖାଦ୍ୟ, ପୋଡ଼ା ତେଲରେ ପ୍ରସ୍ତୁତ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ବ୍ୟବହାର ଇତ୍ୟାଦି ଉପରେ ଟିକିନିକି ଯାଞ୍ଚ କରିଥିଲେ। ରାଜ୍ୟର କେତେକ ଜିଲ୍ଲାରେ ମହାମାରୀ ହଇଜାର ପ୍ରାଦୁର୍ଭାବ ଏବଂ ବର୍ଷାଦିନକୁ ଦୃଷ୍ଟିରେ ରଖି ନିଜକୁ ସୁରକ୍ଷିତ ରଖିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଖାଦ୍ୟ ପାନୀୟ ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା।

**୧୩ ଦୋକାନରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ**

ତେବେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପରିବେଷଣ ଦେଖି ଟିମ ଉଦବେଗ ପ୍ରକାଶ କରିଥିଲେ। ସ୍ୱଚ୍ଛତା ଓ ବିଶୁଦ୍ଧତା ପାଇଁ ଦୋକାନୀମାନଙ୍କୁ ତାଗିଦ କରିଥିଲେ। କେତେକ ଦୋକାନରେ ଗଚ୍ଛିତ ଥିବା ଅଖାଦ୍ୟକୁ ଯାଞ୍ଚ ଟିମ ନଷ୍ଟ କରିଥିଲେ। ଯାଞ୍ଚ ସମୟରେ ଅନେକ ହୋଟେଲ ଓ ଖାଦ୍ୟ ସାମଗ୍ରୀ ଦୋକାନର ଫୁଡ୍ ଲାଇସେନ୍ସ ନ ଥିବା ବେଳେ ଅତି ଅପରିଷ୍କାର ପରିବେଶରେ ଖାଦ୍ୟ ପରଷା ଯାଉଥିବା ଦେଖିବାକୁ ମିଳିଥିଲା। ୧୩ ଦୋକାନୀଙ୍କଠାରୁ ୨୦ ହଜାର ୨ଶହ ଟଙ୍କା ଜରିମାନା ଆଦାୟ କରିଥିଲେ। ଖାଦ୍ୟ ସୁରକ୍ଷା ଟାସ୍କଫୋର୍ସ ଟିମର ଅଚାନକ ଚଢ଼ଉରେ କିଛି ଦୋକାନୀ ଭୟଭୀତ ହୋଇପଡ଼ିଥିଲେ। ଟିମ୍‌ର କଡ଼ା କାର୍ଯ୍ୟାନୁଷ୍ଠାନ ଦେଖି ଚଟାପଟ ଖାଦ୍ୟ ସାମଗ୍ରୀ ଘୋଡ଼ାଇ ଦେଉଥିଲେ। ଆଉ କିଛି ଲୁଚାଇ ଦେଉଥିଲେ। ଦୋକାନ ଭିତରେ ଗ୍ରାହକ ଖାଉଥିବା ବେଳେ ଯାଞ୍ଚ ଟିମଠାରୁ ଖସିଯିବା ପାଇଁ ଦୋକାନ ସଟର ପକାଇ ବନ୍ଦ କରିଦେଉଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଫଳରେ ସେଠାରେ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ୟବସାୟୀମାନଙ୍କୁ ତୁରନ୍ତ ଫୁଡ୍ ଲାଇସେନ୍ସ କରିବାକୁ ଟିମ୍ ପରାମର୍ଶ ଦେଇଥିଲେ। ଚଢ଼ଉରେ ଡିପିଏଚଓ ଧନଞ୍ଜୟ ବେହେରା, ଏଫଏସଓ ହରପ୍ରିୟା ବେହେରା, ଏମଟିଏସ ନୀଳାମ୍ବର ପ୍ରଧାନ ସାମିଲ ଥିଲେ।

## ଶିଶୁ ମନ୍ଦିର ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ତାଳଚେରସଦର,୪।୭(ସମିସ): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମନ୍ତ୍ରୀ ପ୍ରଧାନ ତାଳଚେରସ୍ଥିତ ହାଣ୍ଡିଧୁଆ ଗ୍ରାମ ଖେଳପଡ଼ିଆ ଏବଂ ଗୋପାଳପ୍ରସାଦ ମା' ହିଙ୍ଗୁଳା ପୀଠ ନିକଟ ଅରା ସଂରକ୍ଷିତ ଜଙ୍ଗଲରେ ଚାରାରୋପଣ ଅଭିଯାନର ଶୁଭାରମ୍ଭ କରିବା ସହ ୭୬ତମ ବନ ମହୋତ୍ସବରେ ଯୋଗଦେଇଥିଲେ। ପରେ ସେ ତାଳଚେରରୁ ହିଙ୍ଗୁଳା ପୀଠ ଯିବା ଅବସରରେ କଳମଛୁଇଁ ଶିଶୁମନ୍ଦିର ଛାତ୍ରଛାତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପାର୍କିଂସ୍ଥଳ ସାଜିଛି ପୌରକାର୍ଯ୍ୟାଳୟ ସମ୍ମୁଖ ରାସ୍ତା

ତାଳଚେରସଦର,୪।୭(ସମିସ): ପାର୍କିଂ ସୁବିଧା ପାଇଁ ସରକାର ଯେତେ ବ୍ୟବସ୍ଥା କରୁଥିଲେ ମଧ୍ୟ ସଫଳତା ମିଳିପାରୁନି। ତାଳଚେର ପୌର କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଏବେ ପାର୍କିଂସ୍ଥଳ ପାଲଟିଛି। କେବଳ ରବିବାର ଦିନ ଛାଡ଼ିଦେଲେ ଆଉ ୬ଦିନ ଏହି ରାସ୍ତାରେ ଗହଳଚହଳ ଲାଗି ରହିଥାଏ। ସେହି ରାସ୍ତାଦେଇ ଛୋଟ ପିଲାମାନେ ଟିଉସନ୍, ସ୍କୁଲ, କଲେଜ, ମାର୍କେଟ ଓ ସକାଳ ୧୦ରେ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ଲୋକେ ଯାତାୟାତ କରନ୍ତି। ତେବେ ପୌର କାର୍ଯ୍ୟାଳୟ ସମ୍ମୁଖରେ ୨ଶହ ମିଟର ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକ ଏଣେତେଣେ ମନଇଚ୍ଛା ପାର୍କିଂ କରାଯାଉଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇଯାଉଛି। କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଆସୁଥିବା ଲୋକେ ନିଜ ଗାଡ଼ିକୁ କାର୍ଯ୍ୟାଳୟ ସମ୍ମୁଖରେ ରଖୁଥିବା ମଧ୍ୟ ଦେଖାଯାଇଛି। ପୌର ପ୍ରଶାସନ ପାର୍କିଂ କରିବାକୁ ଅନ୍ୟ ଲୋକଙ୍କୁ ତାଗିଦ୍ କରୁଥିବା ବେଳେ ନିଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଏପରି ଅବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ତାଳଚେର ଅଞ୍ଚଳରେ ହାତୀ ଆତଙ୍କ

ତାଳଚେରସଦର,୪।୭(ସମିସ): ତାଳଚେର ବନାଞ୍ଚଳ ଅନ୍ତର୍ଗତ ଭରତପୁରଠାରୁ ନନ୍ଦିରା ଦେଇ ହିଙ୍ଗୁଳା ଯାଇଥିବା ରାସ୍ତା ମଝିରେ ଦୁଇଟି ଦନ୍ତାହାତୀ ଘୂରି ବୁଲୁଥିବାରୁ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଗୁରୁବାର ଏକ ହାତୀପଲ ବଲଣ୍ଡା ପାଖାପାଖି ଅଞ୍ଚଳରେ ରହିଥଲେ।



ସେଥିରୁ ଦୁଇଟି ଦନ୍ତା ବାଟବଣା ହୋଇ ଉକ୍ତ ରାସ୍ତାରେ ଚଳପ୍ରଚଳ କରୁଛନ୍ତି। ହାତୀଦ୍ୱୟ ବିକଟାଳ ଗର୍ଜନ କରୁଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ତେବେ ଏହି ଦୁଇହାତୀ କୌଣସି କ୍ଷୟକ୍ଷତି କରି ନ ଥିଲେ ମଧ୍ୟ ବନବିଭାଗ ପକ୍ଷରୁ ସେମାନଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରହିଛି। ଖଣିଖାଦାନ ଯୋଗୁଁ ଜଙ୍ଗଲ ନଷ୍ଟ ହେବା ଫଳରେ ହାତୀପଲ ସହରମୁହାଁ ହେଉଛନ୍ତି। ତୁରନ୍ତ ବନବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ବ୍ୟାପକ କ୍ଷୟକ୍ଷତି ହେବା ଆଶଙ୍କା ରହିଛି। ଅନ୍ୟପଟେ ଏଫସିଆଇ, ଗୁରୁଜାଙ୍ଗ, ବଲଣ୍ଡାରେ ଏହି ହାତୀପଲ ବୁଲୁଥିବା ଜଣାପଡ଼ିଛି।

## ଅଟୋ ଓଲଟି ୪ ଆହତ



କଣିହାଁ,୪।୭(ସମିସ): କଣିହାଁ ବ୍ଲକ ସମଲ ଥାନା ନିକଟ ସମଲ ହାଇସ୍କୁଲ ଛକରୁ ଏନଟିପିସି ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଅଟୋରେ ଥିବା ସମସ୍ତ ୩ ମହିଳା ଓ ଜଣେ ଯୁବକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଂସମୁଣ୍ଡା ଗ୍ରାମର ଶ୍ରାବଣ ବେହେରାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଛି। ଶୁକ୍ରବାର ଅପରାହ୍ନରେ ସମଲ କଲୋନୀ ରାସ୍ତା ଦେଇ ଏହି ଅଟୋ ଯାଉଥିବା ବେଳେ ଭାରସାମ୍ୟ ହରାଇ ଜେଆଇପିଏଲ ପମ୍ପ ହାଉସଠାରେ ଓଲଟି ପଡ଼ିଥିଲା।

● ୨୪ତମ ଜାତୀୟ ଜୁନିଅର ଉଷୁ ଚାମ୍ପିଅନସିପ

## ଅନୁଗୋଳ ଛାତ୍ରଙ୍କ ହାଇଦରାବାଦ ଗସ୍ତ




ଅନୁଗୋଳ,୪।୭(ସମିସ): ହାଇଦରାବାଦ ଗାଛିବୋଲି ଷ୍ଟାଡିୟମ୍‌ରେ ଜୁଲାଇ ୧ରୁ ୬ ପର୍ଯ୍ୟନ୍ତ ୨୪ତମ ଜାତୀୟ ଜୁନିଅର ଉଷୁ ଚାମ୍ପିଅନସିପ ଆୟୋଜିତ ହେଉଛି। ଏଥିରେ ଅନୁଗୋଳ ଜିଲ୍ଲା ବନ୍ତଳା କଲେଜର ଛାତ୍ର କ୍ରିଷ୍ଣା ସାହୁ ଓ ଓପି ଜିନ୍ଦଲ ବିଦ୍ୟାଳୟର ଛାତ୍ର ରୁଦ୍ର ଜେଠୱା ୭୫/୮୫ କେଜି ବର୍ଗରେ ଭାଗନେବା ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳ ଏହି ଦୁଇ ଖେଳାଳି ହାଇଦରାବାଦ ଗସ୍ତ କରିଛନ୍ତି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଉଷୁ ଆସୋସିଏସନ୍ ସମ୍ପାଦକ ସୁଶାନ୍ତ ନାୟକ ଓ ବରିଷ୍ଠ କ୍ରୀଡ଼ାବିତ୍‌ମାନେ ଏମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିବା କୋଚ୍ ଚିତ୍ତରଞ୍ଜନ ମହାନ୍ତ ଜଣାଇଛନ୍ତି।

## ତାଳଚେର ଡାକ୍ତରଖାନାରେ ଡାକ୍ତରଙ୍କୁ ଖୋଜୁଛନ୍ତି ରୋଗୀ

ତାଳଚେରସଦର,୪।୭(ସମିସ): ତାଳଚେର ଭଳି ଏକ ଶିଳ୍ପାଞ୍ଚଳରେ ଏକମାତ୍ର ନିର୍ଭରଯୋଗ୍ୟ ବହୁ ପୁରାତନ ମଣ୍ଡପାଳ ସରକାରୀ ଡାକ୍ତରଖାନା ଉପରେ ତାଳଚେର ସମେତ ଆଖାପାଖ ଅଞ୍ଚଳବାସୀ ନିର୍ଭର କରନ୍ତି। ମାତ୍ର ଏବେ ଡାକ୍ତରଖାନାରେ ଡାକ୍ତର ସହ ଆନୁଷଙ୍ଗିକ ଭିତ୍ତିଭୂମି





ଅଭାବ ଯୋଗୁଁ ଏଠାରୁ ରୋଗୀମାନେ ମୁହଁ ଫେରାଉଥିବା ଅଭିଯୋଗ ହେଉଛି। ଦୈନିକ ୨ଶହରୁ ୪ଶହ ରୋଗୀ ଏହି ଡାକ୍ତରଖାନାକୁ ଆସିଥାନ୍ତି। କିନ୍ତୁ କାର୍ଯ୍ୟରତ ଡାକ୍ତରମାନେ ସେମାନଙ୍କୁ ଅନ୍ୟ ଡାକ୍ତରଖାନାକୁ ରେଫର୍ କରି ନିଜର ଦାୟିତ୍ୱ ସାରିଦେଉଥିବା ଅଭିଯୋଗ ହେଉଛି। ଏପରିକି ଅନେକ ସମୟରେ ରୋଗୀମାନେ ଡାକ୍ତରଙ୍କୁ ଖୋଜିଲେ ମଧ୍ୟ ଦେଖା ପାଇ ନ ଥାନ୍ତି। ରାଜ୍ୟରେ ସରକାର ବଦଳିଛି। ନୂଆ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଦଳୀୟ ନେତାମାନେ ବିଭିନ୍ନ କାର୍ଯ୍ୟକ୍ରମ କରି ବାହାବା ନେଉଥିବା ବେଳେ ତାଳଚେର ଡାକ୍ତରଖାନା ପ୍ରତି ଏଭଳି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷାଦିନ ଆସିଥିବା ବେଳେ ବର୍ତ୍ତମାନ ହଇଜା, ଝାଡ଼ାବାନ୍ତି, ଜ୍ୱରରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ସେମାନେ ତାଳଚେର ଡାକ୍ତରଖାନାକୁ ଗଲେ ଡାକ୍ତର ଚିକିତ୍ସା କରିବା ପରିବର୍ତ୍ତେ ଅନ୍ୟ ଚିକିତ୍ସାଳୟକୁ ପଠାଇ ଦେଉଛନ୍ତି। ଏପରିକି, ଏଠାରେ ଲକ୍ଷଲକ୍ଷ ଟଙ୍କା ବିନିମୟରେ ରୋଗୀଙ୍କ ଉନ୍ନତ ସେବା ଓ ୨୪ ଘଣ୍ଟା ଅକ୍ସିଜେନ୍ ଭଣ୍ଡାର ନିର୍ମାଣ କରାଯାଇଥିଲେ ମଧ୍ୟ କୌଣସି କାରଣରୁ ଏହାର ପାଇପ୍ ଫାଟି ଯାଇଥିବାରୁ ରୋଗୀମାନଙ୍କୁ ଅକ୍ସିଜେନ୍ ଦେବା ସମ୍ଭବ ହେଉନାହିଁ।

ଏହି ଡାକ୍ତରଖାନାରେ ପୂର୍ବରୁ ୧୭ରୁ ୧୮ ଜଣ ଅଭିଜ୍ଞ ଡାକ୍ତର କାର୍ଯ୍ୟ କରୁଥିଲେ। ମାତ୍ର ୩ ଦଶନ୍ଧି ହେବ ଏହି ଡାକ୍ତରଖାନାରେ ହାତଗଣତି ୫ରୁ ୬ଜଣ ଡାକ୍ତର କାର୍ଯ୍ୟ ତୁଲାଉଥିବା ବେଳେ ସେମାନଙ୍କ ମଧ୍ୟରୁ କେତେଜଣ ଦୀର୍ଘଦିନ ଛୁଟିରେ ରହୁଥିବାରୁ ରୋଗୀସେବା ଗୁରୁତର ବ୍ୟାହତ ହେଉଛି। ଏଠାରେ ବହୁଳ ମାତ୍ରାରେ କଳକାରଖାନା ରହିଥିବାରୁ ରୋଗୀସଂଖ୍ୟା ଦିନକୁ ଦିନ ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜଳବାୟୁ ପ୍ରଦୂଷଣ ଯୋଗୁଁ ଲୋକ ହୃଦଘାତ, କିଡ୍‌ନୀ, କର୍କଟ, ଶ୍ୱାସ ଭଳି ବହୁ ମରାତ୍ମକ ରୋଗରେ ଜର୍ଜରିତ ହୋଇ ରାଜ୍ୟ ବାହାରେ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ନିଜ ଭିଟାମାଟି ବିକ୍ରିକରି ତଳିତଳାନ୍ତ ହେଉଥିବା ବେଳେ ଏହି ପୁରାତନ ଡାକ୍ତରଖାନାକୁ କାହିଁକି ଡାକ୍ତର ଓ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯାଉ ନାହିଁ ତାକୁ ନେଇ ବିଭିନ୍ନ କଳ୍ପନା ଜଳ୍ପନା ବୃଦ୍ଧି ପାଇବାରେ ଲାଗିଛି। କୋଟି କୋଟି ଟଙ୍କା ବିନିମୟରେ ଏହି ଡାକ୍ତରଖାନା ପରିସରରେ ରୋଗୀଙ୍କ ପାଇଁ ବିରାଟ ବିରାଟ ଅଟ୍ଟାଳିକା ନିର୍ମାଣ କରାଯାଇଥିଲେ ମଧ୍ୟ ଏଗୁଡ଼ିକ କାର୍ଯ୍ୟରେ ଲାଗୁ ନ ଥିବାରୁ କେଉଁଠି ଗାଈ ଗୁହାଳ ତ ଆଉ କେଉଁଠି ଏହା ଭାଙ୍ଗିରୁଜି ଚୂରମାର ହେବାକୁ ବସିଲାଣି। ତାଳଚେର ଟ୍ରକ ମାଲିକ ସଂଘ ପକ୍ଷରୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ରୋଗୀଙ୍କ ସେବା ନିମନ୍ତେ ଲକ୍ଷଲକ୍ଷ ଟଙ୍କା ବିନିଯୋଗ କରାଯାଇ ଏକ ଅଟ୍ଟାଳିକା ନିର୍ମାଣ ହୋଇଛି। ମାତ୍ର ରୋଗୀ ସେବା ପାଇପାରୁ ନ ଥିବାରୁ ଏହି ଗୃହ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ସମ୍ପାଦକୀୟ



ଅହିଂସା ସାହସିକତାର ପ୍ରତୀକ
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ମସ୍କ ଓ ମମଦାନି

ବିଂଶ ଶତାବ୍ଦୀର ଶେଷଭାଗରେ ସୋଭିଏତ ରୁଷର ବିଭାଜନ ଓ ବର୍ଲିନ ପ୍ରାଚୀରର ପତନ ସହ ଦୁଇ ଜର୍ମାନୀର ମିଶ୍ରଣ ପରେ କେବଳ ଶୀତଳ ଯୁଦ୍ଧର ଅବସାନ ଘଟିଲାନି ସମଗ୍ର ବିଶ୍ୱରେ ଉଦାର ଗଣତନ୍ତ୍ର ଓ ମୁକ୍ତ ବଜାର ବ୍ୟବସ୍ଥା ସପକ୍ଷରେ ଯେଉଁ ଅନୁକୂଳ ପରିବେଶ ସୃଷ୍ଟି ହେଲା ସେଥିରେ ମନେ ହେଲା ସମଗ୍ର ଜନସମୁଦାୟ ଉପଭୋକ୍ତା ଭାବେ ଜୀବନକୁ ସମ୍ମୁଖୀନ ହେବେ। ବିଦ୍ୱେଷ ଓ ବିବାଦରୁ ସୃଷ୍ଟି ଯୁଦ୍ଧ ଘନଘଟାର ଅବସାନ ଘଟିବ। କିନ୍ତୁ ଉଦାର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜାତୀୟତାବାଦର ପ୍ରବକ୍ତାମାନେ ଉଗ୍ର ଦକ୍ଷିଣପନ୍ଥୀ ଚିନ୍ତନ ଓ ଆଭିମୁଖ୍ୟର ନେତୃତ୍ୱ ନେଲେ। ତାହାର ପ୍ରତୀକ ହେଲେ ଆମେରିକାର ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ। ଅପ୍ରତିଦ୍ୱନ୍ଦ୍ୱୀ ଓ ସର୍ବଶକ୍ତିମାନ ଆମେରିକା ସମ୍ପ୍ରତି ବିଶ୍ୱର ବଜାର ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବାରୁ ଯେଉଁ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଛି ତାହାର ନିୟାମକ ପାଲଟିଛନ୍ତି ନିଜେ ଟ୍ରମ୍ପ। ଆମେରିକାକୁ ପୁଣି ଥରେ ମହାନ କରି ଗଢ଼ିତୋଳିବାର ସ୍ୱପ୍ନ ଦେଖାଇ ସେ କ୍ଷମତାକୁ ଆସିଥିଲେ ହେଁ ତାଙ୍କର 'ବିଗ୍ ବିୟୁଟିଫୁଲ୍' ବିଲ୍ ତାଙ୍କ ନିର୍ବାଚନୀ ଘୋଷଣା ଓ ପ୍ରତିଶ୍ରୁତିର ପରିପନ୍ଥୀ। ନିର୍ବାଚନ ପାଇଁ ୨୫ କୋଟି ଡଲାର ଚାନ୍ଦା ଦେଇ ପ୍ରଚାର ଅଭିଯାନର. ନେତୃତ୍ୱ ନେଇଥିବା ତାଙ୍କ ନିକଟତମ ସହଯୋଗୀ ଏଲନ୍ ମସ୍କ ଆରମ୍ଭରୁ ହିଁ ବିଲ୍‌କୁ ବିରୋଧ କରିଛନ୍ତି। ଏହି ବିରୋଧରୁ ସୃଷ୍ଟି ହୋଉଥିବା ତିକ୍ତତା ଏତେ ନିମ୍ନସ୍ତରକୁ ଯାଇଛି ଯେ ଟ୍ରମ୍ପ ତାଙ୍କ ନାଗରିକତା ରଦ୍ଦ କରିବା ସହ ଦେଶରୁ ବହିଷ୍କାର କରିବାକୁ ଚେତାବନୀ ଦେଇଛନ୍ତି। ଏହାକୁ ବାଦଦେଲେ ୱାଶିଂଟନ ସହରର ମେୟର ନିର୍ବାଚନ ମଧ୍ୟ ଆଉ ଏକ ବିବଦମାନ ପରିସ୍ଥିତି ସୃଷ୍ଟି କରିଛି। ଟ୍ରମ୍ପଙ୍କ ସକାଶେ ବିରୋଧ ଓ ପ୍ରତିରୋଧର ଉତ୍ତର କେବଳ ଦେଶରୁ ବହିଷ୍କାର।

ଆସନ୍ତା ନଭେମ୍ବର ୫ ରେ ୱାଶିଂଟନରେ ମେୟର ନିର୍ବାଚନହେବ। ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦଳୀୟ ପ୍ରାର୍ଥୀ ଚୂଡ଼ାନ୍ତ ହେବା ପୂର୍ବରୁ ସେମାନଙ୍କ ଲୋକପ୍ରିୟତା ଆକଳନ ସକାଶେ ଦୁଇଟି ପର୍ଯ୍ୟାୟରେ ମତଦାନ କରାଯାଇଥାଏ। ଡେମୋକ୍ରାଟିକ ପାର୍ଟି ପକ୍ଷରୁ ଜୋହରନ୍ କ୍ୱାମେ ମମଦାନି ଜୁନ ୨୪ ତାରିଖ ମତଦାନରେ ୫୬ ପ୍ରତିଶତ ଭୋଟ ପାଇଥିବାରୁ ତାଙ୍କର ପ୍ରାର୍ଥିତ୍ୱ ଚୂଡ଼ାନ୍ତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଗଭର୍ଣ୍ଣର ଆଣ୍ଡ୍ରୁ କୁମୋ. ୪୪ ପ୍ରତିଶତ ଏବଂ ଏବେ ମେୟର ଥିବା ଏରିକ୍ ଆଡମସ୍ ୪୮ ପ୍ରତିଶତ ଭୋଟ ପାଇଛନ୍ତି। ତେବେ ମମଦାନିଙ୍କ ପାଇଁ ଟ୍ରମ୍ପଙ୍କ ଏତେ ଚିନ୍ତା କାହିଁକି? ସେ ପାଲେଷ୍ଟାଇନରେ ଚାଲିଥିବା ନରସଂହାରର ତୀବ୍ର ବିରୋଧୀ। ସହରରେ ଇହୁଦୀ ଲବିର. ପ୍ରାଧାନ୍ୟ ଓ ପ୍ରତିପତ୍ତି ସତ୍ତ୍ୱେ ତାଙ୍କ ସପକ୍ଷରେ ଏହି ବିପୁଳ ମତଦାନ ହ୍ୱାଇଟ ହାଉସ କ୍ଷମତା କରିଡରରେ ହଇଚଇ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ସହରର ମଧ୍ୟମ ଓ ନିମ୍ନ ବର୍ଗର ନାଗରିକଙ୍କୁ ସହଜ ଓ ସୁବିଧାରେ ଗୃହଯୋଗାଣ, ବ୍ୟୟ ବହୁଳ କମ୍ପାନୀ ଯୋଗାଉଥିବା ରେସନ୍ ସାମଗ୍ରୀ ବଦଳରେ ଶସ୍ତା ଓ ସୁବିଧାରେ ଯୋଗଣ ବ୍ୟବସ୍ଥା ପରିଚାଳନା ଏବଂ ମାଗଣା ପରିବହନ ବ୍ୟବସ୍ଥା ଭଳି କେତେକ ନାଗରିକଙ୍କ ସ୍ୱାର୍ଥ ସମ୍ବଳିତ ପ୍ରତିଶ୍ରୁତି ଆମେରିକା ରାଜତ୍ୱରେ ବିଦ୍ରୋହର ସ୍ୱର ଭଳି ମନେ କରାଯାଉଛି। ଏଠାରେ କୁହାଯାଇ ପାରେ କି ଉଭୟ ରିପବ୍ଲିକାନ ଓ ଡେମୋକ୍ରାଟିକ ଦଳ ଆଦର୍ଶର ଏହାର ପରିପନ୍ଥୀ। ସବୁଠାରୁ ବଡ଼ କଥା ହେଲା, ବେଆଇନ ବହିରାଗତଙ୍କୁ ଦେଶରୁ ବହିଷ୍କାର କରିବା ସକାଶେ ଟ୍ରମ୍ପ ଯେଉଁ କଠୋର ନୀତି ପ୍ରଣୟନ କରିଛନ୍ତି ତାହାର ମମଦାନି. ବିରୋଧୀ। ସେ ମେୟର ନିର୍ବାଚିତ ହୋଇଗଲେ ଏହି ଆଇନକୁ ୱାଶିଂଟନରେ କାର୍ଯ୍ୟକାରୀ କାରିବାରେ ପ୍ରତିବନ୍ଧକ ସାଜି ପାରନ୍ତି। ତେଣୁ ଟ୍ରମ୍ପ ତାଙ୍କ ବିରୋଧରେ ଏବେ ଠାରୁ ଖୋଲା ଆହ୍ୱାନ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ମମଦାନିଙ୍କୁ ଗିରଫ କରି ତାଙ୍କ ନାଗରିକତ୍ୱ ରଦ୍ଦ କରାଯିବ। ପରିସ୍ଥିତି ଏପରି ହୋଇଛି ଯେ ସତେ ଯେପରି ସେ ଟ୍ରମ୍ପଙ୍କ ପ୍ରତିଦ୍ୱନ୍ଦ୍ୱୀ।

ଜୋହରନ୍ ମାମଦାନିଙ୍କ ବୟସ ମାତ୍ର ୩୪ ବର୍ଷ। ତାଙ୍କ ପିତା ଓ ମାତା ଉଭୟ ଭାରତ ବଂଶୋଦ୍ଭବ। ପିତା ମହମ୍ମଦ ମମଦାନି ଗୁଜରାଟ ମୂଳ ବାସିନ୍ଦା। ସେ ଉଗାଣ୍ଡାରେ ଅବସ୍ଥାନ କରିବା ପରେ ପ୍ରତିକୂଳ ପରିସ୍ଥିତିର ଚାପରେ ଆମେରିକାର ନାଗରିକତ୍ୱ ଗ୍ରହଣ କରିଛନ୍ତି। ଶିକ୍ଷାବିତ୍ ଭାବେ ତାଙ୍କର ବେଶ ସୁନାମ ମଧ୍ୟ ଅଛି। ମାତା ମୀରା ନାୟାର ଆନ୍ତର୍ଜାତିକ ସ୍ତରରେ ଜଣେ ସ୍ୱନାମଧନ୍ୟ ଚଳଚ୍ଚିତ୍ର ପ୍ରଯୋଜିକା ଓ ନିର୍ଦ୍ଦେଶିକା। ମମଦାନି ସଂପ୍ରତି ୱାଶିଂଟନ ଆସେମ୍ବ୍ଲିର ସଦସ୍ୟ ମଧ୍ୟ ଅଛନ୍ତି। ଆମେରିକାର ରାଜନୈତିକ ଆଦର୍ଶ ଓ ବିଚାରଗତ ବ୍ୟବସ୍ଥା ସହ ତାଳମେଳ ଖାଉନଥିବା ମମଦାନିଙ୍କ ପ୍ରଚାର ଓ ପ୍ରତିଶ୍ରୁତି 'ଲଙ୍କାରେ ହରିଶନ୍ଦ' ଭଳି ଅନେକଙ୍କୁ ମନେହେଉଥିଲେ ମଧ୍ୟ ମତଦାତାଙ୍କ ସହାନୁଭୂତି ଓ ସମର୍ଥନ ଯେ ତାଙ୍କ ପ୍ରତି ଅଛି ତାହା ମିଳିଥିବା ୫୬ ପ୍ରତିଶତ ଭୋଟରୁ ପ୍ରମାଣିତ ହେଉଛି। ସବୁଠାରୁ ବଡ଼କଥା ହେଉଛି ଦକ୍ଷିଣପନ୍ଥୀ ଚରିତ୍ର ଓ ଚିନ୍ତନର ସେ ଘୋର ବିରୋଧୀ। ସେ ମେୟର ନିର୍ବାଚିତ ହୋଇଗଲେ ଆମେରିକାର ପ୍ରଚଳିତ ବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ଆମେରିକା ହେଉଛି ବିତ୍ତଶାଳୀ ଓ ପୁଞ୍ଜିପତିଙ୍କ ପ୍ରାଧାନ୍ୟ ଥିବା ରାଷ୍ଟ୍ର। ରାଷ୍ଟ୍ରନୀତି ସେମାନଙ୍କୁ ଦୃଷ୍ଟିରେ ରଖି ପ୍ରଣୟନ କରାଯାଇଥାଏ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ. ଓ ଟ୍ରମ୍ପଙ୍କ ସଂପର୍କକୁ ସେ ନିର୍ବାଚନ ସଭାରେ କଠୋର ସମାଲୋଚନା କରୁଥିବାରୁ ଇହୁଦୀ ଲବିର ପ୍ରାଧାନ୍ୟ ସତ୍ତ୍ୱେ ତାଙ୍କୁ ବିପୁଳ ସମର୍ଥନ ମିଳୁଛି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ରାଜନୀତି ଏବେ ଦୁଇ ବିରୋଧୀଙ୍କୁ ନେଇ ଚଳଚଞ୍ଚଳ। ଜଣେ ହେଲେ ବିଶ୍ୱର ସବୁଠାରୁ ଧନୀଶାଳୀ ବ୍ୟକ୍ତି ଏଲନ୍ ମସ୍କ ଏବଂ ଅନ୍ୟ ଜଣେ ହେଲେ ଜୋହରନ୍ ମମଦାନି, ଯେ କି ସମାଜବାଦୀ ଆଦର୍ଶର ଅନୁଗାମୀ। ନିକଟରେ ବେଆଇନ ବହିରାଗତଙ୍କୁ ବହିଷ୍କାର ନେଇ କାଲିଫର୍ଣ୍ଣିଆରେ ଯେଉଁ ପ୍ରତିରୋଧ ହୋଇଥିଲା ତାହାର ମୁକାବିଲା ପାଇଁ ଟ୍ରମ୍ପଙ୍କୁ ସେନା ମୁତାୟନ କରିବାକୁ ପଡ଼ିଥିଲା। ସେଠିକାର ଗଭର୍ଣ୍ଣର ଖୋଲାଖୋଲି ଭାବେ ତାଙ୍କୁ ବିରୋଧ କରୁଛନ୍ତି। ପରିସ୍ଥିତି ଏପରି ହୋଇଛି ରକ୍ତପାତ ନ ଘଟିଲେ ମଧ୍ୟ ଆମେରିକାରେ ଯେଉଁ ଗୃହଯୁଦ୍ଧ ଆରମ୍ଭ ହୋଇଯାଇଛି ଆଗାମୀ ଦିନରେ ଟ୍ରମ୍ପଙ୍କୁ ବେଶ ମୂଲ୍ୟ ଦେବାକୁ ପଡ଼ିବ।

## ହାତରେ ମୋ ମୁଠା ମୁଠା ଶରଧା ବାଲି

**ମନୋରଞ୍ଜନ ମହାନ୍ତି**

ଶ୍ରଦ୍ଧାରେ ମୁଠାଏ ବାଲି ଧରିପକାଇଲେ ଶ୍ରଦ୍ଧାରୁ ଝରିପଡ଼େ ଶୁଚିଶୀଳତା, ରମ୍ୟତା, ଧୀଶକ୍ତିଯୁକ୍ତ ଆବେଗ ଆଉ ବାଲିମୁଠାକ ରୂପାନ୍ତରିତ ହୋଇଯାଏ ବିଭୂତିରେ, ଯେଉଁଥିରୁ ଝରିପଡ଼େ ବରାଭୟ, ଆନନ୍ଦ, ଲାଳିତ୍ୟର ଈଶ୍ୱରୀୟ ଆଲୋକ। ନଈ ବା ସମୁଦ୍ର ପଠାରେ ବାଲି ଉପରେ ବସି ବା ଠିଆହୋଇ ଆକାଶ କି ନଈ କି ସମୁଦ୍ରକୁ ଚାହିଁଲେ ମନ ଭିତରେ ଚିନ୍ତନର ବିପୁଳ ଦିଗନ୍ତର ଉନ୍ମୋଚନ ହୁଏ। ଶୈଶବରେ ବାଲିଘର ଗଢ଼ିବା, ଭାଙ୍ଗିବା, ବାଲି ଉପରେ ଦୌଡ଼ିବା, ବସିବା, ଖେଳିବାର ବିବିଧ ପ୍ରକ୍ରିୟା ଶିଶୁ ମନରେ ବରାଭୟ, ଆନନ୍ଦ, ଲାଳିତ୍ୟ, ଈଶ୍ୱରୀୟ ଆଲୋକର ଧୀର ପ୍ରବେଶ କରାଉଥାଏ। ଅନନ୍ତ କୋଟି ପ୍ରଣିପାତ ଜଣାଇବା ସେହି ପୂର୍ବସୂରୀମାନଙ୍କୁ ଯେଉଁମାନେ ଐଶୀ ଆଶିଷ ବଳରେ ଶ୍ରୀମନ୍ଦିର, ପତିତପାବନ ବାନା, ନୀଳଶଇଳ, ରତ୍ନବେଦୀ, ଚତୁର୍ଦ୍ଧା ମୂର୍ତ୍ତି, ଆନନ୍ଦ ବଜାର, ବାଇଶି ପାହାଚ, ନରେନ୍ଦ୍ର ପୁଷ୍କରିଣୀ, ସ୍ନାନ ମଣ୍ଡପ, ବଡ଼ଦାଣ୍ଡ, ମହାପ୍ରସାଦ, ଘୋଷଯାତ୍ରା, ଗୁଣ୍ଡିଚା ମଣ୍ଡପ, ଶରଧାବାଲି ଭଳି ଦିବ୍ୟ ଶବ୍ଦଗୁଡ଼ିଏ ସର୍ଜନା କରିଗଲେ। ସଭକ୍ତି ପ୍ରଣାମ କରିବା ସେମାନଙ୍କୁ, ଯେଉଁମାନେ ପ୍ରାର୍ଥନା କରିଗଲେ, 'ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ' କିମ୍ବା ଆନନ୍ଦରେ ବିହ୍ୱଳ ହୋଇ ଗାଇଗଲେ 'ହାତରେ ମୋ ମୁଠା ମୁଠା ଶରଧା ବାଲି'।

ସତରେ ବଡ଼ଦାଣ୍ଡର ଧୂଳିରେ ଥାଏ କ'ଣ? ଶରଧା ବାଲିରେ ଥାଏ କ'ଣ ? ବଡ଼ଦାଣ୍ଡର ଧୂଳି ଦେହରେ ବୋଳି ହେଇଗଲେ ଦେହରୁ ଦିବ୍ୟ ଦୀପ୍ତି ଝରିଯାଏ, ଶରଧାବାଲିରୁ ମୁଠାଏ ଧରିପକେଇଲେ ହାତମୁଠାରେ ମମତାର ଅନନ୍ତ ଐଶ୍ୱର୍ଯ୍ୟ ଭରିଯାଏ। ବୋଧହୁଏ ସତେଯେପରି ହାତଦୁଇଟି ପ୍ରଲମ୍ବିତ ହୋଇଯାଉଛି ସମସ୍ତ ବିଶ୍ୱବାସୀଙ୍କୁ ଆଲିଙ୍ଗନ କରିବାକୁ। ଆଦିଶଙ୍କର କହିଲା ଭଳି, 'ପ୍ରଭୁ, ମୁଁ ରାଜ୍ୟ, କନକ, ମାଣିକ୍ୟ, ବିଭବ କିଛି ମାଗୁନାହିଁ', ସାଧାରଣ ଭକ୍ତଟିଏ କହେ, 'ଶରଧାବାଲିରୁ ହାତେ ମାଗୁଛି ପ୍ରଭୁ !'

ଶ୍ରୀଜଗନ୍ନାଥ-ସଂସ୍କୃତି ଧୂଳି, ବାଲିକୁ କରିଛି ଜୀବନମୟ, ଧୂଳିଧୂସରିତ ବଡ଼ଦାଣ୍ଡକୁ କରିଛି ବ୍ରହ୍ମମୟ, ବାଲିକୁ କରିଛି ଶ୍ରଦ୍ଧାମୟ, ଜୀବକୁ ପରମମୟ, ପରମକୁ ଜୀବମୟ, ଜୀବ ଓ ପରମର ସଂଯୋଗକୁ ଅମୃତମୟ। କ୍ଷୁଦ୍ର ବାଲିକଣାରେ ଭକ୍ତ ଅନୁଭବ କରିଛି ବ୍ରହ୍ମାଣ୍ଡର କର୍ଣ୍ଣଧାର ପରମ ପୁରୁଷ, ପୁରୁଷୋତ୍ତମଙ୍କ ବିପୁଳ ସତ୍ତାକୁ। ସାମାନ୍ୟ ଧୂଳିକଣାରେ ବି ନିହିତ ଅଛି ଅସାମାନ୍ୟ ବୈଶ୍ୱିକ ବୈଚିତ୍ର୍ୟ, ଯାହାର ଚୁମ୍ବକୀୟ ଆକର୍ଷଣରେ ସାଧୁସନ୍ଥମାନେ ସମବେତ ହୋଇଛନ୍ତି ବଡ଼ଦାଣ୍ଡର ବୈକୁଣ୍ଠ ଭୂମିରେ, ଧୂଳିବାଲିରେ ଅବଗାହିତ ହୋଇଛି ସେମାନଙ୍କ ସାଧନସିଦ୍ଧ ଅବୟବ। ନରେନ୍ଦ୍ର ପୁଷ୍କରିଣୀରେ ଅଙ୍ଗ ପ୍ରକ୍ଷାଳନ କରି ସେମାନଙ୍କ ବହୁଜନ୍ମର ଶ୍ରମ ସାର୍ଥକ ହୋଇଛି, କୃତାର୍ଥ ହୋଇଛନ୍ତି ସେମାନେ।

ତିନି ରଥ ବଡ଼ଦାଣ୍ଡରେ ଗଡ଼ିଗଡ଼ି ଗଲାବେଳେ ଦାଣ୍ଡର ଦୁଇ ପାର୍ଶ୍ୱରେ ତୁଙ୍ଗ ଅଟ୍ଟାଳିକାର ଛାତ ଉପରେ ଚିତ୍ରିତ ଚାନ୍ଦୁଆ ତଳେ ସମାଜର କିଛି ପ୍ରଭୁତ୍ୱସମ୍ପନ୍ନ ପ୍ରତିପତ୍ତିଶାଳୀ ଲୋକେ ଦେହରକ୍ଷୀଙ୍କ ଗହଣରେ ସୁକୋମଳ ଆସନରେ ବସି ମହାବାହୁଙ୍କ ଯାତ୍ରା ଦେଖୁଥାଆନ୍ତି ସିନା, ସାଧାରଣ ମଳିମୁଣ୍ଡିଆ ଭକ୍ତଟିଏ ଆକାଶ-ଚାନ୍ଦୁଆ ତଳେ ବଡ଼ଦାଣ୍ଡ-ଆସନରେ ଠିଆହୋଇ ଶ୍ରୀବିଗ୍ରହମାନଙ୍କ ଶ୍ରୀମନ୍ତ ରୂପକୁ ଦର୍ଶନ କରୁଥାଏ, ଆଉ ଆଖିରୁ ଲୁହ ଝରାଇ କହୁଥାଏ, 'ମହାପ୍ରଭୁ! ତୁମ ଆକାଶ ଭଳି ଚାନ୍ଦୁଆ ସଂସାରରେ ସବୁଠାରୁ କମନୀୟ, ତୁମ ବଡ଼ଦାଣ୍ଡ ଭଳି ଆସନ ସଂସାରରେ ସବୁଠାରୁ ସୁଖଦାୟୀ, ତୁମେ ହିଁ ଆମ ସମସ୍ତଙ୍କର ରକ୍ଷାକର୍ତ୍ତା, ମହାପ୍ରଭୁ! ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ରଙ୍କର ସ୍ରଷ୍ଟା ତୁମେ, ସାରା ସଂସାରକୁ ଚଳାଉଛ ତୁମେ, ଅଥଚ କି ଆଶ୍ଚର୍ଯ୍ୟ କଥା ଇଏ ସତରେ! ଆଜି ତୁମ ରଥ-ଦଉଡ଼ିକୁ ଧରି ଆମେ ତୁମକୁ ଚଳାଇନେଉଛୁ ମାଉସୀ ମା' ଘରକୁ। ସେଠି ତୁମେ ସାତଦିନ ରହିବ। ଇହଲୋକ, ଭୂବର୍ଲୋକ, ସ୍ୱର୍ଲୋକ, ମହର୍ଲୋକ, ଜନଲୋକ, ତପଲୋକ, ସତ୍ୟଲୋକ ଏପରି ସପ୍ତଲୋକରେ ପରିକ୍ରମା କରିବ।' ଭକ୍ତମାନେ ଏହିପରି ପ୍ରେମ-ଭକ୍ତି ନିବେଦନ କରୁଥିବା ସମୟରେ ସତେଯେପରି ବୋଧହୁଏ ମହାଭାବର କମ୍ପନ ଖେଳିଯାଉଛି ବଡ଼ଦାଣ୍ଡର ବାୟୁମଣ୍ଡଳରେ। ଅନତିଦୂରସ୍ଥ ଶରଧାବାଲିର ଅଣୁ ପରମାଣୁରେ ସଂଚରି ଯାଉଛି ପୁରୁଷୋତ୍ତମଙ୍କ ଦିବ୍ୟଲୀଳାର ସୀମାହୀନ ଶକ୍ତି।

ଶରଧାବାଲିରୁ ଶ୍ରଦ୍ଧାର ଭାବ ସମ୍ପ୍ରସାରିତ ହୋଇଯାଉଛି ସମଗ୍ର ବିଶ୍ୱରେ। ମହାପ୍ରଭୁ ସତକୁ ସତ କହୁଛନ୍ତି, 'ପରସ୍ପର ପ୍ରତି ଶ୍ରଦ୍ଧାଳୁ ହୁଅ। ପରସ୍ପର ମଧ୍ୟରେ ଶ୍ରଦ୍ଧାର ଭାବ ବିନିମୟ କର। ଶ୍ରଦ୍ଧାରୁ ଶାନ୍ତି, ସଦ୍‌ଭାବର ସର୍ଜନା। ଶ୍ରଦ୍ଧା ହିଁ ଜୀବନର ଜ୍ୟୋତ୍ସ୍ନା, ଜଗତ୍‌ର ଜ୍ୟୋତି, ଜାହ୍ନବୀର ଜଳ, ପଞ୍ଚଭୂତର ସଂଯୋଗ ସେତୁ, ବେଦର ବିଭୂତି, ଉପନିଷଦର ଉଚ୍ଚାରଣ, ଗୀତାର ଜ୍ଞାନ, ଭାଗବତର ଭାବ, ରାମାୟଣର ପାରାୟଣ, ମହାଭାରତର ସୈଦ୍ଧାନ୍ତିକ କଥନ, ସକଳ ବ୍ରହ୍ମାଣ୍ଡୀୟ ଶକ୍ତିର ଆଧାରଶିଳା, ସକଳ ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟର ପ୍ରୋଜ୍ଜ୍ୱଳ ପ୍ରତିଭୂ।'

ଶ୍ରୀଜଗନ୍ନାଥ-ସଂସ୍କୃତିର ମାନବୀୟ ଆବେଦନ, ଶ୍ରଦ୍ଧା ନିବେଦନ ପ୍ରତିଫଳିତ ହୋଇଛି ପୃଥିବୀର ସମସ୍ତ ଭାଷାର ସାହିତ୍ୟରେ, ଶାସ୍ତ୍ରରେ। ଭକ୍ତ ସାଲବେଗ କହନ୍ତି, 'ଜାତିରେ ମୁଁ ଯବନ / ଶ୍ରୀରଙ୍ଗାଚରଣ ତଳେ କରୁଅଛି ଜଣାଣ', କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ, 'ସ୍ୱପଚକରୁ ବ୍ରାହ୍ମଣ ତହିଁ ପାଇ ଅନ୍ନ'। ଏଭଳି ଉକ୍ତିଗୁଡ଼ିକରେ ସମଦର୍ଶିତା, ସମଭିବ୍ୟାହାର, ସହାବସ୍ଥାନର ଭାବ ସୁସ୍ପଷ୍ଟ। ପୁରୀ ଶ୍ରୀକ୍ଷେତ୍ରର 'ପାଥର୍‌ପୁରୀ' ବାସଭବନରେ ଅବସ୍ଥାନ କାଳରେ ବିଶ୍ୱକବି ରବୀନ୍ଦ୍ରନାଥ ଲେଖିଥିଲେ କେତୋଟି କବିତା, ଯାହା ସଂକଳିତ ହୋଇଛି ତାଙ୍କ 'ଗୀତାଞ୍ଜଳି' ପୁସ୍ତକରେ। ଗୋଟିଏ କବିତାରେ ସେ ଲେଖିଥିଲେ, 'ଯୁକ୍ତ କର୍‌ଦୋ ସବାୟ ସଙ୍ଗେ ମୁକ୍ତ କର୍‌ଦୋ ବନ୍ଧ୍/ ସଞ୍ଚାର୍ କର୍ ସକଲ୍ କର୍ମେ ଶାନ୍ତ ତୋମାୟ ଛନ୍ଦ୍', ଯେଉଁଥିରେ ରହିଛି ସବୁ ମଣିଷଙ୍କ ସହିତ ଯୁକ୍ତ ହୋଇ ରହିବାର ଆବେଗ ଓ ଆସ୍ପୃହା, ପ୍ରତ୍ୟୟ ଓ ପ୍ରାର୍ଥନା। ବୋଧ ହେଉଛି ସତେଯେପରି ଶରଧାବାଲିରୁ ସେହି ବିଶ୍ୱାସ ଓ ବରାଭୟର ସ୍ୱର ଊର୍ଦ୍ଧ୍ୱଗାମୀ ହୋଇ ସମଗ୍ର ବ୍ୟୋମମଣ୍ଡଳରେ ସଂଚରି ଯାଇଛି ସମଗ୍ର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତକୁ, ମାଟିରୁ ମହାକାଶକୁ ଏକ ମୁଗ୍ଧ ମଧୁର ଭାବରେ, ମହାଭାବରେ ଆଚ୍ଛନ୍ନ କରିଛି।

ଆଜି ଆମେ ଯେଉଁଠି ବଡ଼ଦାଣ୍ଡ ଦେଖୁଛନ୍ତି, ସୁଦୂର ଅତୀତରେ ସେଠି ମାଳିନୀ ନାମକ ଛୋଟ ନଈଟିଏ ଥିଲା। କ୍ରମଶଃ ନଈଟିକୁ ପୋତି ଦିଆଯାଇ ବଡ଼ଦାଣ୍ଡ ତିଆରି ହେଲା। ନଈରେ ଥିଲା ବାଲି, ଏବେ ବଡ଼ଦାଣ୍ଡରେ ଧୂଳି। ଶରଧାବାଲିରେ ଧୂଳି ଆଉ ବାଲି। ସମୁଦ୍ରରେ ବାଲି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷର ଜୀବନ ଏହି ବାଲି ଆଉ ଧୂଳିର ମହକରେ ଭରା। ପାଶ୍ଚାତ୍ୟ କବି ଟି.ଏସ୍.ଇଲିୟଟ୍ କହନ୍ତି, 'ନଈ ହେଉଛି ବ୍ରାଉନ୍ ରଙ୍ଗର ଦେବତା।' ନଈ-ବାଲିର ରଙ୍ଗକୁ ଦେଖି ଇଲିୟଟ୍ ଏପରି କହିଥିଲେ କି ସତେ! ଅନ୍ୟତ୍ର ସେ କହନ୍ତି, 'ଆମ ଭିତରେ ନଈ ଅଛି, ଆମ ଚାରିପଟରେ ସମୁଦ୍ର ଅଛି।' 'ନଈ' ଆତ୍ମାର, 'ସମୁଦ୍ର' ପରମାତ୍ମାର ପ୍ରତୀକ। ନଈ ଯେପରି ସମୁଦ୍ର ଅଭିମୁଖେ ପ୍ରବାହିତ ହେଉଛି, ଆତ୍ମା ସେପରି ପରମାତ୍ମା ଅଭିମୁଖେ ନିତ୍ୟ ଗତିଶୀଳ। ପୁଣି ବ୍ୟାସଦେବ କହନ୍ତି, 'ଆତ୍ମା ନଦୀ, ସଂଯମ ପୁଣ୍ୟତୀର୍ଥା, ସତ୍ୟୋଦକା, ଶୀଳତଟା, ଦୟୋର୍ମିଃ'। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନରେ କି ଚମତ୍କାର ସାମଞ୍ଜସ୍ୟ ସତରେ! ଉଇଲିୟମ୍ ବଟ୍‌ଲର୍ ୟେଟ୍ସ୍, ହେନରୀ ଲଙ୍ଗ୍‌ଫେଲୋ, ମ୍ୟାକ୍ ନିସ୍, ଏଡ୍‌ୱାର୍ଡ୍ ଏଭେରେଟ୍ ହିଲ୍ ପ୍ରମୁଖଙ୍କ କବିତା ପଢ଼ିଲେ ଆମ ଅନ୍ତଃକରଣରେ ପରମେଶ୍ୱରଙ୍କ ସ୍ୱର ପ୍ରତିଧ୍ୱନିତ ହେଲା ଭଳି ବୋଧ ହୁଏ। ପ୍ରାଚ୍ୟ ଆଉ ପାଶ୍ଚାତ୍ୟରୁ ଭକ୍ତମାନେ ଆସି ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ, ଶରଧାବାଲିରେ, ସମୁଦ୍ର ବେଳାଭୂମିରେ (ସିନ୍ଧୁତଟେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରାଜ - କବିସମ୍ରାଟ ଭଞ୍ଜ) ଘଡ଼ିଏ ଠିଆହେଲେ କି ବସିପଡ଼ିଲେ ସେମାନଙ୍କ ଅନ୍ତରର ଗହନ ଦେଶରେ ଜୀବ-ପରମର ସନ୍ଦେଶ ଶୁଣାଯାଉଥାଏ କି! ଏହିପରି ହିଁ ବୋଧ ହେଉଥାଏ।

ଭାବରେ ତଲ୍ଲୀନ ଭକ୍ତ ତେଣୁ ପ୍ରାର୍ଥନା କରୁଛି, 'ମହାପ୍ରଭୁ! ହାତରେ ମୋର ମୁଠାମୁଠା ଶରଧାବାଲି ଧରିଛି। ବାଲିକଣାର କ୍ଷୁଦ୍ରତା ମତେ ନିରହଂକାର ହେବାକୁ ଶିକ୍ଷା ଦେଉଛି। ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ କରିଛି। ଦେହରୁ ମୋର ବିନ୍ଦୁ ବିନ୍ଦୁ ହୋଇ ଜଳ ଝରିପଡୁଛି। ପୁଷ୍କରିଣୀ ଜଳରାଶିର ସମୋଚ୍ଚଶୀଳତା ମତେ ସମଦର୍ଶନ ଶିକ୍ଷା ଦେଉଛି। ବଡ଼ଦାଣ୍ଡର ଧୂଳି ଦେହରେ ବୋଳି ହେଇଛି। ଦାଣ୍ଡର ବ୍ୟାପ୍ତି ମତେ ପ୍ରଶସ୍ତ ହୃଦୟବତ୍ତା, ଧୂଳିର ଊର୍ଦ୍ଧ୍ୱ ଉଡ଼ାଣ ଚେତନାର ଊର୍ଦ୍ଧ୍ୱଗମନ ଶିକ୍ଷା ଦେଉଛି। ନିରହଂକାର ସ୍ୱଭାବ, ସମଦର୍ଶନ, ପ୍ରଶସ୍ତ ହୃଦୟବତ୍ତା, ଚେତନାର ଊର୍ଦ୍ଧ୍ୱଗମନ ଇତ୍ୟାଦିର ସମନ୍ୱୟ ମତେ ସମଗ୍ର ମନୁଷ୍ୟ-ଜାତି ପ୍ରତି ଶ୍ରଦ୍ଧାଶୀଳ କରିଛି। ତୁମେ ମୋର ଅତି ନିଜର, ଏକାନ୍ତ ଆପଣାର ବୋଲି ମନୁଷ୍ୟ-ସମୁଦାୟ ମୋର ଏତେ ପ୍ରିୟ ହୋଇପାରିଛି ସତରେ ମହାପ୍ରଭୁ!'

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୭୨

## ୟୁରାନିୟମ ସମୃଦ୍ଧିକରଣ

**ଇଂ ମାୟାଧର ସ୍ୱାଇଁ**

ଇସ୍ରାଏଲ ଗତ ଜୁନ ୧୩ ତାରିଖରେ ଇରାନର ତିନୋଟି ଆଣବିକ କେନ୍ଦ୍ର ଉପରେ ବୋମାମାଡ଼ କରି ଅନେକ କ୍ଷତି କରିବା ସହିତ କେତେଜଣ ପରମାଣୁ ବିଜ୍ଞାନୀଙ୍କୁ ହତ୍ୟା କରିଛି। ଏହି ତିନୋଟି କେନ୍ଦ୍ର ହେଉଛି ନାତାଞ୍ଜ, ଇସଫାନ ଓ ଫୋରଡ଼ୋ। ଏହାର ଦଶଦିନ ପରେ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ସେହି ତିନି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଏହି କେନ୍ଦ୍ରଗୁଡ଼ିକ ଭୂମିତଳେ ନିର୍ମାଣ କରାଯାଇଥିବାରୁ ଆମେରିକାର ବି-୨ ବମ୍ବରରୁ ବଙ୍କରଭେଦୀ କ୍ଷେପଣାସ୍ତ୍ର ପ୍ରୟୋଗ କରାଯାଇଥିଲା। ତିନୋଟି କେନ୍ଦ୍ର ମଧ୍ୟରୁ ନାତାଞ୍ଜ ଓ ଫୋରଡୋଠାରେ ୟୁରାନିୟମର ସମୃଦ୍ଧିକରଣ(ଏନ୍‌ରିଚମେଣ୍ଟ) କରାଯାଉଛି ଏବଂ ଇସଫାନ ଏହି ଦୁଇ କେନ୍ଦ୍ରକୁ ୟୁରାନିୟମ କଞ୍ଚାମାଲ ଯୋଗାଉଛି। ଆକ୍ରମଣର ଉଦ୍ଦେଶ୍ୟ ହେଉଛି ଇରାନର ୟୁରାନିୟମ ସମୃଦ୍ଧିକରଣ ପ୍ରକ୍ରିୟାକୁ ନଷ୍ଟ କରିଦେବା, ଯାହାଫଳରେ ଇରାନ ପରମାଣୁ ବୋମା ନିର୍ମାଣ କରିବାକୁ ସକ୍ଷମ ହେବ ନାହିଁ। ୟୁରାନିୟମ ସମୃଦ୍ଧିକରଣ କ'ଣ ଏବଂ ଏହା ପରମାଣୁ ବୋମା ନିର୍ମାଣ ପାଇଁ କାହିଁକି ଅବଶ୍ୟକ ତାହା ଦେଖିବା।

ୟୁରାନିୟମର ଏକ ସମସ୍ଥାନିକ ବା ଆଇସୋଟୋପ ହେଉଛି ୟୁରାନିୟମ-୨୩୫ ଯାହା ବିଭାଜନୀୟ। ଅର୍ଥାତ୍ ଏହା ସହିତ ନିଉଟ୍ରନ ସଂଘର୍ଷ କରି ଏହାକୁ ଦୁଇଟି ଛୋଟ ମୌଳିକ ପଦାର୍ଥରେ ପରିଣତ କରିହୁଏ ଏବଂ ଏହି ପ୍ରକ୍ରିୟାରେ ପ୍ରଚୁର ଶକ୍ତି ଉତ୍ପନ୍ନ ହୋଇଥାଏ। ଗୋଟିଏ ପରମାଣୁର କେନ୍ଦ୍ରରେ ନାଭିକ ଥାଏ ଏବଂ ନାଭିକରେ ଧନିକ କଣିକା ପ୍ରୋଟୋନ ଓ ଚାର୍ଜ ନିରପେକ୍ଷ ନିଉଟ୍ରନ ଥାଏ। ନାଭିକ ଚାରିପଟେ ବିଭିନ୍ନ କକ୍ଷରେ ଇଲେକ୍ଟ୍ରୋନଗୁଡ଼ିକ ଘୂରିଥାଆନ୍ତି। ଗୋଟିଏ ପରମାଣୁରେ ପ୍ରୋଟୋନ ଓ ଇଲେକଟ୍ରନ ସଂଖ୍ୟା ସମାନ ଥାଏ। ଏହି ସଂଖ୍ୟା ବିଭିନ୍ନ ମୌଳିକ ପଦାର୍ଥକୁ ଅଲଗା କରିଥାଏ ଏବଂ ପରମାଣୁକୁ ଏହାର ରାସାୟନିକ ଗୁଣ ଦେଇଥାଏ। ଉଦାହରଣ ସ୍ୱରୂପ ୟୁରାନିୟମର ୯୨ ଟି ପ୍ରୋଟୋନ ଥିବା ବେଳେ କାର୍ବନର ପ୍ରୋଟୋନ ସଂଖ୍ୟା ହେଉଛି ଛଅ। କିନ୍ତୁ ଗୋଟିଏ ମୌଳିକ ପଦାର୍ଥର ସମାନ ପ୍ରୋଟୋନ ଥାଇ ଅଲଗା ଅଲଗା ନିଉଟ୍ରନ ରହିପାରିବ। ଏଗୁଡ଼ିକୁ ସେହି ମୌଳିକ ପଦାର୍ଥର ସମସ୍ଥାନିକ କୁହାଯାଏ। ରାସାୟନିକ ପ୍ରତିକ୍ରିୟାରେ ଏଗୁଡ଼ିକର ବିଶେଷ ଭୂମିକା ନାହିଁ, କିନ୍ତୁ ନାଭିକୀୟ ପ୍ରତିକ୍ରିୟାକୁ ଏଗୁଡ଼ିକ ବହୁଳ ଭାବେ ପ୍ରଭାବିତ କରିଥାଆନ୍ତି।

ପ୍ରକୃତିରେ ୟୁରାନିୟମର ତିନୋଟି ସମସ୍ଥାନିକ ଉପଲବ୍ଧ ହୋଇଥାଏ। ସେଗୁଡ଼ିକ ହେଉଛି ୟୁରାନିୟମ-୨୩୮, ୟୁରାନିୟମ -୨୩୫ ଓ ୟୁରାନିୟମ -୨୩୪। ପ୍ରକୃତିରେ ଏଗୁଡିକର ଅଂଶ ଯଥାକ୍ରମେ ହେଉଛି ୯୯.୨୮, ୦.୭୧ ଓ ୦.୦୦୬ ପ୍ରତିଶତ। ଆଣବିକ ରିଆକ୍ଟରରେ ୟୁରାନିୟମ ୨୩୫ ସହିତ ନିଉଟ୍ରନର ସଂଘର୍ଷ କରାଯାଇ ଶକ୍ତି ଉତ୍ପନ୍ନ ହୁଏ ଏବଂ ଏହି ପ୍ରକ୍ରିୟାରେ ଅନ୍ୟ କେତୋଟି ନିଉଟ୍ରନ ନିର୍ଗତ ହୋଇଥାଏ। ଏହି ନିର୍ଗତ ନିଉଟ୍ରନ ପୁଣି ଅନ୍ୟ ୟୁରାନିୟମ ୨୩୫ ସହିତ ସଂଘର୍ଷ କରି ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଏହିପରି ଏକ ଶୃଙ୍ଖଳ ପ୍ରତିକ୍ରିୟା ହୋଇ ପ୍ରଚୁର ଶକ୍ତି ଉତ୍ପନ୍ନ ହୁଏ। ପରମାଣୁ ବିଦ୍ୟୁତ୍ କେନ୍ଦ୍ରରେ ଏହାକୁ ନିୟନ୍ତ୍ରଣ କରାଯାଇଥାଏ, ମାତ୍ର ପରମାଣୁ ବୋମାରେ ଏହା ଅନିୟନ୍ତ୍ରିତ ହୋଇ ପ୍ରଚୁର ଶକ୍ତି ନିର୍ଗତ ସହ ବିସ୍ଫୋରଣ କରିଥାଏ।

ୟୁରାନିୟମ୨୩୮ ବିଭାଜନୀୟନୁହେଁ। ବିଭାଜନୀୟ ୟୁରାନିୟମ୨୩୫ରଅଂଶହେଉଛି ମାତ୍ର୦.୭୧ପ୍ରତିଶତ। ଫଳରେ ଶୃଙ୍ଖଳ ପ୍ରତିକ୍ରିୟା ଠିକ୍ ଭାବେ ହୋଇ ପାରେ ନାହିଁ। ଏଣୁ ପ୍ରକୃତିରେ ମିଳୁଥିବା ୟୁରାନିୟମକୁ ବିଭିନ୍ନ ପ୍ରକ୍ରିୟା କରି ଏଥିରେ ୟୁରାନିୟମ-୨୩୫ର ଅଂଶକୁ ବୃଦ୍ଧି କରାଯାଏ। ଏହା ହେଉଛି 'ୟୁରାନିୟମ ସମୃଦ୍ଧିକରଣ'। ଏଥିପାଇଁ କେତୋଟି ଉପାୟ ଆବିଷ୍କାର କରାଯାଇଥିଲେ ସୁଦ୍ଧା ବ୍ୟବସାୟିକ ଭାବେ ଏହାକୁ ଗୋଟିଏ ସେଣ୍ଟ୍ରିଫ୍ୟୁଜ ଦ୍ୱାରା କରାଯାଉଛି। ଏଥିରେ ୟୁରାନିୟମକୁ ଗ୍ୟାସୀୟ ଅବସ୍ଥାରେ ଅଧିକ ଜୋରରେ ଘୂର୍ଣ୍ଣନ କରାଯାଏ। ୟୁରାନିୟମ-୨୩୮ ହେଉଛି ୟୁରାନିୟମ ୨୩୫ ଅପେକ୍ଷା ଅଧିକ ଭାରୀ। ଏଣୁ ଘୂର୍ଣ୍ଣନ ଫଳରେ ୟୁରାନିୟମ ୨୩୮ ସେଣ୍ଟ୍ରିଫ୍ୟୁଜର ଧାରଆଡ଼କୁ ଆସିଯାଏ ଏବଂ ସେଠାରୁ ଏହାକୁ ବାହାର କରିଦିଆଯାଏ। ଏହିପରି ଅନେକ ଥର ଘୂର୍ଣ୍ଣନ ପରେ ୟୁରାନିୟମରୁ ଅଧିକାଂଶ ୟୁରାନିୟମ ୨୩୮ ବାହାରିଯାଏ ଏବଂ ସେଥିରେ ୟୁରାନିୟମ ୨୩୫ର ଅଂଶ ବୃଦ୍ଧି ପାଇଥାଏ। ପରମାଣୁ ବିଦ୍ୟୁତ୍ କେନ୍ଦ୍ର ପାଇଁ ତିନିରୁ ପାଞ୍ଚ ପ୍ରତିଶତ ୟୁରାନିୟମ ସମୃଦ୍ଧିକରଣ ଆବଶ୍ୟକ ହୋଇଥାଏ। ଏହାକୁ 'ଯୁଦ୍ଧାସ୍ତ୍ର-ଶ୍ରେଣୀ ୟୁରାନିୟମ' କୁହାଯାଏ। ଆନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ଅନୁଯାୟୀ, ଇରାନ ବହୁଳ ପରିମାଣର ୟୁରାନିୟମକୁ ୬୦ ପ୍ରତିଶତ ସମୃଦ୍ଧିକରଣ କରିଛି। ଏହାପରେ ଏହାକୁ ୯୦ ପ୍ରତିଶତକୁ ବୃଦ୍ଧି କରିବା କଷ୍ଟକର ନୁହେଁ। ଏହି କାରଣରୁ ଇରାନ ପରମାଣୁ ବୋମା ନିର୍ମାଣର ନିକଟତର ହୋଇ ପାରିଛି ବୋଲି ମନେ କରି ଆମେରିକା ଏହାର ୟୁରାନିୟମ ସମୃଦ୍ଧିକରଣ କାରଖାନାଗୁଡ଼ିକୁ ନଷ୍ଟ କରିଦେବା ପାଇଁ କ୍ଷେପଣାସ୍ତ୍ର ପ୍ରୟୋଗ କରିଥିଲା। ଇରାନ ପରମାଣୁ ବୋମା ଅଧିକାରୀ ହେଲେ ଏହା ଇସ୍ରାଇଏଲ ପ୍ରତି ବିପଦ। କାରଣ ଦୁଇ ଦେଶ ହେଉଛନ୍ତି ପରସ୍ପରର ଶତ୍ରୁ। ଏହି କାରଣରୁ ଇସ୍ରାଇଏଲ ଏହାର ୟୁରାନିୟମ ସମୃଦ୍ଧିକରଣ କରାଖାନାଗୁଡ଼ିକ ଉପରେ ବୋମାମାଡ଼ କରିବା ସହିତ ଏହାର କେତେ ଜଣ ମୁଖ୍ୟ ପରମାଣୁ ବିଜ୍ଞାନୀଙ୍କୁ ମଧ୍ୟ ହତ୍ୟା କରିଛି।

ଇସ୍ରାଏଲ ଓ ଆମେରିକାର ଆକ୍ରମଣରେ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକରେ ଅନେକ କ୍ଷତି ହୋଇଥିବାର ଇରାନ ସ୍ୱୀକାର କରିଛି। କିନ୍ତୁ ଏହା ପ୍ରକାଶ କରିଛି ଯେ ଆମେରିକା ଆକ୍ରମଣ ପୂର୍ବରୁ ଏହାର ଆଶଙ୍କା କରି ଏହା ସମୃଦ୍ଧିକରଣ ହୋଇଥିବା ୟୁରାନିୟମଗୁଡ଼ିକୁ ସ୍ଥାନାନ୍ତରିତ କରି ଦେଇଥିଲା ଏବଂ ଫଳରେ ଏହା ସୁରକ୍ଷିତ ଅଛି। ପୁନଶ୍ଚ ପରମାଣୁ କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ଏହା ଘୋଷଣା କରିଛି। ଗୋଟିଏ ଦେଶ ଯଦି ୟୁରାନିୟମ ସମୃଦ୍ଧିକରଣର ଜ୍ଞାନ ହାସଲ କରିଥାଏ, ତାକୁ ଏଥିରୁ ଜବରଦସ୍ତ ନିବୃତ୍ତ କରିବା ସମ୍ଭବ ନୁହେଁ। ଏହାର ମାନସିକତାରେ ପରିବର୍ତ୍ତନ ହେବା ଜରୁରୀ। ଏଣୁ ମାନବ ସମାଜକୁ ପରମାଣୁ ଶକ୍ତିର ଭୟଙ୍କର ପରିଣାମରୁ ରକ୍ଷା କରିବାକୁ ହେଲେ ପ୍ରତ୍ୟେକ ଦେଶ ଏଥିରୁ ନିବୃତ୍ତ ରହିବା ଉଚିତ୍। ନିଜେ ପରମାଣୁ ଅସ୍ତ୍ର ନିର୍ମାଣ କରି ଅନ୍ୟ ଦେଶକୁ ବାରଣ କଲେ କିଛି ଲାଭ ହେବ ନାହିଁ।

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ତିବ୍ବତରେ ବୌଦ୍ଧ ଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

(ପୂର୍ବପ୍ରକଶିତ ଉତ୍ତାରୁ...)

ତିବ୍ବତୀୟ କିମ୍ବଦନ୍ତୀ ସୂଚାଇଥାଏ ଯେ ଭଗବାନ ବୁଦ୍ଧଙ୍କ ଜନ୍ମ ପୂର୍ବରୁ ମହାଭାରତ ଯୁଦ୍ଧ ସମୟରେ ରୂପତି ନାମକ ଜଣେ ରାଜପୁତ୍ର ଯୁଦ୍ଧକ୍ଷେତ୍ରରୁ ମହିଳା ବେଶରେ ପ୍ରାୟ ଏକହଜାର ଅନୁଗାମୀଙ୍କ ସହ ପଳାୟନ କରି ପୁଗ୍ୟାଲ (ତିବ୍ବତର ପ୍ରାଚୀନ ନାମ) ରେ ଆଶ୍ରୟ ନେଲେ। ସ୍ଥାନୀୟ ଆଦିମ ପ୍ରଜାତିର ଲୋକମାନେ ରୂପତତିଙ୍କୁ ରାଜା ଭାବେ ଗ୍ରହଣ କଲେ। ଶାନ୍ତ ସରଳ ସ୍ୱଭାବ ଓ ସ୍ନେହୀ ପ୍ରକୃତି ସହିତ ସୁଶାସନ ଯୋଗୁଁ ରୂପତି ଜଣେ ପ୍ରଜାବତ୍ସଳ ରାଜା ରୂପେ ଲୋକଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ତାଙ୍କର ଉତ୍ତରାଧିକାରୀମାନେ ମଧ୍ୟ ସୁଶାସକ ଥିବାରୁ ତିବ୍ବତ ସମୃଦ୍ଧିଶାଳୀ ହୋଇ ପାରିଥିଲା। ରୂପତିଙ୍କ ପରଠାରୁ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ଏବଂ ତିବ୍ବତରେ ନା-ଥି-ସାନପୋ ନାମକ ରାଜାଙ୍କ ଆବିର୍ଭାବ ପର୍ଯ୍ୟନ୍ତ ତିବ୍ବତର ଇତିହାସ ଏକ ପ୍ରକାର ଅନ୍ଧକାରାଚ୍ଛନ୍ନ। ଏହି ସମୟରେ ତିବ୍ବତ ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭାଜିତ ହୋଇ ଯାଇଥିବା ଜଣାଯାଏ।

ଭାରତବର୍ଷର କୋଶଳ ପ୍ରଦେଶର ରାଜା ପ୍ରସେନଜିତଙ୍କ ପଞ୍ଚମ ସନ୍ତାନ ପରବର୍ତ୍ତୀ ସମୟରେ ନା-ଥି-ସାନପୋ ନାମରେ ତିବ୍ବତରେ ଖ୍ରୀ.ପୂ. ୪୧୬ରେ ରାଜତନ୍ତ୍ରର ପ୍ରତିଷ୍ଠା କଲେ। ତାଙ୍କ ଜନ୍ମବୃତ୍ତାନ୍ତ ଅନୁସାରେ ଜନ୍ମ ସମୟରେ ତାଙ୍କ ନିକଟରେ ବହୁ ଅଶୁଭ ସଙ୍କେତମାନ ଦେଖି ଭବିଷ୍ୟତରେ ଏହି ସନ୍ତାନଠାରୁ ବହୁ ବିପଦ ଆଶଙ୍କା କରି ପିଲାବେଳୁ ହିଁ ତାଙ୍କୁ ଗୋଟିଏ ତମ୍ବା ପାତ୍ରରେ ପୁରାଇ ରାଜା ଗଙ୍ଗା ନଦୀରେ ଭସାଇ ଦେଲେ। ଜଣେ କୃଷକ ତାଙ୍କୁ ଉଦ୍ଧାର କରି ଲାଳନପାଳନ କରିବାକୁ ଲାଗିଲେ। ସେ ବଡ଼ ହେବା

### ଦ୍ୱିତୀୟ-ବୁଦ୍ଧ କଥା

ପରେ କୃଷକ ରାଜପୁତ୍ରଙ୍କୁ ପୂର୍ବ ଘଟି ଯାଇଥିବା କଥା କହିଲେ। କିଛିଦିନ ଅନ୍ତରାଳେ ରାଜପୁତ୍ର ଉତ୍ତର ଦିଗରେ ହିମାଳୟ ପର୍ବତ୍ୟାଞ୍ଚଳକୁ ଯାତ୍ରା କରି ତିବ୍ବତର ସାନ୍-ଥାନ୍ ନାମକ କ୍ଷେତ୍ରରେ ପହଞ୍ଚିଲେ। ସ୍ଥାନୀୟ ଅଧିବାସୀମାନେ ତାଙ୍କୁ ଈଶ୍ୱର ପ୍ରେରିତ ଜଣେ ଦୈବ-ପୁରୁଷ ଭାବେ ସେମାନଙ୍କର ରାଜା ରୂପରେ ବରଣ କଲେ। ରାଜ୍ୟର ୟୁମ୍ବୁ ଲଗନ ନାମକ ସ୍ଥାନରେ ଏକ ରାଜପ୍ରାସାଦ ନିର୍ମାଣ କରି ତାଙ୍କୁ ସେଠାରେ ରଖାଇଲେ। ଏହି ସ୍ଥାନଟି ପରବର୍ତ୍ତୀ କାଳରେ 'ଲାସା' ନାମରେ ପରିଚିତ ହେଲା। ତାଙ୍କ ଶାସନ କାଳରେ ହିଁ ତିବ୍ବତରେ 'ବନ୍' ଧର୍ମ ପ୍ରସାର ଲାଭ କରି ରାଜାଙ୍କର ସପ୍ତବଂଶ ପିଢ଼ି ବେଳକୁ ପ୍ରଭାବ ବିସ୍ତାର କରିଥିଲା। ବୌଦ୍ଧ ଧର୍ମ ଯେତେବେଳେ ସମଗ୍ର ଜମ୍ବୁଦ୍ୱୀପକୁ ଆଲୋକିତ କରି ସାରିଥିଲା ସେତେବେଳକୁ ତିବ୍ବତ 'ବନ' ଧର୍ମ ରହସ୍ୟାବୃତ୍ତ ଅନ୍ଧକାର ମଧ୍ୟରେ ଢାଙ୍କି ହୋଇ ରହିଥିଲା।

ଖ୍ରୀ ୪୪୧ ରେ ତିବ୍ବତର ପ୍ରସିଦ୍ଧ ରାଜା ଲା-ଥୋ-ଥୁରୀ ଜନ୍ମଗ୍ରହଣ କଲେ। ତାଙ୍କୁ 'ବନ୍' ଧର୍ମର ପ୍ରଧାନ ଆରାଧ୍ୟ ଦେବତା ଖୁଣ୍ଟୁ ସାନ୍‌ପୋଙ୍କର ଅବତାର ଭାବରେ ଗ୍ରହଣ କରାଯାଏ। ଏକବିଂଶ ବର୍ଷ ବୟସରେ ଏହି ରାଜା ସିଂହାସନ ଆରୋହଣ କଲେ। ତିବ୍ବତୀୟ କିମ୍ବଦନ୍ତୀ ଅନୁଯାୟୀ ଖ୍ରୀ ୫୨୧ରେ ସେ ଅଶୀ ବର୍ଷ ବୟସରେ ପଦାର୍ପଣ କରିଥିବା ବେଳେ ୟୁମ୍ବୁ ଲଗନ ରାଜପ୍ରସାଦ ଉପରେ ଏକ ମହାର୍ଘ ପେଟିକା ସ୍ୱର୍ଗରୁ ଖସି ପଡ଼ିଲା। ସେଥିରେ ଥିଲା ବୌଦ୍ଧ ଗ୍ରନ୍ଥ ସୂତ୍ରାନ୍ତ ପିଟକ, ଏକ କ୍ଷୁଦ୍ର ଦେବାଳୟର କ୍ଷୁଦ୍ର ଅନୁକୃତି, ସାମୁଦ୍ରିକ ବିଦ୍ୟା ତଥା ରହସ୍ୟବାଦ ସଂପର୍କିତ ଗୋଟିଏ ଶାସ୍ତ୍ରଗ୍ରନ୍ଥ, ଚିନ୍ତାମଣି ରତ୍ନ ଓ ଗୋଟିଏ ପାନ-ପାତ୍ର। ସ୍ୱର୍ଗରୁ ଏପରି ଅମୂଲ୍ୟ ପବିତ୍ର ଦୁର୍ଲଭ ବସ୍ତୁ ହାସଲ କରିଥିବା ପ୍ରଥମ ରାଜା ହୋଇଥିବାରୁ ତିବ୍ବତୀୟମାନେ ତାଙ୍କୁ ଦିବ୍ୟପୁରୁଷ ଭାବେ ଗ୍ରହଣ କରିଥିଲେ। ରାଜା ସେ ଦିବ୍ୟବସ୍ତୁ ସବୁକୁ ନାନ୍‌ପା ସାନ୍‌ୱା ନାମ ଦେଇ ରାଜପ୍ରସାଦରେ ରଖି ଦୈନନ୍ଦିନ ପୂଜାର୍ଚ୍ଚନାର ବ୍ୟବସ୍ଥା କରିଥିଲେ। ରାଜା ୧୨୦ ବର୍ଷ ବୟସରେ ଖ୍ରୀ ୫୬୧ରେ ଧାରାଧାମ ତ୍ୟାଗ କରିଥିଲେ।

ତାଙ୍କର ଜଣେ ବଂଶଧରଙ୍କ ପୁତ୍ର ଆଜନ୍ମ ଅନ୍ଧ ଥିଲେ। ତାଙ୍କର ରାଜ୍ୟାଭିଷେକ ସମୟରେ ସିଂହାସନ ସ୍ଥଳରେ 'ନାନ୍‌ପା ସାନ୍‌ୱା'ଙ୍କୁ ପୂଜାର୍ଚ୍ଚନା କରାଯିବା ସମୟରେ ହଠାତ୍ ତାଙ୍କର ଦୃଷ୍ଟି ଶକ୍ତି ଫେରି ଆସିଥିଲା। ତାଙ୍କ ପୁତ୍ର ନାମ୍ରି-ସ୍ରନ୍-ସାନଙ୍କ ଶାସନ କାଳରେ ତିବ୍ବତ ପ୍ରଥମ କରି ଚୀନରୁ ପାଟିଗଣିତ ଓ ଚିକିତ୍ସା ବିଦ୍ୟା ହାସଲ କରିଥିଲା। ସେ ଖ୍ରୀ. ୬୩୦ରେ ଦେହତ୍ୟାଗ କରିଥିଲେ। ତାଙ୍କର ମହାନ୍ କୃତିତ୍ୱ ସଂପନ୍ନ ପୁତ୍ର ସ୍ରନ୍-ସାନ୍-ଗାମ୍ପୋ ଗାଦିନସୀନ ହେବା ପରେ ତିବ୍ବତ ଏକ ନୂତନ ଯୁଗରେ ପଦାର୍ପଣ କଲା। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ପାକିସ୍ତାନ ଛାଡ଼ିଲା...

ରହିଛି। ମାଇକ୍ରୋସଫ୍ଟ ପାକିସ୍ତାନର ଉଚ୍ଚଶିକ୍ଷା ଆୟୋଗ (ଏଚ୍ଇସି) ଓ ପଞ୍ଜାବ ଗ୍ରୁପ ଅଫ କଲେଜ (ପିଜିସି) ଭଳି ସଂସ୍ଥାଙ୍କ ସହ ମିଶି ଡିଜିଟାଲ ସ୍କିଲ୍ ଟ୍ରେନିଂ, ମାଇକ୍ରୋସଫ୍ଟ ଟିମ୍ ମାଧ୍ୟମରେ ରିମୋଟ ଲର୍ଣ୍ଣିଂ ଓ ଟେକ୍ନୋଲଜି ସଲ୍ୟୁସନ ସୁବିଧା ପ୍ରଦାନ କରିଛି। କମ୍ପାନୀ ଦେଶର ୨୦୦ରୁ ଅଧିକ ଉଚ୍ଚଶିକ୍ଷା ସଂସ୍ଥାନଙ୍କୁ ବୈଷୟିକ ସେବା ମଧ୍ୟ ଉପଲବ୍ଧ କରୁଛି। ପାକିସ୍ତାନରେ ମାଇକ୍ରୋସଫ୍ଟର ପୂର୍ବତନ କଣ୍ଟ୍ରି ମ୍ୟାନେଜର ଜଭାଦ ରହେମାନ କହିଛନ୍ତି ଯେ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ବ୍ୟବସାୟ ଓ ରଣନୀତି ସମ୍ପର୍କିତ।

## ପାଣିପାଗ ସୂଚନା...

ବର୍ତ୍ତମାନ ରାଜ୍ୟ ସରକାର ଓ ଆଇଏମ୍ଡିର ମିଳିତ ସହଯୋଗୀତାରେ ରାଜ୍ୟର ସମସ୍ତ ବ୍ଲକ୍କୁ ମିଶାଇ ମୋଟ୍ ୩୧୭ ମାନବ ଚାଳିତ ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ର ରହିଛି। ଏହାସହିତ କିଛି କିଛି ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ମଧ୍ୟ ରହିଛି। ଏହି ସମସ୍ତ କେନ୍ଦ୍ରର ତଥ୍ୟକୁ ଅନୁଧ୍ୟାନ କରିବା ପରେ ଚୂଡ଼ାନ୍ତ ତଥ୍ୟ ଆଇଏମ୍ଡି ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥାଏ। ହେଲେ ସ୍କାଇମେଟ୍ ଏହି କାମ କରିବ କି ରାଜ୍ୟ ସରକାର କେବଳ ସଂସ୍ଥାଠାରୁ ତଥ୍ୟ ଆଣି ଅନ୍ୟ କାହାଦ୍ୱାରା ଆନାଲିସିସ୍ କରାଇବେ, ତାକୁ ନେଇ ପ୍ରଶ୍ନ ଉଠିଛି। ବଡ଼ କଥା ହେଉଛି ପୂର୍ବରୁ ଅନେକ ସମୟରେ ଆଇଏମ୍ଡି ଓ ସ୍କାଇମେଟ୍ର ଆକଳନ ଭିନ୍ନ ଭିନ୍ନ ରହିଛି। ଏପରି ସ୍ଥିତିରେ ରାଜ୍ୟ ସରକାର କାହାର ଆକଳନକୁ ଗୁରୁତ୍ୱ ଦେବେ ତାକୁ ନେଇ ପ୍ରଶ୍ନ ଉଠିଛି। ଏଭଳି ସ୍ଥିତି କେବଳ ରାଜ୍ୟ ସରକାରଙ୍କ ପାଇଁ ଦ୍ୱନ୍ଦାତ୍ମକ ପରିସ୍ଥିତି ସୃଷ୍ଟି କରିବ ନାହିଁ ବରଂ ଚାଷୀମାନଙ୍କୁ ମଧ୍ୟ ଅଡୁଆରେ ପକାଇବାର ଆଶଙ୍କା ସୃଷ୍ଟି କରିଛି। ସାରା ଦେଶରେ ବର୍ତ୍ତମାନ ଆଇଏମ୍ଡି ରାଜ୍ୟ ସରକାରମାନଙ୍କୁ ପାଣିପାଗ ତଥ୍ୟ ଯେମିତି କି ବର୍ଷା, ଆର୍ଦ୍ରତା ଓ ତାପମାତ୍ରା ଭଳି ତଥ୍ୟ ପ୍ରଦାନ କରୁଛି। ଏହାକୁ କୃଷିପାଣିପାଗ କେନ୍ଦ୍ରର ବୈଜ୍ଞାନିକ ମାନେ ଅନୁଧ୍ୟାନ କରି ଚାଷୀମାନଙ୍କ ପାଇଁ ପରାମର୍ଶ ଜାରି କରୁଛନ୍ତି। ଓଡ଼ିଶାରେ ମଧ୍ୟ ଏହି ଧାରା ଜାରି ରହିଛି। ହେଲେ ଏବେଠାରୁ ଏଥିରେ ବିଲକ୍ଷଣ ଦେଖାଯିବା ନେଇ ଆଶଙ୍କା ପ୍ରକାଶ ପାଇଛି।

## ଆଜି ବାହୁଡ଼ା...

କରାଯାଇଥିଲା। ଆଡ଼ପମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହୋଇଥିଲା। ପରେ ମହାପ୍ରଭୁଙ୍କ ବାହୁଟକଣ୍ଠ, ଚାରବନ୍ଧା ଓ କୁସୁମି ଲାଗି ନୀତି ପାଇଁ ଆରମ୍ଭ ହୋଇଥିଲା ପ୍ରସ୍ତୁତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ଶନିବାର ଭୋର୍ ୪ଟାରେ ମଙ୍ଗଳ ଆଳତି ହେବ। ଠାକୁର ଖେଚୁଡ଼ି ଭୋଗ ଖାଇସାରି ଶ୍ରୀମନ୍ଦିର ଅଭିମୁଖେ ବାହାରିବେ। ପୂର୍ବାହ୍ନ ୧୧ଟା ୪୫ରେ ମଙ୍ଗଳାର୍ପଣ ହୋଇ ମଧ୍ୟାହ୍ନ ୧୨ଟାରେ ବାହୁଡ଼ା ପହଣ୍ଡି ଆରମ୍ଭ ହେବ। ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ କରାଯିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ରଥଟଣା ସରିବା ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଏହା ପରଦିନ ଅର୍ଥାତ୍ ରବିବାର ରଥ ଉପରେ ସୁନାବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦାରୁବିଗ୍ରହଙ୍କ ବାହୁଡ଼ା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ପୁଲିସ୍ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ପଞ୍ଚସ୍ତରୀୟ ସୁରକ୍ଷାବଳୟରେ ରହିଛି ପୁରୀ ସହର।

## ଖୋଲିଲା କଲମା...

ବଢୁଥିବାରୁ ଛତିଶଗଡ଼ ବନ୍ୟାଜଳ ଛାଡୁଛି। ସେପଟେ ହୀରାକୁଦ ନଦୀବନ୍ଧରେ ବଢୁଛି ଜଳସ୍ତର। ଛତିଶଗଡ଼ କେତେବେଳେ କଲମାର ଗେଟ୍ ଖୋଲି ପାଣି ଛାଡ଼ିଥାଏ ଆଉ କେତେବେଳେ ବନ୍ଦ କରିଦିଏ, ସେନେଇ ଓଡ଼ିଶାକୁ କୌଣସି ସୂଚନା ଦିଆଯାଏନାହିଁ। ଫଳରେ ଅଚାନକ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। କଲମାରୁ ବନ୍ୟା ଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରକୁ ବହୁ ମାତ୍ରାରେ ପ୍ରବେଶ କରିବା ଦ୍ୱାରା ଜଳସ୍ତରକୁ ଦେଖି ହୀରାକୁଦ ନଦୀବନ୍ଧରୁ ଅଧିକ ଜଳ ନିଷ୍କାସନ କରାଯାଇଥାଏ। ଫଳରେ ରାଜ୍ୟରେ ବନ୍ୟା ସ୍ଥିତି ଉତ୍ପନ୍ନ ହୋଇଥାଏ। ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର ରହିଥିବାରୁ ଉଭୟ ରାଜ୍ୟ ସମନ୍ୱୟ ରକ୍ଷା କରି ବନ୍ୟା ଜଳ ଛାଡ଼ିବା ପାଇଁ ସଚେତନ ମହଲରେ ମତପ୍ରକାଶ ପାଉଛି। ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ସୁଶୀଲ କୁମାର ବେହେରା କହିଛନ୍ତି, ଚଳିତବର୍ଷ ଶୀଘ୍ର ବର୍ଷା ଆସିଯିବା ସହ ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଉଛି। ଜୁଲାଇ ୩୧ ସୁଦ୍ଧା ୬୦୫ ଫୁଟ୍ ରଖିବାକୁ ଥିବା ବେଳେ ଆଜି ୬୦୫ ପହଞ୍ଚିଗଲାଣି। ଏଥିପାଇଁ ଗତକାଲି ରବିବାର ଖୋଲିବାକୁ ନିଷ୍ପତ୍ତି ନେଇ ଏସ୍ଓପି ଅନୁଯାୟୀ ୪୮ ଘଣ୍ଟା ପୂର୍ବରୁ ସତର୍କ କରାଯାଇଛି ବୋଲି ଇଂ ବେହେରା କହିଛନ୍ତି। ମହାନଦୀ ଅବବାହିକାର ୧୩ଟି ଜିଲ୍ଲାକୁ ସତର୍କ କରାଯାଇଛି। ତାଙ୍କ ସୂଚନା ଅନୁଯାୟୀ, ଶେଷ ବ୍ୟାରେଜ କଲମା ହୋଇଥିବାବେଳେ ପ୍ରଥମେ ୮ଟି ଗେଟ୍ ଖୋଲାଯାଇଥିଲା, ଗତକାଲି ସନ୍ଧ୍ୟା ସୁଦ୍ଧା ୪୬ ଏବଂ ଏବେ ୫୪ଟି ଗେଟ୍ ଖୋଲାଯାଇଛି।

ଏହାସହ ସ୍ୱିରିନାରାୟଣରେ ଉପରମୁଣ୍ଡରେ ବେଶି ପାଣି ନଥିବାରୁ ୫ଟି ଗେଟ୍ ଖୋଲା ଯାଇଥିବା ହୀରାକୁଦ ନଦୀବନ୍ଧ ମୁଖ୍ୟଯନ୍ତ୍ରୀ କହିଛନ୍ତି।

ହୀରାକୁଦ ନଦୀବନ୍ଧର ପ୍ରଥମ ବନ୍ୟାଜଳ ନିଷ୍କାସନ ଆସନ୍ତା ୬ ତାରିଖ ପୂର୍ବାହ୍ଣ ୧୦ଟା ବେଳେ ହେବାକୁ ଥିବାରୁ ଏନେଇ ଡାକବାଜି ଯନ୍ତ୍ର ଯୋଗେ ନଦୀ ଅବବାହିକା ଅଞ୍ଚଳରେ ପ୍ରଚାର କରାଯାଉଛି। ତେଣୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

## ୧୪ ଯାଏଁ ବର୍ଷା...

ପୁଣି ୧୧/୧୨ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ଆଶଙ୍କା ରହିଛି। ଏହା ପ୍ରଭାବରେ ରାଜ୍ୟରେ ୧୨-୧୪ ତାରିଖ ପର୍ଯ୍ୟନ୍ତ ବର୍ଷା ରହିବ ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ବର୍ତ୍ତମାନ ରାଜ୍ୟରେ ବନ୍ୟା ସ୍ଥିତି ନାହିଁ। ସୁବର୍ଣ୍ଣରେଖାରେ ପାଣି କମିଛି। କେଉଁ ବେସିନ୍ (ନଦୀ)ରେ ପାଣି ଅଧିକ ନାହିଁ। ତେଣୁ ସତର୍କ ସୂଚନା କେଉଁଠି ନାହିଁ ବୋଲ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ସେ କହିଛନ୍ତି ଛତିଶଗଡ଼ରେ ବର୍ଷା ହେଉଛି। ଛତିଶଗଡ଼ ପାଣି ଛାଡିବାକୁ ଆମେ ଅପେକ୍ଷା କରିଛୁ। ସ୍ୱାଭାବିକ ପ୍ରକ୍ରିୟାରେ ଏସ୍ଓପି ଅନୁସାରେ ହୀରାକୁଦର ୬ ଗେଟ ଖୋଲା ହେବ। ହେଲେ ସତର୍କ ସ୍ଥିତି ନାହିଁ। ୬୩୦ ଫୁଟ ହୀରାକୁଦ ଜଳ ଧାରଣ କ୍ଷମତା ରହିଛି। ଏବେ ୬୦୫ ଫୁଟ ପାଣି ଅଛି। ମହାନଦୀ ଉପରମୁଣ୍ଡ ସୁନ୍ଦରଗଡ଼ ଓ ଛତିଶଗଡ ଛଡ଼ା ଆଉ କେଉଁଠି ବର୍ଷା ନାହିଁ ବୋଲି ସେ କହିଛନ୍ତି।

## ପୁରୀ ହେବ ମହାନଗର...

ଆଣିବାକୁ ପଡିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନର୍ବିନ୍ୟାସ ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି। କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ବର୍ଷସାରା ସହରକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ଆମ ସରକାର ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୨୦୩୬ ସୁଦ୍ଧା ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢି ତୋଳିବାକୁ ଆମ ସରକାର ବଦ୍ଧପରିକର। ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣାବେକ୍ଷଣର ଅବଶ୍ୟକତା ରହିଛି। ଆଜିର ଏହି ଘୋଷଣା ସରକାରଙ୍କ ଏହି ଭିଜନର ଏକ ଅଂଶ ବିଶେଷ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ପୁରୀରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗୋଟିଏ ପରିସରରେ ଏହା ନିର୍ମିତ ହେବ। ଶ୍ରୀଜଗନ୍ନାଥ ସଂଗ୍ରହାଳୟରେ ଜଗନ୍ନାଥ ସଂସ୍କୃତି ଓ ଇତିହାସ, ଯେପରିକି ଏହାର ପୌରାଣିକ ମହତ୍ତ୍ୱ, ନୀଳମାଧବଙ୍କଠାରୁ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ଇତିହାସ, ବିଗ୍ରହ ପ୍ରତିଷ୍ଠା, କାଞ୍ଚି ବିଜୟ, ଯାନିଯାତ୍ରା, ମନ୍ଦିର ରୀତିନୀତି, ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଭାବାବେଗ ଇତ୍ୟାଦି ପ୍ରଦର୍ଶିତ ହେବ। ଏହି ସବୁ ଘଟଣାବଳୀକୁ ବିଭିନ୍ନ ଚିତ୍ରକଳା, ପ୍ରତିମୂର୍ତ୍ତି, ପଟ୍ଟଚିତ୍ର ଇତ୍ୟାଦି ମାଧ୍ୟମରେ ପ୍ରଦର୍ଶିତ କରାଯାଇପାରିବ। ସେହିପରି ଏହି ପରିସରରେ ଏକ ପୁସ୍ତକାଗାର ଏବଂ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର ସ୍ଥାପିତ କରାଯିବ। ଏହି ପୁସ୍ତକାଗାରରେ ଜଗନ୍ନାଥ ସଂସ୍କୃତି ସହିତ ଓଡିଆ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧୀୟ ପୁସ୍ତକ ବି ରହିବ। ଏହି ପୁସ୍ତକାଗାରରେ ଇ-ଲାଇବ୍ରେରୀର ସୁବିଧା ପ୍ରଦାନ କରାଯିବ ଏବଂ ପାଠକମାନେ ଇ-ଲାଇବ୍ରେରୀ ମଧ୍ୟମରେ ସବୁ ପ୍ରକାର ପଠନ ସାମଗ୍ରୀ ପାଇ ପାରିବେ। ଜଗନ୍ନାଥ ସଂସ୍କୃତି ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଏହା ନିଶ୍ଚିତ ଭାବେ ସାହାଯ୍ୟ କରିବ। ଏଥି ସହିତ ଏହି ପରିସରରେ ପ୍ରାୟ ୩୦୦ ଆସନ ବିଶିଷ୍ଟ ଏକ ପ୍ରେକ୍ଷାଳୟ ନିର୍ମାଣ କରାଯିବ ବୋଲି ମୁଖମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି। ଏହି ଅଡିଟରିଅମରେ ପ୍ରତି ଦିନ ଲାଇଟ ଓ ସାଉଣ୍ଡ ଶୋ' ପ୍ରସ୍ତୁତ କରାଯିବ। ଜଗନ୍ନାଥ ମନ୍ଦିର ଏବଂ ଠାକୁରଙ୍କୁ ନେଇ ଅନେକ କାହାଣୀ, ଅନେକ ପ୍ରସଙ୍ଗ ରହିଛି। ଏହି ସବୁ ପ୍ରସଙ୍ଗକୁ ବିଭିନ୍ନ ଅଧ୍ୟାୟରେ ବିଭାଜନ କରି ଗୋଟିଏ ଗୋଟିଏ ଏପିସୋଡ୍ ପ୍ରସ୍ତୁତ କରି ବିଭିନ୍ନ ଭାଷା ଯେପରିକି ଓଡ଼ିଆ, ହିନ୍ଦୀ, ଇଂରାଜୀ ଏବଂ ବଙ୍ଗଳା ଭାଷାରେ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯିବ।

## ରାଜ୍ୟ ବିଜେପିକୁ...

ଜଗନ୍ନାଥପ୍ରେମୀଙ୍କୁ ବଡ଼ ଆଘାତ ଦେଇଥିଲା। ଯେନେତେନ ପ୍ରକାରେ ଏହି ଅଘଟଣକୁ ଚାପିବାକୁ ସରକାର ଉଦ୍ୟମ କରୁଥିବା ବେଳେ ଉଭୟ ସରକାର ଏବଂ ସଂଗଠନ ପାଇଁ ନୂଆ ସମସ୍ୟା ଆଣିଥିଲା ବିଏମ୍ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ବିଜେପି କର୍ମୀଙ୍କ ମରଣାନ୍ତକ ଆକ୍ରମଣ। ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ପ୍ରରୋଚନାରେ ଏପରି ଆକ୍ରମଣ ହୋଇଥିବା ଅଭିଯୋଗ କରି ଓଏଏସ ଅଧିକାରୀମାନେ ସମୂହ ଛୁଟିରେ ଯିବା କାରଣରୁ ରାଜ୍ୟ ଏକ ବଡ଼ ପ୍ରଶାସନିକ ସଂକଟର ସାମ୍ନା କରିଥିଲା। ସରକାର ଘଟଣାରେ ୫ ଜଣଙ୍କୁ ଗିରଫ କରି ମାମଲାର ସମାଧାନ ପାଇଁ ତାଳିପକା ଉଦ୍ୟମ କରିଥିଲେ ହେଁ ଓଏଏସ ସଂଘ ନଛୋଡ଼ବନ୍ଧା ଥିଲେ। ଶେଷରେ ୩ ଦିନର କାର୍ଯ୍ୟବନ୍ଦ ପରେ ଜଗନ୍ନାଥ ପ୍ରଧାନ ପୁଲିସ ନିକଟରେ ଆତ୍ମସମର୍ପଣ କଲେ। ରାଜ୍ୟ ସରକାର ଓ ବିଜେପି ରାଜ୍ୟ ନେତୃତ୍ୱ ଏହାପରେ ଶାନ୍ତିରେ ଟିକେ ନିଃଶ୍ୱାସ ମାରୁଥିବା ବେଳେ ବିଜେଡି ନେତ୍ରୀ ଲେଖାଶ୍ରୀଙ୍କ ପ୍ରତି ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅରୁଚିକର ଟିପ୍ପଣୀ ଦଳ ପାଇଁ ନୂଆ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଲେଖାଶ୍ରୀଙ୍କ ପ୍ରତି ସନ୍ତୋଷ ଯେଉଁପ୍ରକାର ଶବ୍ଦ ବ୍ୟବହାର କରିଛନ୍ତି ତାହା ଅତ୍ୟନ୍ତ ସମ୍ବେଦନଶୀଳ। କୌଣସି ସାଧାରଣ ଲୋକ ମଧ୍ୟ ଏହାକୁ ସହ୍ୟ କରିପାରିବ ନାହିଁ। ମାତ୍ର ରାଜ୍ୟ ବିଜେପି ପକ୍ଷରୁ ଏ ନେଇ କେହିଁ ମୁହଁ ଖୋଲୁନାହାନ୍ତି। ରାଜ୍ୟବ୍ୟାପୀ ସାଧାରଣ ଲୋକେ, ବୁଦ୍ଧିଜୀବୀ ଏହାକୁ କଡ଼ା ସମାଲୋଚନା କରିଥିବା ବେଳେ ନିଜେ ଲେଖାଶ୍ରୀ ଶୁକ୍ରବାର ଭୁବନେଶ୍ୱର ମହିଳା ଥାନାରେ ଏଫଆଇଆର ଦେଇଛନ୍ତି। ଏପରିକି ମାମଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମହିଳା ବିରୋଧୀ ସନ୍ତୋଷଙ୍କୁ ବିଧାନସଭା ମଧ୍ୟରେ ପୂରାଇ ଦିଆଯିବ ନାହିଁ ବୋଲି ବିଜେଡି ଚେତାବନୀ ଦେଇଛି। ଗତ ୯ ଦିନ ମଧ୍ୟରେ ଏତେସଂଖ୍ୟକ ଅଘଟଣ, ବିବାଦ ଏବଂ ବିଭ୍ରାଟକୁ ସାଧାରଣରେ ବିଜେପିର ଚେହେରାକୁ ଧୂଆଁଳିଆ କରି ଦେଇଛି। ଦଳ ଏବଂ ସରକାର ମଧ୍ୟରେ ସମନ୍ୱୟ ଏବଂ ଶୃଙ୍ଖଳାର ଅଭାବ ରାଜ୍ୟରେ ଏକ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହୋଇଛି। ବିଜେପିରେ କେହି କାହାରିକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଦଳ ମଧ୍ୟରେ ଏକାଧିକ ଗୋଷ୍ଠୀଙ୍କ ସକ୍ରିୟତା ମଧ୍ୟ ବିଶୃଙ୍ଖଳାକୁ ଇନ୍ଧନ ଯୋଗାଇ ଚାଲିଛି। ଏପରିସ୍ଥଳେ ଆଗାମୀ ଦିନରେ ବିଶୃଙ୍ଖଳା ଦଳ ପାଇଁ ଏକାଧିକ ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୈତିକ ମହଲରେ ସନ୍ଦେହ ପ୍ରକାଶ ପାଉଛି।


ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ / ପୋଷ୍ଟ- ଅମ୍ବପୁଆ, ଆୟକର ଭବନ ନିକଟରେ, , ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡିଶା

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
(At/Po- Ambapua, Near Income Tax office, Berhampur-760011, Ganjam, Odisha)

O-377

(E-Mail): serwbcpr2004@yahoo.com, Tel No.: 0680-2404287

NATIONAL COMPETITIVE BIDDING THROUGH e-Procurement
Bid Identification No. Online Tender/09-2025-26/BPR

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 09-2025-26/BPR | Road Works under MMSY-TRIP & MMSY-IMPROVEMENT TO EXISTING RD ROADS | 03 Nos | From Rs. 107.07 Lakhs to Rs. 719.33 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/09-2025-26/BPR | 08.07.2025 at 10.00 A.M. | 22.07.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.

(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - www.tendersodisha.gov.in

Sd/- Chief Construction Engineer
R.W. Circle, Berhampur

OIPR-25071/11/0100/2526



SDCCB

THE SAMBALPUR DISTRICTCO-OPERATIVE CENTRAL BANK LIMITED
Quotation Call Notice
Lett.No:

The Sambalpur District Co-operative Central Bank (SDCCB) invites Quotation call notice from the intending IRDAI Certified Agencies, fulfilling the IRDAI norms, for entering into floater group health insurance policy covering employees of the Bank along with their spouse, Children up to three and dependent parents for a period of one year.

For details please visit Bank's website: www.sambalpurdccb.com. The last date for receipt of proposal is 15.07.2025, 3:00P.M.

SDCCB reserves the right to accept/reject any/all Quotation without assigning any reason thereof.

Sd/-
Chief Executive Officer

THE SAMBALPUR DISTRICT CO-OPERATIVE CENTRAL BANK
HEADOFFICE:BARGARH-768028
Email:headoffice@sambalpurdccb.com


# ରଥଯାତ୍ରାର ସବୁ ବିଭ୍ରାଟ ପାଇଁ ବିଧାୟକ ଓମ୍ପ୍ରକାଶ ଦାୟୀ: ଆପ୍

ପୁରୀ, ୪।୭(ସମିସ): ଅଶୌଚ ଲାଗିଥିବା ବେଳେ ଶ୍ରୀମନ୍ଦିରରେ ପ୍ରବେଶ କରିଥିବା ସତ୍ୟବାଦୀ ବିଧାୟକ ଓମ୍ପ୍ରକାଶ ମିଶ୍ରଙ୍କୁ ଘେରିଛି ଆମ୍ ଆଦ୍ମୀ ପାର୍ଟି(ଆପ୍)। ରଥଯାତ୍ରାରେ ଯେଉଁସବୁ ବିଭ୍ରାଟ ଘଟିଛି, ସେଥିପାଇଁ ବିଧାୟକ ହିଁ ଦାୟୀ। ନୀତିକାନ୍ତିରେ ବିଭ୍ରାଟ, ରଥଟଣାରେ ବିଳମ୍ବ ଏବଂ ଧର୍ମୀୟ କାର୍ଯ୍ୟ ମାରା ହେବାରୁ ଶରଧାବାଲି ଦଳଚକଟାରେ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ; ସବୁ ପାଇଁ ବିଧାୟକ ଓମ୍ପ୍ରକାଶ ଦାୟୀ ବୋଲି ଶୁକ୍ରବାର ନବକଳେବର ରୋଡ୍ସ୍ଥିତ ଆପ୍ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଶ୍ରୀମନ୍ଦିରର ପବିତ୍ରତା ଓ ପରମ୍ପରାକୁ ବିଧାୟକ ଶ୍ରୀ ମିଶ୍ର ନଷ୍ଟ କରିଛନ୍ତି। ଏବେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ରଥଯାତ୍ରା ଦିନ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ଉତ୍ତରଦ୍ୱାର ଦେଇ ସେ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି। କିନ୍ତୁ ଜୁନ୍ ୨୨ ତାରିଖରେ ବିଧାୟକ ତାଙ୍କ ଫେସ୍ବୁକ ଆକାଉଣ୍ଟରେ ତାଙ୍କ ବଡ଼ବାପା ଦେବବ୍ରତଙ୍କ ଦେହାନ୍ତ ହୋଇଛି ବୋଲି ପୋଷ୍ଟ କରିଥିଲେ। ତେଣୁ ତାଙ୍କୁ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ। ବିଧାୟକ ଶ୍ରୀ ମିଶ୍ର ଲଣ୍ଡା ହୋଇ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ନିକଟରେ କ୍ଷମା ପାର୍ଥନା କରିବା ସହ ସମସ୍ତ ୧୬ଶାସନୀ ବ୍ରାହ୍ମଣଙ୍କ ନିକଟରେ ଭୁଲ ମାଗନ୍ତୁ। ସେହିପରି, ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ବିବୃତ୍ତି ରଖନ୍ତୁ ବୋଲି ସେ ଦାବି କରିଛନ୍ତି।

# ରେଳ ଲାଇନ୍ରେ ବିପଦପୂର୍ଣ୍ଣ ଷ୍ଟଣ୍ଟ



ଶଗଡ଼ା, ୪।୭ (ସମିସ): ବଲାଙ୍ଗିର-ଖୋର୍ଦ୍ଧା ରେଳ ଲାଇନ୍ରେ ଜଣେ ନାବାଳକ ବିପଦପୂର୍ଣ୍ଣ ଷ୍ଟଣ୍ଟ କରିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ବୌଦ୍ଧ ଜିଲ୍ଲା ପୁରୁଣାପାଣି ଓ ମଶିଣାପଡ଼ା ମଧ୍ୟରେ ଥିବା ଟ୍ରେନ୍ ଲାଇନ୍ରେ ଜଣେ ନାବାଳକ ଜୀବନକୁ ବାଜି ଲଗାଇ ଏହି ଷ୍ଟଣ୍ଟ କରିଛନ୍ତି। ଟ୍ରେନ୍ ଯାଉଥିବା ସମୟରେ ସେ ଶୋଇ ରହିଛନ୍ତି। ଏହି ସମୟରେ ଅନ୍ୟ ଜଣେ ସାଥୀ ତାଙ୍କ ଭିଡିଓ କରୁଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳୁଛି। ନାବାଳକଜଣଙ୍କ ଟ୍ରାକ୍ରେ ଶୋଇଥିବା ବେଳେ ସାଥୀ ନାବାଳକମାନେ ଖୁସିରେ ଚିତ୍କାର କରୁଛନ୍ତି।

### ଅନୁସୂଚିତ ଜାତି ଆୟୋଗ ଗଠନ କରାଯାଉ

# ଧରାକୋଟ ପୀଡ଼ିତଙ୍କୁ ୧୫ ଲକ୍ଷ କ୍ଷତିପୂରଣ ପାଇଁ ସାମାଜିକ ନ୍ୟାୟ ସାମ୍ମୁଖ୍ୟର ଦାବି

ଭୁବନେଶ୍ୱର, ୪।୭(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧରାକୋଟ ବ୍ଲକର ସିଙ୍ଗିପୁର ଗ୍ରାମର ଦୁଇ ଜଣ ଅନୁସୂଚିତ ଜାତି ବର୍ଗର ବ୍ୟକ୍ତି(ବାବୁଲା ନାଇକ, ବୁଲୁ ନାଇକ)ଙ୍କୁ ଆକ୍ରମଣ ଅମାନବୀୟ, ଘୃଣ୍ୟ ଏବଂ ଅତ୍ୟନ୍ତ ଜଘନ୍ୟ ବୋଲି ଅଭିହିତ କରିଛି ସାମାଜିକ ନ୍ୟାୟ ସାମ୍ମୁଖ୍ୟ।

ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ ନିଜ ଝିଅକୁ ଯୌତୁକ ଦେବା ପାଇଁ ଗାଇ ଆଣିଥିବା ବାପାକୁ ଗୋରୁ ଚାଲାଣକାରୀମାନେ ରାଜା ସାମଲ ଏବଂ ସହଯୋଗୀ ୩୦ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେବାରୁ ସେମାନଙ୍କୁ ଖାରିଗୁମ୍ମା ଗାଁରେ ପ୍ରାୟ ଦୁଇ କିଲୋମିଟର ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ ଓ ଲଣ୍ଡା କରି ଦେଇଥିଲେ। ଶୋଷ ବିକଳରେ ପାଣି ମାଗିବାରୁ ତାଙ୍କୁ ନର୍ଦ୍ଦମା ପାଣି ପିଆ ଗଲା ଓ ଘାସ ଖୁଆଇ ଦିଆଗଲା। ମାତ୍ର ଏହି ଘଟଣାରେ ସରକାରଙ୍କ ମୌନତା, ଅଭିଯୁକ୍ତଙ୍କୁ ଆଶ୍ୱସନା ଦେଲାଭଳି ଅନୁଭବ ହେଉଛି। ସମ୍ବିଧାନର ଅନୁଚ୍ଛେଦ (୧୭-୨୩) ମଧ୍ୟରେ ଅନୁସୂଚିତ ଜାତି/ଜନଜାତି ମାନଙ୍କୁ ସମସ୍ତ ପ୍ରକାର ଶୋଷଣରୁ ରକ୍ଷାପାଇଁ ଉଦ୍ଦିଷ୍ଟ ଥିବାବେଳେ ବର୍ତ୍ତମାନ ବଞ୍ଚିତ ବର୍ଗଙ୍କ ଉପରେ ରୀତିମତ ଆକ୍ରମଣ ହୋଇଛି। ସରକାରରେ ମନ୍ତ୍ରୀଥିବା ଦୁଇ ଦଳିତ ନେତା ସୂର୍ଯ୍ୟବଂଶୀ ସୁରଜ ଏବଂ ମୁକେଶ ମହାଲିଙ୍ଗ ଏହି ଘଟଣାରେ ନିରବତା ଅବଲମ୍ବନ କରିଛନ୍ତି। ଏଭଳି ପାଶବିକ ଆଚରଣ ଓଡ଼ିଶାକୁ ବିଶ୍ୱ ଦରବାରରେ ଲଜ୍ଜିତ ଚରିଛି ବୋଲି ସାମ୍ମୁଖ୍ୟ କହିଛି।

ତେଣୁ ଦୁଇ ପୀଡିତ ବାବୁଲା ନାଇକ ଏବଂ ବୁଲୁ ନାଇକଙ୍କୁ ସମ୍ମାନ ହାନି ସ୍ୱରୂପ ୧୫ଲକ୍ଷ ଟଙ୍କାର କ୍ଷତି ପୂରଣ ଦିଆଯାଉ। ଦୋଷୀ ଯେପରି କଠୋର ଦଣ୍ଡ ପାଇବେ ସେନେଇ ସମସ୍ତ ପଦକ୍ଷେପ ନିଅନ୍ତୁ ବୋଲି ସାମାଜିକ ନ୍ୟାୟ ସାମ୍ମୁଖ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ବାରମ୍ବାର ଓଡ଼ିଶାକୁ ଲଜ୍ଜିତ କରୁଥିବା ବଜରଙ୍ଗ ଦଳର ଏତାଦୃଶ କାର୍ଯ୍ୟଗୁଡିକ ଉପରେ ପ୍ରତିବନ୍ଧକ ଲଗାଯାଉ ସାମୁଖ୍ୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଓଡ଼ିଶାରେ ତୁରନ୍ତ ଅନୁସୂଚିତ ଜାତି ଆୟୋଗ ଗଠନ କରିବା ନେଇ ପ୍ରକ୍ରିୟା ଆରମ୍ଭ କରି ବା ସହ ଆଗାମୀ ବିଧାନସଭା ଅଧିବେଶନରେ ଅନୁସୂଚିତ ଜାତି ଆୟୋଗ ଗଠନ ନେଇ ସ୍ୱତନ୍ତ୍ର ବିଧେୟକ ଆଗତ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାମାଜିକ ନ୍ୟାୟ ସାମ୍ମୁଖ୍ୟର ଚିଦାନନ୍ଦ ଜେନା, ଅଜୟ ମହାପାତ୍ର, ଶୋଭେନ ବିଶ୍ୱାଳ, ପ୍ରସନ୍ନ ବିଶୋଇ, ବାସୁଦେବ ଭଞ୍ଜ, ଅଶୋକ ପାଇକରାୟ, ବଦ୍ରିନାଥ ଜେନା, ଅବିନାଶ ପ୍ରଧାନ, ଦିବ୍ୟ ସିଂ, ସୋଲାର ମିଶ୍ର, ସାହିଲ ସାହାଣୀ, ସତ୍ୟପ୍ରଜ୍ଞ ଗୌଡ଼, ଲିପୁନ ପରିଡ଼ା, ଶୁଭମ ସାହୁ, ଅଭିଷେକ ମହାପାତ୍ର, ଯୁବରାଜ ମହାନନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି।

# ସାପ କାମୁଡାରେ ଚାଷୀ ମୃତ

ରାଇରଙ୍ଗପୁର, ୪।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣି ଥାନା ଅନ୍ତର୍ଗତ ହାତିଆ ପଞ୍ଚାୟତ କପିଳି ଗ୍ରାମର ଜଣେ ଚାଷୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ଜିତେନ୍ଦ୍ର ଲୋହାର(୪୫)। ସେ ଚାଷ କାମ ସାରି ଘରକୁ ଫେରି ଦାଣ୍ଡ ଦୁଆରେ ଠିଆ ହୋଇଥିବା ବେଳେ ଏକ ଗୋଖର ସାପ ହଠାତ୍ ତାଙ୍କୁ ଦଂଶନ କରିଥିଲା। ପରିବାରଲୋକ ତୁରନ୍ତ ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।


GOVERNMENT OF ODISHA
A-364
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
E-mail ID: midvmalkangiri@gmail.com

NOTICE INVITING TENDER
E-Procurement Notice
Bid Identification No. SEMDIMKG - 01/2025-26
Letter No. 1061 / Dt. 02.07.2025

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids through e-procurement to be received in Online Mode only for the works as detailed in the table below.

1. Name of the work : Survey Investigation works as mentioned in the website.
2. Total Number of work : 01 (One) No.
3. Estimated cost : Approximately Rs. 13.75 lakh.
4. Period of completion : 02 (Two) Calendar Months
5. Class of Contractor : Detail list of work (Annexed) As mentioned against work
6. Date and time of availability of bid documents in the portal : From 10.00 A.M of 08.07.2025 to 5.00 P.M of 17.07.2025
7. Last date/time for receipt of bids in the portal : 5.00 P.M on 17.07.2025
8. Date of opening of bid : At 11.00 A.M on 18.07.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Malkangiri
11. Further details can be seen from the Government of Odisha Website: www.tendersorissa.gov.in

Sd/- Superintending Engineer
M.I. Division, Malkangiri

OIPR-32285/11/0003/2526



A-363
OFFICE OF THE EXECUTIVE ENGINEER
BRUTANG IRRIGATION DIVISION: DASAPALLA, NAYAGARH
Email: eebiddasapalla@gmail.com
No. 614 / dt. 26.06.2025

NOTICE INVITING TENDER
Bid Identification No.EE-BID-BIP-02(01) of 2025-26, Dt.26.06.2025
'e' Procurement Notice No. EE-BID-02(01)/2025-26, Dt.26.06.2025

Invites online percentage rate tender in single cover through e-procurement for execution of the Electrical works. The bid should be submitted by eligible class of contractors obtained from Electrical Licensing Board of Odisha .

1. Type of Work : Electrification of Administrative building for Chief Construction Engineer, Brutang & Hadua Irrigation Project, At-Dasapalla Irrigation Colony,District-Nayagarh
2. Total No. of Works : 01 nos.
3. Approximate value of work : Rs. 30.85 lakh/- (Excluding GST)
4. Tender Paper Cost : Rs. 6,000/-
5.Bid Security/E.M.D : Rs.30,900/-
5. Period of Completion : 04 (four calendar months).
6. Class of Contractor : Electrical Contractor License Class HT

| | e-procurement Notice No. | | Availability of online viewing of Tender prior to Bidding | | Submission &Availability bid on-line | Date & time of opening of Bid |
|---|---|---|---|---|---|---|
| | | | From | To | | |
| 1 | 2 | | 3 | 4 | 6 | 7 |
| EXECUTIVE ENGINEER, BRUTANG IRRIGATION DIVISION, AT/PO-DASAPALLA, DIST-NAYAGARH, ODISHA, PIN-752084. | EE,BID – 02(01)/2025-26 | Rs. 30.85/- (Excluding GST) | 07.07.2025 (10.00 AM) | 21.07.2025 (up to 5.00 PM) | 07.07.2025 (10.00 AM) to 21.07.2025 (up to 5.00 PM) | 22.07.2025 at 11:00 AM |

Date of opening of bid :Dt-22.07.2025 at 11.00 AM in the O/O the Executive Engineer, Brutang Irrigation Division, Dasapalla, Nayagarh, Odisha, PIN-752084.
Further details can be seen from the Govt. Website www.tendersorissa.gov.in
The Corrigendum/ cancellation of Tender, if any, will be uploaded and can be seen from the above website only.

Executive Engineer
Brutang Irrigation Division
Dasapalla

OIPR-32553/11/0001/2526



NOTICE
(for Minor)
By virtue of an affidavit sworn before Notary Public, Udala, Mayurbhanj, dated 01-07-2025 I,Madanram Ganeshprasad Hansdah Address At- Anlasuli, PO- Bahanada, PS- Khunta, Dist.- Mayurbhanj, PIN- 757104 declare that I have changed the name of my daughter Fullamani Hansda to Anjali Hansdah . Henceforth, she shall be known as Anjali Hansdah for all purposes.
Madanram Ganeshprasad Hansdah

AFFIDAVIT
I, Bela Ameet Gandhi, W/o.: Ameet Chandrakant Gandhi, Resident of 5/A, Girnar Palace, Bomikhal, Cuttack Puri Road, Bhubaneswar. PIN-751010, Dist.: Khordha, Odisha, declare by this affidavit No.: 364 dtd 03.07.2025 that now onwards I shall be known as **BELA GANDHI** for all future purposes.

AFFIDAVIT
I Chita Ranjan Mohanty, S/o- Kedar Nath Mohanty, resident of at- Bairagi Villa, Flat no-305,3rd floor, Near UCO Bank Colony, Jharapada, P.S- Laxmi Sagar, Bhubaneswer Pin-751006, Odisha are declared by this affidavit No-39, dated06/05/25, that now onwards I shall be known as **CHITTA RANJAN MOHANTY** for all future purposes.

ପୂର୍ବ ତଟ ରେଳପଥ
ଫାଇଲ ସଂ. DRM/Engg/KUR/25-26/E-Tender/36 ତା.30.06.2025ରିଖ
1) ଟେଣ୍ଡର ସଂ. eTender-CENTKUR-130-2025, ତା.24-06-2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଢେଙ୍କାନାଳ ଅଧିକାର କ୍ଷେତ୍ର ଅଧୀନରେ ଗୁରୁଡ଼ିଝାଟିଆ ଠାରୁ ସଦାଶିବପୁର ଷ୍ଟେସନ ପର୍ଯ୍ୟନ୍ତ ଷ୍ଟାଫ୍ କ୍ୱାର୍ଟର ପାଇଁ ପ୍ରସ୍ତାବିତ ବିବିଧ ମରାମତି କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 269.90 ଲକ୍ଷ, EMD (₹) : 2,85,000.00 ।
2) ଟେଣ୍ଡର ସଂ. eTender-CENTKUR-132-2025, ତା.24-06-2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଭୁବନେଶ୍ୱର ଅଧିକାର କ୍ଷେତ୍ର ଅଧୀନରେ ବିଭିନ୍ନ ସ୍ଥାନରେ ବିବିଧ P.WAY କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 180.90 ଲକ୍ଷ, EMD (₹) : 2,40,500.00 ।
3) ଟେଣ୍ଡର ସଂ. eTender-CENTKUR-133-2025, ତା.24-06-2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଅନୁଗୁଳ ଅଧିକାର କ୍ଷେତ୍ର ଅଧୀନରେ ବିଭିନ୍ନ ସ୍ଥାନରେ ବିବିଧ P.WAY କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 130.79 ଲକ୍ଷ, EMD (₹) : 2,15,400.00 ।
ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ)
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ସମସ୍ତ ଟେଣ୍ଡର ନିମନ୍ତେ) ତା.16.07.2025ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-322/Q/25-26

AFFIDAVIT
I, Gitanjali Pradhan, W/o.: Sridhar Mahatwo, Resident of Chhakadipur, PO.: Biribadi, P.S.: Tangi, PIN-752027, Dist.: Khordha, Odisha, declare by this affidavit No.: 15 dtd 02.07.2025 that now onwards I shall be known as **GITANJALI MAHATWA** for all future purposes.

ଶପଥ ପାଠ
ମୁଁ ଶ୍ରୀ ସଞ୍ଜୟ କୁମାର ଦାସ, ପିତା-ଜଗନ୍ନାଥ ଦାସ, ସା- ହଳଦିଆ, ପୋ-ତୀରଣ, ଥାନା-ତିର୍ତ୍ତୋଲ, ପିନ୍-754138, ଜିଲ୍ଲା-ଜଗତସିଂହପୁର, ମାନ୍ୟବର ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ତିର୍ତ୍ତୋଲ ନିକଟରେ ଶପଥ ପାଠ ଦ୍ୱାରା ଘୋଷଣା କରୁଅଛି ଯେ ମୋର ନାବାଳିକା କନ୍ୟା ସୁଚିସ୍ମିତା ଦାସ ର ନାମ ଭୁଲରେ ଆଧାରକାର୍ଡ ରେ ସୁଚିତ୍ରା ଦାସ ହୋଇ ଯାଇଛି, ସତ୍ୟପାଠ ନମ୍ବର-5048, ତା-01/07/2025 ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛି ଯେ ମୋର ଝିଅ ସୁଚିତ୍ରା ଦାସ ହିଁ ସୁଚିସ୍ମିତା ଦାସ, ଏଣିକି ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟ ରେ ମୋ ଝିଅ ସୁଚିସ୍ମିତା ଦାସ ଭାବେ ପରିଚୟ ହେବ।
ସଞ୍ଜୟ କୁମାର ଦାସ

NOTICE
(above 18 years of age)
By virtue of an affidavit sworn before Notary Public, Udala, Mayurbhanj, dated 26-06-2025, I, Lili Sing, Address At- Nahara, PO- Banakati, PS- Khunta, Dist-Mayurbhanj, Odisha, Pin-757019 declare that I have changed my name from Lulu Sing to Lili Sing Henceforth, I shall be known as Lili Sing for all purposes.
Lili Sing

AFFIDAVIT
By virtue of an affidavit No.: 59 dt 04/07/2025 sworn before the Executive Magistrate, Bhubaneswar, I Rakesh Kumar Sahoo, S/o.: Late Rabindra Kumar Sahoo, resident of Plot No.: 2223, Jagannath Matha Lane, Old Town, P.S.: Shree Lingaraj, Bhubaneswar, PIN-751002, Odisha declare that I have changed my name from Kapilendra Sahoo to Rakesh Kumar Sahoo. Henceforth I shall be known as **Rakesh Kumar Sahoo** for all purposes.

AFFIDAVIT
By virtue of an affidavit before the Notary Public, Kesinga, I, Sarita Devi Agarwal, W/o- Subash Chandra Agrawal Resident of Kesinga, Ward No.9, Po/Ps: Kesinga, Dist.: Kalahandi, Odisha declare by this affidavit no-51, Dated 02/07/2025 that now onwards I shall be known as **Sarita Agrawal** for all future purposes.
Sarita Agrawal

AFFIDAVIT
By virtue of an affidavit sworn before The Notary Public, Swampatna, Keonjhar on dated- 04/01/2025. I, **Chhotaray Mahanta,** aged about 32 years, S/o Dibakar Mahanta, resident of At-Musanali, PO- Mushakhori, PS-Patna, Dist- Keonjhar, Odisha declare that I have changed my minor daughter's name from **Damayanti Mahanta** (old name) To **Debasmita Mahanta** (new name). Henceforth, she shall be known as **Debasmita Mahanata** (new name) for all future purposes.
Sd/- Chhotaray Mahanta

AFFIDAVIT
I, Madhusudan Agrawal, H/o- Pushpa Devi Singhania , resident of Ward No. 20, Main Road, Marwaripara, PO/PS/Dist- Jharsuguda, Odisha, PIN- 768201 declared by this affidavit No. 01, dtd- 03/07/2025 that now onwards I shall be known as **MADHUSUDAN SINGHANIA** for all future purposes.

ସକାଳ THE SAKALA



### ମେଗା ପାନୀୟଜଳ ପ୍ରକଳ୍ପ ବିରୁଦ୍ଧରେ କ୍ଷତିପୂରଣ ଅର୍ଥ ହଡ଼ପ ଅଭିଯୋଗ

# ମାସେ ମଧ୍ୟରେ କ୍ଷତିପୂରଣ ଦେବାକୁ କମ୍ପାନୀର ପ୍ରତିଶ୍ରୁତି

ମାଳିପୁର,୪।୭ (ସମିସ):

ପ୍ରତି ଘରକୁ ପାନୀୟଜଳ ଯୋଗାଣ ପାଇଁ ସରକାର ମେଗା ପାନୀୟଜଳ ପ୍ରକଳ୍ପ ଆରମ୍ଭ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ଯୋଜନାରେ କାମ କରିବା ପାଇଁ ଲକ୍ଷ୍ମୀ ସିଭିଲ ଇଞ୍ଜିନିଅରିଂ ପ୍ରାଇଭେଟ ଲିମିଟେଡ଼ ସରକାରଙ୍କ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛି। ପ୍ରକଳ୍ପ ଆରମ୍ଭରୁ ଏହି କାମରେ ଅନେକ ଅନିୟମିତତା ପରିଲକ୍ଷିତ ହେଉଛି। ଚୁକ୍ତିନାମା ସ୍ୱାକ୍ଷର କରିଥିବା ଲକ୍ଷ୍ମୀ ଇଞ୍ଜିନିଅରିଂ ନିଜେ କାମ ନ କରି ଛୋଟ ଠିକାଦାରଙ୍କୁ ଦେଇ କାମ କରାଉଥିବା ନଜରକୁ ଆସୁଛି। ପ୍ରକଳ୍ପ କାମ ଆରମ୍ଭ ହେବା ଦିନରୁ ଏଜେନ୍ସି ବିରୁଦ୍ଧରେ ଧୀରେ ଧୀରେ ଅଭିଯୋଗ ବଢ଼ିବାରେ ଲାଗିଛି। କମ୍ପାନୀ ଯେଉଁ ଛୋଟ ଛୋଟ ଠିକାଦାରଙ୍କୁ ମାଟି ଖୋଳି ପାଇପ ବିଛାଇବା ପାଇଁ ଦାୟିତ୍ୱ ଦେଇଛନ୍ତି, ସେମାନେ ତାଙ୍କର ମନୋମୁଖୀ କାମ କରୁଛନ୍ତି। ସରକାରୀ ନିର୍ଦ୍ଦେଶନାମା ବେଖାତିର କରି ଅଧିକାଂଶ ଜାଗାରେ ରାସ୍ତାକୁ ଜେସିବିରେ ତାଡି ନଷ୍ଟ କରିଦେଇଛନ୍ତି। ଗ୍ରାମାଞ୍ଚଳ କିମ୍ବା ଜନବସତି ଅଞ୍ଚଳରେ ବିଛା ଯାଉଥିବା ତିନି ଇଞ୍ଚ ବିଶିଷ୍ଟ ପାଇପ ପାଇଁ ସର୍ବାଧିକ ୬ ଇଞ୍ଚ ଚଉଡ଼ାର ଗାତ ଶ୍ରମିକ ଲଗାଇ ବ୍ରେକର ଯୋଗେ ଢ଼କେଇ ରାସ୍ତା ଖୋଳା ଯିବା କଥା। ଯେଉଁ ବିଭାଗର ରାସ୍ତା ଖୋଳାଯିବ କିମ୍ବା କ୍ଷତିଗ୍ରସ୍ତ ହେବ, ସମ୍ପୃକ୍ତ ବିଭାଗରୁ ଅନୁମତି ନିହାତି ଆବଶ୍ୟକ। ତତସହିତ ଭବିଷ୍ୟତରେ ରାସ୍ତା ଓ ପାଇପକୁ ଯେପରି କୌଣସି ପ୍ରକାର କ୍ଷତି ନ ପହଞ୍ଚିବ ସେଥିପାଇଁ ରାସ୍ତା ଧାରରୁ ଯଥେଷ୍ଟ ଦୂରତା ଛାଡି ପାଇପ ବିଛାଇବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଜନସାଧାରଣଙ୍କ ଯାତାୟତରେ ଯେପରି କୌଣସି ଅସୁବିଧା ନ ହେବ, ସେଥିପାଇଁ କାର୍ଯ୍ୟ ସମାପ୍ତି ପରେ ଯଥାଶୀଘ୍ର ମରାମତି କରିବା କଥା। କିନ୍ତୁ ଠିକାଦାର ଅଧିକ ଲାଭ ପାଇବା ଆଶାରେ ଯେସିବି ସାହାଯ୍ୟରେ ରାସ୍ତା ତାଡ଼ି ସମ୍ପୂର୍ଣ୍ଣ ନଷ୍ଟ କରି ଛାଡ଼ି ଚାଲିଯାଉଛନ୍ତି। ଯଦ୍ୱାରା ଜନସାଧାରଣ ବର୍ଷାଧିକ କାଳ ଯାତାୟାତରେ ଦୁର୍ଦ୍ଦଶା ଭୋଗୁଛନ୍ତି। ଅନ୍ୟପକ୍ଷରେ ବ୍ୟକ୍ତିଗତ ଜମିରେ ମାଟି ଖୋଳାଯାଇ ପାଇପ୍ ବିଛାଯାଇଥିବା ମାଲିକଙ୍କୁ କ୍ଷତିପୂରଣ ଦିଆଯିବାକୁ ନିୟମ ଥିଲେ ହେଁ କମ୍ପାନୀ କ୍ଷତିପୂରଣ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ହେବା ପରେ କମ୍ପାନୀ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଯଦି କାହାର ବ୍ୟକ୍ତିଗତ ଜମିରେ ମାଟି ଖୋଳା ହୋଇ ପାଇପ ବିଛାଯାଏ, ତେବେ ପାଇପ ବିଛାଇବା ପୂର୍ବରୁ ଜମି ମାଲିକଙ୍କୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କ୍ଷତିପୂରଣ ପ୍ରଦାନ କରାଯିବ। କିନ୍ତୁ ଅଭିଯୋଗ ଅନୁସାରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁରଠାରୁ ସଂସାରଫଳ ପର୍ଯ୍ୟନ୍ତ ଯେଉଁ ପାଇପ ଲାଇନ ବିଛାଯାଇଛି, ସେଥିରେ ଅନେକ ଜମି ମାଲିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଚାଷୀଙ୍କୁ ମିଳିବାକୁ ଥିବା କ୍ଷତିପୂରଣ ଅର୍ଥକୁ କମ୍ପାନୀ ଜମି ମାଲିକଙ୍କୁ ପ୍ରଦାନ ନ କରି ହଡ଼ପ କରି ନେଇଥିବା ଅଭିଯୋଗ ଆସିଛି। କାମ ଆରମ୍ଭ ସମୟରେ ଜମି ମାଲିକଙ୍କୁ ଖୁବ୍‌ଶୀଘ୍ର କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଠିକାଦାର ଓ କମ୍ପାନୀର ସାଇଟ ଇଞ୍ଜିନିୟର ପାଇପ ବିଛାଇ ଚାଲି ଯାଇଥିଲେ। ଦୀର୍ଘଦିନ ବିତିଯାଇଥିଲେ ବି ଜମି ମାଲିକ କ୍ଷତିପୂରଣ ନ ପାଇ ହତାଶ ହୋଇପଡ଼ିଥିଲେ। କିଛି ଦିନ ତଳେ ଆବଶ୍ୟକ ପଡ଼ିବାରୁ ମରାମତି ପାଇଁ ପୁନଶ୍ଚ କମ୍ପାନୀର କର୍ମଚାରୀ ଆସି ମାଳିପୁର ଛକ ନିକଟରେ ଜମି ଖୋଳୁଥିବାବେଳେ ଜମି ମାଲିକମାନେ ପହଞ୍ଚି କାମ ବନ୍ଦ କରିବା ସହିତ କ୍ଷତିପୂରଣ ଦାବି କରିଥିଲେ। କାମ କରିବାକୁ ଆସିଥିବା ଜେସିବି ଡ୍ରାଇଭର ବାଧ୍ୟ ହୋଇ କାମ ବନ୍ଦ କରି ଚାଲିଯାଇଥିଲେ। ଜମି ମାଲିକଙ୍କୁ କାହିଁକି କ୍ଷତିପୂରଣ ଦିଆଯାଇନାହିଁ ବୋଲି ରାଜନଗର ଆର୍‌ଡବ୍ଲ୍ୟୁଏସଏସ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଓ ମେଗା ପାନୀୟ ଜଳ ପ୍ରକଳ୍ପର ସାଇଟ୍ ଇଞ୍ଜିନିୟରଙ୍କୁ ପଚାରିବାରୁ ଆଗରୁ ଥିବା ସାଇଟ୍ ଇଞ୍ଜିନିୟର କାଗଜ ପତ୍ର କାମ ଭୁଲ କରି କାମ ଛାଡି ପଳାଇ ଯାଇଛନ୍ତି। ଆମେ ତାକୁ ସୁଧାରିବାକୁ ଚେଷ୍ଟା ଚଳାଇଛୁ ଓ ମାସେ ଭିତରେ ଆମେ ଚାଷୀଙ୍କ କ୍ଷତି ପୂରଣ ପ୍ରଦାନ କରିବୁ ବୋଲି ଉତ୍ତର ଦେଇଛନ୍ତି।



### ଓଡ଼ିଶାରେ ଏମଏସଏମଇର ରପ୍ତାନୀ ସୁଯୋଗ

# ବିକ୍ରେତା ଗତିଶୀଳତା ଅଭିଯାନ ଓ ଜ୍ଞାନ ବିନିମୟ କର୍ମଶାଳା




ପାରାଦୀପ,୪।୭ (ସମିସ): ଓଡ଼ିଶାରେ ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)ର ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ବୃଦ୍ଧି କରିବା ପାଇଁ ପ୍ରମୁଖ ପ୍ରୟାସ ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), ଜଗତସିଂହପୁର ଓ ଓଡ଼ିଶା ସରକାରଙ୍କ ରପ୍ତାନୀ ପ୍ରୋତ୍ସାହନ ଓ ମାର୍କେଟିଂ ନିର୍ଦ୍ଦେଶାଳୟ (ଡିଇପିଏମ)ର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ପାରାଦୀପର ହୋଟେଲ ଏମ୍ପାୟାର୍ସଠାରେ ରାଇଜିଂ ଆଣ୍ଡ ଆସେଲରଟିଂ ଏମଏସଏମଇ ପରଫର୍ମାନ୍ସ (ଆରଏଏମପି) ଯୋଜନା ଅଧୀନରେ ବିକ୍ରେତା ଗତିଶୀଳତାଅଭିଯାନ ଓ ଜ୍ଞାନ ବିନିମୟ କର୍ମଶାଳା ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଲେ, ଏମଏସଏମଇଗୁଡ଼ିକୁ ପ୍ରୋତ୍ସାହନ ଦେବା ଓ ଏହି କ୍ଷେତ୍ରରେ ରପ୍ତାନୀ ସମ୍ଭାବନାକୁ ଉନ୍ମୋଚନ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ରାଜ୍ୟ ତଥା ଜିଲ୍ଲାର ଶିଳ୍ପ ସମ୍ଭାବନାକୁ ସୁଦୃଢ଼ କରିବା ସହ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଏଏସଏମଇର ସେକ୍ରେଟାରୀ ଜେନେରାଲ ସାତ୍ତ୍ୱିକ ସ୍ୱାଇଁ, ବନ୍ଦର ପକ୍ଷରୁ ଟ୍ରାଫିକ ମ୍ୟାନେଜର ଜି ଏଡିସନ୍, ଇଫକୋ ୟୁନିଟ୍ ହେଡ୍ ପିକେ ମହାପାତ୍ର, ଡିଇପିଏମର ଯୁଗ୍ମନିର୍ଦ୍ଦେଶକ ଅଭିମନ୍ୟୁ ମାଝୀ ପ୍ରମୁଖ ଯୋଗଦେଇ ରପ୍ତାନୀ ପ୍ରୋତ୍ସାହନ, ଲଜିଷ୍ଟିକ୍ସ ସପୋର୍ଟ ଓ ଆର୍ଥିକ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଉପସ୍ଥିତ ଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ରପ୍ତାନି ସୁଯୋଗ ଖୋଜୁଥିବା ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବୈଷୟିକ ଅଧିବେଶନ ହୋଇଥିଲା। ରିସୋର୍ସ ପର୍ସନ ଭାବେ ଏଫଆଇଇଓର ଓଡ଼ିଶା ମୁଖ୍ୟ କମଳକାନ୍ତ ସାହୁ ରପ୍ତାନି ବୃଦ୍ଧି, ଆବଶ୍ୟକ ରପ୍ତାନି ପ୍ରୋତ୍ସାହନ, ମାର୍କେଟିଂ ଓ ବ୍ରାଣ୍ଡିଂ, ବିଶ୍ୱ ବଜାର ଗତିଶୀଳତା, ଡିଜିଟାଲ୍ ଉପକରଣ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ଅଲଟ୍ରା ଲଜିଷ୍ଟିକ୍ସର ସିଇଓ ସଞ୍ଜୟ ପ୍ରଧାନ ଯୋଗାଣ ଶୃଙ୍ଖଳକୁ ସର୍ବାଧିକ ଉପଯୋଗ କରିବା, ପରିବହନ ପ୍ରକ୍ରିୟା ଓ ପ୍ରଯୁକ୍ତି ବିଦ୍ୟାକୁ ଉପଯୋଗ କରିବା ବିଷୟରେ ଆଲୋଚନା କରିଥିଲେ। ଇସିଜିସି ଲିମିଟେଡର ଶାଖା ପରିଚାଳକ ପ୍ରଣବ କୁମାରଙ୍କ ଦ୍ୱାରା ରପ୍ତାନି କ୍ରେଡିଟ୍, ବିପଦ ପରିଚାଳନା, ରପ୍ତାନି କ୍ରେଡିଟ୍ ବୀମା ଓ ଆର୍ଥିକ ପ୍ରବେଶ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିଲା। ଜଗତସିଂପୁର ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ତରୁଣକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟର ଭୂମି ପୂଜନ

ପାରାଦୀପ,୪।୭ (ସମିସ): ଆଜି ପାରାଦୀପ ବନ୍ଦର ପକ୍ଷରୁ ଐତିହାସିକ ପ୍ରକଳ୍ପ କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟର ଭୂମିପୂଜନ କରାଯାଇଛି। ବନ୍ଦର ଅଧ୍ୟକ୍ଷ ପିଏଲ ହରନାଧ ଯୋଗଦେଇ ଭୂମିପୂଜନ କରିଥିଲେ। ଇଣ୍ଡିଆନ ପୋର୍ଟ ରେଲ ଓ ରୋପୱ କର୍ପୋରେସନ ଲିମିଟେଡ଼ର ବରିଷ୍ଠ ଅଧିକାରୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟକୁ ନୂତନ ସ୍ଥାପତ୍ୟ ଓ ଜଳବାୟୁ ସ୍ଥିରତା ଢଙ୍ଗରେ ତିଆରି କରାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଯେଉଁଥିରେ ଏହାର ଆକାର ଏକ ବିଶାଳ ମାଛ ସଦୃଶ୍ୟ ରହିବ। ଓଡ଼ିଶାର ବିବିଧ ଜଳବାୟୁ ପରିସ୍ଥିତିକୁ ସହ୍ୟ କରି ୮ ଡିଗ୍ରୀ ତାପରୁ ୪୫ ଡିଗ୍ରୀ ତାପ ପର୍ଯ୍ୟନ୍ତ ସହ୍ୟ କରିବାକୁ ସଂଗ୍ରହାଳୟକୁ ଦୃଢ ଓ ମଜବୁତ କରାଯିବ। ଘଣ୍ଟାକୁ ୨୮୦ କିଲୋମିଟର ଘୂର୍ଣ୍ଣିଝଡ ସହ୍ୟ କରିବାକୁ ଏହା ମଧ୍ୟ ସକ୍ଷମ ହେବ। ପାରାଦୀପ ବନ୍ଦରରେ ଏହି ସଂଗ୍ରହାଳୟ ଏକ ପ୍ରମୁଖ ସାଂସ୍କୃତିକ ଓ ଶିକ୍ଷାଗତ ସ୍ଥଳ ଭାବେ ପରିଗଣିତ ହେବ।



## ମୁଖ୍ୟମନ୍ତ୍ରୀ ସଡ଼କ ରାସ୍ତା ଶୋଚନୀୟ



ରାଜକନିକା, ୪।୭ (ସମିସ): ୨୦୧୫ରେ ରାଜକନିକା ବ୍ଲକ ଗଞ୍ଜା ଗ୍ରାମରୁ ବଳରାମପୁର ଲକ୍ଷ୍ମୀନାରାୟଣ ମନ୍ଦିର ଯାଏ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା। ଅତ୍ୟନ୍ତ ତରବରିଆ ଭାବେ କାମ କରି ଠିକାଦାର ପୂରା ବିଲ୍ ଉଠାଇ ନେଇଛନ୍ତି। ଠିକାଦାର ଏଗ୍ରିମେଣ୍ଟ ଅନୁସାରେ ସେହି ରାସ୍ତାକୁ ତଦାରଖ କରିବା କଥା। ତେବେ ସେତେବେଳେ ଏହି ରାସ୍ତାର ମରାମତି କାମ ଦରକାର ଥିବାବେଳେ ତାହା ନ କରି ଠିକାଦାର ଛୁ ମାରିଲେ। ଏହି ରାସ୍ତାରେ କାର୍ତ୍ତିକ ସାହୁଙ୍କ ଘର ପାଖରେ ଏବେ ଆଣ୍ଠୁଏ ଖାଲ ହୋଇ ପାଣି ଜମି ରହିଛି। ବଳରାମପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ଏହି ରାସ୍ତା ଉପରେ ଲୋକେ ନିର୍ଭର କରିଥିବାବେଳେ ଏବେ ଏହା ଶୋଚନୀୟ ହୋଇପଡ଼ିଛି। ଓଳାଭର ଅଞ୍ଚଳ ପ୍ରତି ସରକାରୀ ଉଦାସୀନତାର ନଗ୍ନ ନମୁନା ଏଠି ଜଳ ଜଳ ହୋଇ ଦିଶୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ଏହି ରାସ୍ତା ଅବସ୍ଥା ଏବେ ବେହାଲ ବୋଲି ରଞ୍ଜୁ ସାମଲ କହିଛନ୍ତି। ଏହି ରାସ୍ତା ନିର୍ମାଣ ପରେ ଜନସାଧାରଣଙ୍କ ପାଇଁ ଓଳାଭର ବଜାର ନିକଟ ହୋଇଥିବାରୁ ଦୈନିକ ଏହି ରାସ୍ତା ଦେଇ ଶହ ଶହ ଲୋକ ଓ ଛାତ୍ରଛାତ୍ରୀ ଯାତାୟାତ କରିଥା'ନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନାର ରାସ୍ତା ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ପଞ୍ଚାୟତ ଉନ୍ନତିକରଣ ସୂଚକାଙ୍କ କର୍ମଶାଳା

ପଟ୍ଟାମୁଣ୍ଡାଇ, ୪।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକରେ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ କରି ତୃଣମୂଳ ସ୍ତରରେ ଥିବା ହିତାଧିକାରୀଙ୍କୁ ଯୋଜନାର ସୁଫଳ ପହଞ୍ଚାଇବା ସହିତ ପଞ୍ଚାୟତ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପଞ୍ଚାୟତ ଉନ୍ନତିକରଣ ସୂଚକାଙ୍କ ୨.୦ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବିଡିଓ ଅଶୋକ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାକୁ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ ଉଦଘାଟନ କରି ପଞ୍ଚାୟତ ସ୍ତରରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ସାମାଜିକ ସୁରକ୍ଷା, ଉତ୍ତମ ପରିବେଶ ଯୋଗାଇ ଦେବାକୁ ସରକାର ବିଭିନ୍ନ ଜନକଲ୍ୟାଣ ଯୋଜନା ପ୍ରଣୟନ କରିଛନ୍ତି। ଏସବୁର ସୁଫଳ ପ୍ରତ୍ୟେକ ଲୋକଙ୍କୁ ଯୋଗାଇ ଦେବା ଜନପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ଦାୟିତ୍ୱ ନେଇ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ବେଳେ ମହିଳା ଓ ଶିଶୁମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ସନ୍ତୋଷ ମନ୍ତ୍ରୀ, ଜିପିଡିଓ ରଂଜିତ ପରିଡା, ସିପି ପ୍ରିୟରଞ୍ଜନ ସ୍ୱାଇଁ ଯୋଗଦେଇ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏସଆଇଆରଡି ତାଲିମପ୍ରାପ୍ତ ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ବିଭିନ୍ନ ବିଭାଗର ସୂଚକାଙ୍କ ପୂରଣ କରି ଶ୍ରେଷ୍ଠ ପଞ୍ଚାୟତ ଓ ୱାର୍ଡ ଗଠନ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଦିହୁଡିପୁର ସରପଞ୍ଚ ନରେଶ ମଲିକ, ବାଛରା ସରପଞ୍ଚ ରଂଜିତା ସାହୁ, ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ଚନ୍ଦନନଗର ସରପଞ୍ଚ ବନୋଜ ସେଠୀ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ନିର୍ବାହୀ ଅଧିକାରୀ, ଏଡିଇଓ, ଜିଆରଏସ., ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ସମସ୍ତ ଲାଇନ ଡିପାର୍ଟମେଣ୍ଟର କ୍ଷେତ୍ରିୟ କର୍ମଚାରୀ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଯୋଗ ଦେଇଥିବା ରିସୋର୍ସ ପର୍ସନ ବିଭିନ୍ନ ଇଣ୍ଡେକ୍ସ ଉପରେ ଆଲୋଚନା କରିଥିଲେ। କର୍ମଶାଳାକୁ ପିଇଓ ପ୍ରଭାତ ମଲ୍ଲିକ, ଜ୍ୟୋତି ରଞ୍ଜନ ସାମଲ, ସର୍ବେଶ୍ୱର ବରାଳ, ଅନନ୍ତ ବିଶ୍ୱାଳ, ଅଲେଖ ସେଠୀ, ଯୁଧିଷ୍ଠିର ନାୟକ ପ୍ରମୁଖ ପରିଚାଳନା କରିଥିଲେ।




### ଅସ୍ୱାସ୍ଥ୍ୟକର ପରିବେଶରେ ଗୋବିନ୍ଦପୁର ବିଦ୍ୟାଳୟ

# ଖବର ପ୍ରସାରଣ ପରେ ବିଡିଓଙ୍କ ସ୍କୁଲ ପରିଦର୍ଶନ

ରାଜକନିକା,୪।୭ (ସମିସ):

ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଗୋବିନ୍ଦପୁର ବିଦ୍ୟାଳୟର ୧୯୪ ଜଣ ଛାତ୍ରଛାତ୍ରୀ ପଢ଼ୁଥିବା ଖବର ପ୍ରସାରଣ ପରେ ଆଜି ରାଜକନିକାର କାମଚଳା ବିଡ଼ିଓ ସ୍କୁଲ ପରିଦର୍ଶନ କରିଛନ୍ତି। ତେବେ ସ୍କୁଲ ଭିତ୍ତିଭୂମିରେ ବିଶେଷ ଭାବେ ବର୍ଷାପାଣି ନିଷ୍କାସନ ହୋଇ ପାରୁ ନ ଥିବା ଦେଖି ଏହାର ତୁରନ୍ତ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଗୋବିନ୍ଦପୁର ୟୁଜିୟୁପି ସ୍କୁଲର ପରିବେଶରେ ସାମାନ୍ୟ ଉନ୍ନତି ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୋଟିଏ ଟ୍ରିପ ଡଷ୍ଟ ପକାଇଥିଲେ ବି ତାହା ପର୍ଯ୍ୟାପ୍ତ ହୋଇନାହିଁ। ୧୯୪ ଜଣ ଛାତ୍ରଛାତ୍ରୀ ଦୈନିକ ପାଣି କାଦୁଅରେ ପଶି ସ୍କୁଲକୁ ଯିବା ଏବଂ ସ୍କୁଲ ଚାରିପାଖରେ ପାଣି ଜମି ରହି ପାଣି ପଚପଚ ଅବସ୍ଥାରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ପାଠ ପଢିବା ଭଳି ଘଟଣା ଦୀର୍ଘ ବର୍ଷ ହେବ ଲାଗି ରହିଥିଲେ ବି ବଳରାମପୁର ସରପଞ୍ଚ, ବିଇଓ ଓ ବ୍ଲକ ପ୍ରଶାସନ କେହି ବି କିଛି ଶୁଣି ନ ଥିଲେ।



ପିଲାଙ୍କ ଭବିଷ୍ୟତ ଗଠନକୁ ଅଧିକ ସୁଖଦ କରିବାକୁ ସରକାର ସବୁ ପ୍ରକାର ସୁବିଧା ଯୋଗାଇ ଦେବା କଥା ଡିଣ୍ଡିମ ପିଟୁଥିବାବେଳେ ଗୋବିନ୍ଦପୁର ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ କ୍ଷୋଭକୁ ପ୍ରଶମିତ କରିବାକୁ ବ୍ଲକ ପ୍ରଶାସନ ପହଞ୍ଚି ଏହାର ସମାଧାନ ପାଇଁ ଉଦ୍ୟମ କରିବା ଖବର ପରେ ସାତଘରିଆ, ଇଚ୍ଛାପୁର ଓ ଗୋବିନ୍ଦପୁର ଆଦି ଗାଁର ଅଭିଭାବକ ଆଶ୍ୱସ୍ତ ହୋଇଛନ୍ତି। ଉପରୋକ୍ତ ତିନି ଗାଁର ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ଯାଏ ୧୯୪ ଜଣ ଛାତ୍ରଛାତ୍ରୀ ପଢ଼ୁଥିବା ଏହି ବିଦ୍ୟାଳୟର ରାସ୍ତା ଓ ପରିବେଶ ଅତ୍ୟନ୍ତ କଦର୍ଯ୍ୟ ଓ ଅସ୍ୱାସ୍ଥ୍ୟକର ପରିବେଶ ଥିବାରୁ ଏଥିପାଇଁ ଶିକ୍ଷାବିଭାଗ ଚିନ୍ତା ନ କରିବା ପରେ ଆଜି ବିଡିଓ ପହଞ୍ଚିବା ଦେଖି ଛାତ୍ରଛାତ୍ରୀ ସେମାନଙ୍କ ସମସ୍ୟାର ଅନ୍ତ ହେବ ବୋଲି ଆଶା କରିଛନ୍ତି।

## ଡେରାବିଶ ହାଇସ୍କୁଲରେ ପୁଲିସ୍ କ୍ୟାଡେଟ୍ ସଚେତନତା

ଡେରାବିଶ, ୪।୭ (ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ହାଇସ୍କୁଲରେ ଗୁରୁବାର ପୁଲିସ୍ କ୍ୟାଡେଟ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ତଥା ଶିକ୍ଷାବିତ୍ ଶୁସାନ୍ତ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଚିତ୍ତରଞ୍ଜନ କର ଓ ଶିକ୍ଷୟିତ୍ରୀ ଟିକିଲି ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଡେରାବିଶ ଥାନା ଅଧିକାରୀ ସରୋଜ କାନ୍ତ ସାହୁ ଯୋଗ ଦେଇ ଟ୍ରାଫିକ ନିୟମ, ସାଇବର ଠକେଇ, ବାଲ୍ୟ ଅପରାଧ, ନାବାଳକ ମୋଟର ବାଇକ ଚଳାଇଲେ ସେମାନଙ୍କ ପ୍ରତି ହେଉଥିବା ଦଣ୍ଡବିଧି ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇ କହିଥିଲେ। ଶେଷରେ ଶିକ୍ଷକ ପ୍ରିୟଦର୍ଶୀ ଗଗନ ବିହାରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ପରେ ଛାତ୍ରଛାତ୍ରୀ ଡେରାବିଶ ଥାନା ପରିସରକୁ ଯାଇ ସେଠାକାର ପରିବେଶ ଓ ବିଧି ବ୍ୟବସ୍ଥା ସମ୍ପର୍କରେ ବୁଲି ଦେଖିଥିଲେ।




## ସତ୍ୟସାଇ ସେବା ସମିତି ପକ୍ଷରୁ ଚାରାରୋପଣ



ମାଳିପୁତ୍ର, ୪।୭ (ସମିସ): ବିଶ୍ୱରେ ଜଳବାୟୁ ଓ ପରିବେଶ ପରିବର୍ତ୍ତନକୁ ଲକ୍ଷ୍ୟ ରଖି ଏବେ ବିଭିନ୍ନ ଅନୁଷ୍ଠାନ ଗଛ ଲଗାଇ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେବା ସହିତ ବୃକ୍ଷ ପ୍ରତି ଯତ୍ନବାନ ହେଉଛନ୍ତି। ସେହିପରି ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ମଧ୍ୟ ବର୍ଷାଦିନେ ବୃକ୍ଷରୋପଣ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଶାସନ ପଞ୍ଚାୟତର ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ପ୍ରେମତରୁ ରୋପଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସେବା ସମିତି ସଦସ୍ୟ ଉପସ୍ଥିତ ରହି ରାସ୍ତା ପାଶ୍ୱର୍ରେ ଶତାଧିକ ଚାରା ରୋପଣ କରିଥିଲେ। ଆଗାମୀ ଦିନରେ ବୃକ୍ଷଗୁଡିକୁ ବଞ୍ଚାଇ ରହିବାକୁ ଯତ୍ନବାନ ହେବେ ବୋଲି ଶପଥ ଗ୍ରହଣ କରିଥିଲେ।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ବନ ମହୋତ୍ସବ

ପଟ୍ଟାମୁଣ୍ଡାଇ, ୪।୭ (ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଶ୍ରୀରାମପୁର ଓ ଅଠରବାଟିଆଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ସମିତି ଅଧ୍ୟକ୍ଷା ତଥା ସିନିଅର ସିଭିଲ ଜଜ ଅପୂର୍ବା ଚୌଧୁରୀଙ୍କ ପୌରୋହିତ୍ୟରେ ଶ୍ରୀରାମପୁର ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ଓ ଅଠରବାଟିଆ ବ୍ରଜମହାକାଳୀ ଉଚ୍ଚବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିଭିଲ ଜଜ ବିଦ୍ୟୁତଲତା ପ୍ରଧାନ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ସୁରେଶ କୁମାର ନରେନ୍ଦ୍ର, ପ୍ୟାନେଲ ଆଡଭୋକେଟ ଧୀରେନ୍ଦ୍ର ନାଥ ସାହୁ, ବରିଷ୍ଠ ଆଡଭୋକେଟ ପ୍ରତାପ କୁମାର ପୃଷ୍ଟି, ହୃଦାନନ୍ଦ ମହାନ୍ତି, ରିଟେନର ଗୀତାଞ୍ଜଳି ପୃଷ୍ଟି, ଭବାନୀ ଶଙ୍କର ପଣ୍ଡା, ବିଶ୍ୱନାଥ ରାଉତ, ଶ୍ରୀରାମପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ ସାହୁ, ଅଠରବାଟିଆ ବଜ୍ର ମହାକାଳୀ ହାଇସ୍କୁଲ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅନୁସୟା ମିଶ୍ର, ଅମରେନ୍ଦ୍ର ରାଉତ, ରାଜନାରାୟଣ ସାମନ୍ତରାୟ, ଅପର୍ଣ୍ଣା ସାମଲ, ମୋହନ ଦାଶ, ଆଡ଼ମିରାଲ ଅମିତ ସିଂହ, ଉଭୟ ହାଇସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।




## ଡେରାବିଶ ମହାବିଦ୍ୟାଳୟରେ ଜାତୀୟ କର୍ମଶାଳା




ଡେରାବିଶ, ୪।୭ (ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ସହାୟତାରେ ଆଇକ୍ୟୁଏସି ପକ୍ଷରୁ 'Date to Dissertation with Qualitative Approaches for Student Projects' ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଜନେସ୍ ଆଡମିନିଷ୍ଟ୍ରେସନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଶାରଦା ପ୍ରସାଦ ସାହୁ, ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଷ୍ଟାଟିଷ୍ଟିକ୍ସ ଆଣ୍ଡ ଆପ୍ଲାଏଡ଼ ମାଥମେଟିକସ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଭବାନୀ ଶଙ୍କର ମହାନ୍ତି ଓ ଉତ୍କଳ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ପର୍ସନ ଡ. ମହମ୍ମଦ ଇମ୍ରାନ ଯୋଗ ଦେଇଥିଲେୟ। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟପ୍ରାପ୍ତି ପାଇଁ ପ୍ରାୟୋଜିତ କାର୍ଯ୍ୟର ଏକ ସମୟବଦ୍ଧ ଓ ସଂସାଧନର ସୀମିତ ପ୍ରୟାସ ହେଉଛି ପ୍ରକଳ୍ପ। ଏଥିପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବା ପାଇଁ ନୂତନ ପ୍ରତ୍ୟାଶାମୂଳକ ପ୍ରୟାସ ଆବଶ୍ୟକ। ସଂସାଧନ ସହିତ ସାଧନର ମଧ୍ୟ ଆବଶ୍ୟକତା ରହିଛି। ଗବେଷକ ହେବାକୁ ଉପଲବ୍ଧି ଦରକାର ଓ ଉଚ୍ଚତର ଜ୍ଞାନ ପାଇଁ ଅଧ୍ୟବସାୟ ଓ ଅର୍ନ୍ତଦୃଷ୍ଟିକାରକ ଭାବେ କାର୍ଯ୍ୟ କରେ ବୋଲି ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ବୃନ୍ଦାବନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇକ୍ୟୁଏସି କୋଡିନେଟର ଅଧ୍ୟାପକ ବିଶ୍ୱଜିତ ସାହୁ କାର୍ଯ୍ୟକ୍ରମର ଆବାହକ ଭାବେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଡ. ରୁଦ୍ରାଣୀ ପଟ୍ଟନାୟକ, ଡ. ଭାଗ୍ୟଲକ୍ଷ୍ମୀ ସାହୁ ଓ ଆକାଂକ୍ଷା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ନଗେନ୍ଦ୍ରନାଥ ପାଣି, ଗୁରୁଚରଣ ସେଠୀ, ରଘୁନାଥ ସାହୁ, ଡ. ସନ୍ଦୀପ ବଳ, ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ, ଅଧ୍ୟାପକ ଡ. କିଶୋର ଚନ୍ଦ୍ର ମଲ୍ଲିକ, ଜ୍ୟୋତିର୍ମୟ ବ୍ରହ୍ମା, ଷ୍ଟାଲିନ ଦିଗଲ, ଅଧ୍ୟାପିକା ଡ. ସୁଶ୍ରୀ ପଣ୍ଡା, ଶୁଭଶ୍ରୀ ପଣ୍ଡା, ସୁଭାସିନୀ ମିଶ୍ର, ପ୍ରଜ୍ଞା ରାଉତରାୟ, ବନିତା ମହାରଣା, ଶୁଭଶ୍ରୀ ବେହେରା ଏବଂ ଡେମୋନଷ୍ଟ୍ରେଟର ଶରତ ଚନ୍ଦ୍ର ରାଉତ, ସ୍ୱର୍ଣ୍ଣଲତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଶତବାର୍ଷିକୀ ପାଳିତ



ଡେରାବିଶ, ୪।୭ (ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଅକ୍ଷୟ କୁମାର ବଳଙ୍କ ତତ୍ତ୍ୱାବଧାନରେ ଭାରତ ବର୍ଷର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରବୀଣ ରାଜନେତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଶତବାର୍ଷିକ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ସମ୍ପର୍କରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ବିଚାରକ ଭାବେ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ, ଶାଶ୍ୱତୀପ୍ରଜ୍ଞା ସାହୁ, ଅଧ୍ୟାପକ ବରଦା ପ୍ରସାଦ ଜେନା, ଶଶୀଭୂଷଣ ଜେନା ଓ ବିଶ୍ୱରଞ୍ଜନ ମିଶ୍ର ଯୋଗଦେଇଥିଲେ। ଏହି ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ୱେତା ପ୍ରିୟଦର୍ଶିନୀ ରାଉତ, ନମ୍ରତା ରାଉତ ଓ ଜିଜ୍ଞା ପ୍ରିୟଦର୍ଶିନୀ ରାଉତଙ୍କୁ ଅଧ୍ୟକ୍ଷ ଶ୍ରୀ ବଳ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ପରିଚାଳନା କରିଥିଲେ।

# ସେବାୟତଙ୍କ ଘରେ ଫୁଟିଲା ବ୍ରହ୍ମକମଳ; ମହାପ୍ରଭୁଙ୍କୁ ଅର୍ପଣ



ପରଜଙ୍ଗ,୪।୭(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ହନୁମାନ ମନ୍ଦିର ମୁଖ୍ୟ ପୂଜକ ଶ୍ୱେତ ଦାସଙ୍କ ଘରେ ଗୁରୁବାର ରାତି ସାଢ଼େ ୮ଟାରେ ୫ଟି ବ୍ରହ୍ମକମଳ ଫୁଲ ଫୁଟିଛି। ପରଜଙ୍ଗ ଗ୍ରାମ ଚଉପାଢ଼ୀରେ ଅବସ୍ଥିତ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ବସନ୍ତ କୁମାର ଦାସଙ୍କ ଭାଇ ହେଉଛନ୍ତି ଶ୍ୱେତ। ବ୍ରହ୍ମକମଳ ଫୁଟିବା ପରେ ସେ ପୂଜାର୍ଚ୍ଚନା କରି ଫୁଲ ତୋଳିଥିଲେ। ଫୁଲକୁ ଥାଳିରେ ଧରି ନାମ ସଙ୍କୀର୍ତ୍ତନ, ହରିବୋଲ ହୁଳହୁଳି ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ସମାବେଶରେ ବଜାର ମଧ୍ୟରେ ରହିଥିବା ମାଉସୀ ମା' ମନ୍ଦିରକୁ ଆସି ସେଠାରେ ପୂଜା ପାଉଥିବା ମହାପ୍ରଭୁଙ୍କୁ ଅର୍ପଣ କରିଥିଲେ। ବ୍ରହ୍ମକମଳ ଫୁଲ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ସାଙ୍ଗକୁ ମାଉସୀ ମା' ମନ୍ଦିରରେ ଭିଡ଼ ଜମିଥିଲା। ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲ, ସର୍ବେଶ୍ୱର ଦଳବେହେରା, ଅଶୋକ କୁମାର ଦଳବେହେରା, ସୁବ୍ରତ କୁମାର ପରିଡ଼ା, ବିନୟ କୁମାର ଦଳବେହେରା ସମେତ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଠାକୁରଙ୍କୁ ଫୁଲ ଅର୍ପଣ ସମୟରେ ଉପସ୍ଥିତ ଥିଲେ। ସେହିପରି ଗତ ଏପ୍ରିଲ ମାସ ପଣା ସଂକ୍ରାନ୍ତି ଦିନ ଗ୍ରାମର ବିପିନ ବିହାରୀ ସାମଲଙ୍କ ଘରେ ଫୁଟିଥିବା ବ୍ରହ୍ମକମଳ ଫୁଲ ହନୁମାନଙ୍କ ନିକଟରେ ଅର୍ପଣ କରିଥିଲେ।

# ଶ୍ରୀ ଶ୍ରୀ ଧନଲକ୍ଷ୍ମୀଙ୍କ ପ୍ରତିଷ୍ଠା ଉତ୍ସବ



ଢେଙ୍କାନାଳ,୪।୭(ସମିସ): ସ୍ଥାନୀୟ ଜବାହାର ଚୌକସ୍ଥିତ ପୂଜା ମଣ୍ଡପରେ ଶ୍ରୀ ଶ୍ରୀ ଧନଲକ୍ଷ୍ମୀଙ୍କ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। ଷୋଡ଼ଶ ଉପଚାରରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଛି। କାକରା, ପୁଳି, ପିଠା, ଖିରି, ମିଠା, ଫଳମୂଳ ଆଦି ମା'ଙ୍କ ପୂଜା ପ୍ରତିଷ୍ଠାରେ ଲାଗି କରାଯାଇଥିଲା। ପୂଜକ ଲିଙ୍ଗରାଜ ପତିଶର୍ମା, କର୍ତ୍ତା ଦୀପକ କୁମାର ଦାସ ଓ ଅଞ୍ଜନା ଦାସ, ସଭାପତି ଅଶୋକ କୁମାର ସ୍ୱାଇଁ, ସମ୍ପାଦକ ନବୀନ ଦଳେଇ, ଅଧ୍ୟକ୍ଷ ନବୀନ ଚନ୍ଦ୍ର ନାରାୟଣ ଦାସ ଏବଂ ଜବାହର ଚୌକର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମା'ଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଗରୁ ମା'ଙ୍କୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରି ପୂଜା କରାଯାଉଥିଲା। ଆଜିଠାରୁ ମା' ତାଙ୍କ ନିଜ ସ୍ଥାନକୁ ଫେରି ସବୁଦିନ ପାଇଁ ପୁଣି ପୂଜା ପାଇବେ।

## ଦଳିତଙ୍କ ଉପରେ ଗୋରକ୍ଷା ବାହିନୀର ବର୍ବରତାକୁ ଦୃଢ଼ ନିନ୍ଦା

# ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଢେଙ୍କାନାଳ,୪।୭(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଖାରୀଗୁମା ଗ୍ରାମର ଦଳିତଙ୍କ ଉପରେ ଗୋରକ୍ଷା ବାହିନୀର ଅତ୍ୟାଚାର ଘଟଣାକୁ ଢେଙ୍କାନାଳ ଦଳିତ ଶୋଷଣ ମୁକ୍ତି ମଞ୍ଚ ଦୃଢ଼ ନିନ୍ଦା କରିବା ସହିତ ଗୁଣ୍ଡାମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହିଂସା ପୀଡ଼ିତ ବାବୁଲା ନାୟକ ଓ ବୁଲୁ ନାୟକଙ୍କ ଗାଁରେ ପୁଲିସ୍ କ୍ୟାମ୍ପ କରି ସେମାନଙ୍କ ମନରୁ ଭୟର ବାତାବରଣ ଦୂର କରିବା, ଆତ୍ମଘୋଷିତ ଗୋରକ୍ଷା ବାହିନୀକୁ ପୁଲିସ୍ ପ୍ରଶାସନ ପ୍ରୋତ୍ସାହନ ଦେବା ବନ୍ଦ କରିବା ଓ ଗୋରକ୍ଷକ ସଂଗଠନକୁ ବେଆଇନ୍ ଘୋଷଣା କରିବା, ଏଭଳି ଘଟଣାର ପୁନରାବୃତ୍ତିକୁ ରୋକିବା, ଦଳିତ ଆଦିବାସୀ ଏତଲାକାରୀମାନଙ୍କୁ ତୁରନ୍ତ ଏତଲା କପି ଦେବା, ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିବାରଣ ଆଇନ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା, ଦଳିତ ବିରୋଧୀଙ୍କ ଭିତରେ ଭୟ ସୃଷ୍ଟି କରିବାକୁ ଦଳିତ ନିର୍ଯାତନା ସମ୍ପର୍କିତ ଆଇନଗୁଡ଼ିକ ଥାନାମାନଙ୍କରେ ସୂଚନା ଫଳକ ମାଧ୍ୟମରେ ପ୍ରଦର୍ଶିତ କରିବା, ପୀଡ଼ିତ ପରିବାରକୁ ସର୍ବନିମ୍ନ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରାଯାଇଛି। ଦଳିତ ଶୋଷଣ ମୁକ୍ତି ମଞ୍ଚ ସଭ୍ୟମାନେ ମୁଖ୍ୟ ଡାକଘରଠାରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି ଦେଇଥିଲେ। ପରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଶ୍ରୀଧର ମଲ୍ଲିକ, ଅଭିମନ୍ୟୁ ମଳିକ, ରାମଚନ୍ଦ୍ର ମଲ୍ଲିକ, ପ୍ରମୋଦ ମଲ୍ଲିକ, ଗୋବିନ୍ଦ ମଳିକ, କାଜଲ ମଳିକ, ଦେବ ମଳିକ, ବିଷ୍ଣୁ ମଳିକ, ସଞ୍ଜୟ ମଳିକ ପ୍ରମୁଖଙ୍କ ସହ ସରୋଜ ଶତପଥୀ ଓ ସିପିଆଇଏମ ନେତା ସର୍ବଜ୍ଞ ସାହୁ ଉପସ୍ଥିତ ଥିଲେ।



■ ବିବାହ ଶୋଭାଯାତ୍ରା ବେଳେ ଅଘଟଣ

# ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ, ୫ ଗୁରୁତର



ଢେଙ୍କାନାଳ,୪।୭(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ତୁମୁସିଙ୍ଗା ଥାନା କଦଳୀପାଳ ଗ୍ରାମରେ ବିବାହ ଶୋଭାଯାତ୍ରା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଢେଙ୍କାନାଳ ସହର କୁଞ୍ଜକାନ୍ତ ଗୁଡ଼ିଆନାଳି ଅଞ୍ଚଳର ମଣ୍ଟୁ ଦେହୁରୀ (୩୦) ଏହି ଦୁର୍ଘଟଣାରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବାସ୍ତବପୁରର ମନୋଜ ବେହେରା, ଭୁବନ ଗୋରୋଡ଼ିଆ ଅଞ୍ଚଳର ସୁଶୀଲ ସାହୁ, ଢେଙ୍କାନାଳ କଣ୍ଟାନାଳି ଗ୍ରାମର ସାଜନ ନାଏକ, କଦଳୀପାଳ ଗ୍ରାମର ସୁନୀଲ ପଲେଇ ଓ କନ୍ତିଓକାଟେଣୀ ଗ୍ରାମର ନିଶିକାନ୍ତ ଦଳେଇ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।ଢେଙ୍କାନାଳରୁ ବରପକ୍ଷ କଦଳୀପାଳ ଗ୍ରାମକୁ ଆସିଥିବା ବେଳେ ଡିଜେ ସାଉଣ୍ଡର ତାର ୧୧ କେଭି ତାର ସଂସ୍ପର୍ଶରେ ଆସିବାରୁ ୬ ଜଣ ବରଯାତ୍ରୀ ଜଳିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରି ଅଲାଁବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମଣ୍ଟୁଙ୍କୁ ମୃତ ଘୋଷଣା କରିଥିଲେ।

# ପୀଡ଼ିତା ନାବାଳିକାଙ୍କ ପରିବାରକୁ ଭେଟିଲେ ସାଂସଦ

ହିନ୍ଦୋଳ,୪।୭(ସମିସ): ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ସରାସିଂହ ଗ୍ରାମର ପୀଡ଼ିତା ନାବାଳିକାଙ୍କ ପରିବାରକୁ ଭେଟି ସାଂସଦ ରୁଦ୍ରନାରାୟଣ ପାଣି ସ୍ୱାସ୍ଥ୍ୟାବସ୍ଥା ସହ ଭଲମନ୍ଦ ପଚାରି ବୁଝିଛନ୍ତି। ଢେଙ୍କାନାଳ ଏସ୍‌ପିଙ୍କ ସହ ଆଲୋଚନା କରି ଦୋଷୀକୁ କଠୋର ଦଣ୍ଡବିଧାନ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ପୀଡ଼ିତା ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ପରେ ହାତୁରାରେ ପହଞ୍ଚି ଲୋକଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସେଗୁଡ଼ିକର ତ୍ୱରିତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ବିଜେପି ନେତା ତପନ ମହାପାତ୍ର, ଭାସ୍କର ଚନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ ପ୍ରବୋଧ ପ୍ରଧାନ, ଗିରୀଶ ସେଠୀ, ସୁଜିତ ଜେନା, ପ୍ରଶାନ୍ତ ସାମଲ, ରୁନା ସାହୁ, ଧରଣୀଧର ପାଳ ପ୍ରମୁଖ ଉପସ୍ଥିତ ଥିଲେ।



# ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାରୁ ଭିନ୍ନକ୍ଷମ ଛାତ୍ର ବଞ୍ଚିତ

■ ଜିଲ୍ଲାପାଳଙ୍କୁ ଭେଟିଲେ ପରିବାର ସଦସ୍ୟ



ଢେଙ୍କାନାଳ,୪।୭(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସିମିନଇ ଗ୍ରାମର ଜଣେ ଭିନ୍ନକ୍ଷମ ଛାତ୍ର ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ନ୍ୟାୟ ପାଇଁ ପରିବାର ଲୋକେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସିମିନଇ ଗ୍ରାମର ପ୍ରଦୀପ ସିଂହଙ୍କ ପତ୍ନୀ ସୁଶାନ୍ତି ସିଂହଙ୍କ ଅଭିଯୋଗ ଅନୁଯାଇ ତାଙ୍କ ପୁଅ ମାନସ ସିଂହ ଜଣେ ମୂକବଧିର ଛାତ୍ର ତଥା ୯୦ ପ୍ରତିଶତ ଭିନ୍ନକ୍ଷମ। ସେ ଦାଣ୍ଡିମାଳ ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପଢୁଥିବା ବେଳେ ପ୍ରଧାନଶିକ୍ଷକ ମାନସଙ୍କ ପାଇଁ ସହାୟକ ଛାତ୍ର ଯୋଗାଡ଼ କରିବାରୁ ପ୍ରତିଶ୍ରୁତି ଦେବା ସହ ବୋର୍ଡରୁ ଅନୁମତି ଆଣିବାକୁ କହିଥିଲେ। କିନ୍ତୁ ଅନୁମତି ନ ଆଣିବାରୁ ମାନସ ପରୀକ୍ଷାରେ ଫେଲ୍ ହୋଇଗଲେ। ପୁନଶ୍ଚ ସପ୍ଲିମେଣ୍ଟାରୀ ପରୀକ୍ଷାରେ ସହାୟକ ଯୋଗାଇଦେବାକୁ ପ୍ରଧାନଶିକ୍ଷକ ପ୍ରତିଶ୍ରୁତି ଦେଇଥିବାବେଳେ ବୋର୍ଡରୁ ଅନୁମତି ନ ଆଣିବାରୁ ପୁଣି ଥରେ ମାନସ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି।

# ଦେୟ ବୃଦ୍ଧି ଓ ମନମୁଖି କାର୍ଯ୍ୟକୁ ନେଇ ଯାତ୍ରା ବନ୍ଦ ନିଷ୍ପତ୍ତି




ଢେଙ୍କାନାଳ,୪।୭(ସମିସ): ସ୍ଥାନୀୟ ଶୁଭଲକ୍ଷ୍ମୀ ମଣ୍ଡପରେ ଓଡ଼ିଶା ଯାତ୍ରା କମିଟି ମହାସଂଘ ଜିଲ୍ଲା ଶାଖାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାର ୪୦ରୁ ଊର୍ଦ୍ଧ୍ୱ କମିଟି ଉପସ୍ଥିତ ରହି ସର୍ବସମ୍ମତି କ୍ରମେ ଯାତ୍ରା ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଯାତ୍ରା ମାଲିକ ମନମୁଖି ଦେୟବୃଦ୍ଧି କରିଥିବାରୁ କମିଟିର ବ୍ୟାପକ କ୍ଷତି ଘଟୁଥିବା ଅଭିଯୋଗ କରିଛନ୍ତି। ଯଦି ଯାତ୍ରା ମାଲିକ ସଂଘ ଯାତ୍ରା କମିଟି ମହାସଂଘ ଜିଲ୍ଲା ଶାଖା ସହ ଆଲୋଚନା କରାଯାଏ ତେବେ କିଛି ପରିବର୍ତ୍ତନ ହୋଇପାରେ ନଚେତ୍ ସମ୍ପୂର୍ଣ୍ଣ ଭାବରେ ଯାତ୍ରା ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଯାତ୍ରା କମିଟି ମହାସଂଘ ଓଡ଼ିଶାର ରାଜ୍ୟ ସଂଯୋଜକ ମାନସ ରଞ୍ଜନ ରାୟ ସାମନ୍ତ, ଜିଲ୍ଲା କମିଟି ସଭାପତି ଅକ୍ଷୟ କୁମାର ନାୟକ, ଉପସଭାପତି ବିକ୍ରମ ସାହୁ, ଆଲୋକ କୁମାର ନାୟକ, ସମ୍ପାଦକ ହରମୋହନ ବେହେରା, ସହସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ଗୁନେନ୍ଦ୍ର କୁମାର ସାହୁଙ୍କ ସମେତ ୮ ବ୍ଲକର ସଭାପତି କମଳ ପଣ୍ଡା, ରଜତ କୁମାର ସାହୁ, ଶେଷଦେବ ନାଥ, ବିଶ୍ୱେଶ୍ୱର ମାଝୀ, ସୁବ୍ରତ ସ୍ୱାଇଁ, ହରମୋହନ ଆଚାର୍ଯ୍ୟ, ସମ୍ପାଦକ ସନାତନ ବେହେରା, ଜିଲ୍ଲା ସଂଯୋଜକ ଦେବୀପ୍ରସାଦ ଦାସ, ସଦସ୍ୟ ବିନୋଦ ବିହାରୀ ବେହେରା, ଭରତ କୁମାର ରାଉତ, ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଯାତ୍ରା କରିବା ପାଇଁ ଅନୁମତି ନ ଦେବାକୁ ଆସନ୍ତା ୪ ଦିନ ମଧ୍ୟରେ ଯାତ୍ରା କମିଟି ମହାସଂଘ ପକ୍ଷରୁ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ଗାଈ ସହ ଧକ୍କା; ବାଇକ ଆରୋହୀ ଗୁରୁତର



ପରଜଙ୍ଗ,୪।୭(ସମିସ): ଗାଈ ସହ ବାଇକ୍ ଧକ୍କା ହେବାରୁ ଆରୋହୀ ପରଜଙ୍ଗ ଥାନା ସରକିଶୋରପାଳ ଗ୍ରାମର ଝରା ସେଠୀଙ୍କ ପୁଅ ସୁବ୍ରତ ସେଠୀ (୩୪) ଗୁରୁତର ଆହତ ହୋଇଛନ୍ତି। ସୁବ୍ରତ ଟାଟାଷ୍ଟିଲ ପ୍ଲାଣ୍ଟରୁ କାର୍ଯ୍ୟ ସାରି ବାଇକରେ ଘରକୁ ଆସୁଥିବା ବେଳେ ଏପରି ଦୁର୍ଘଟଣାର ଶିକାର ହୋଇଥିଲେ। ୫୩ନଂ ଜାତୀୟ ରାଜପଥରେ ସରାଙ୍ଗ ପେଟ୍ରୋଲ ପମ୍ପ ନିକଟରେ ହଠାତ୍ ଏକ ଗାଈ ବାଇକ୍ ସାମ୍ନାକୁ ଆସିଯିବାରୁ ସୁବ୍ରତ ଭାରସାମ୍ୟ ହରାଇ ତା' ସହ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

# ଅଙ୍ଗନବାଡ଼ି କେନ୍ଦ୍ରକୁ ନାହିଁ ରାସ୍ତା

- ଅସାମାଜିକଙ୍କ ଆଡ୍ଡା ପାଲଟିଛି
- କେନ୍ଦ୍ରରେ ମାଳ ମାଳ କଣ୍ଡୋମ
- ୧୩ କେନ୍ଦ୍ରରେ ନାହିଁ ବିଦ୍ୟୁତ୍
- ୯ ଟିର ନାହିଁ ନିଜସ୍ୱ ଘର
- ଖବର ପ୍ରକାଶ ପରେ ତଦନ୍ତ ଆରମ୍ଭ

ଭୁବନ,୪।୭(ସମିସ): ସରକାରୀ ବାଳିକା ସ୍କୁଲ କ୍ୟାମ୍ପସରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର ଆଉ ବାରଣ୍ଡାରେ ମାଳମାଳ କଣ୍ଡୋମ। ଭୁବନ ଏନ୍‌ଏସିର ପରିବା ବଜାର ଦ୍ୱାରା ପରିସ୍ରାଗାର ଭାବେ ବ୍ୟବହୃତ ୩ କେନ୍ଦ୍ରରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲ୍ଲା ଅଧିକାରିଣୀ ମିତା ଶର୍ମା ଟିମ୍ ସହ ଭୁବନ ଆସି ତଦନ୍ତ କରିଛନ୍ତି। ୨୦୧୧ରୁ ୫୪ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଶିକ୍ଷାଦାନ ଆରମ୍ଭ ହୋଇଥିଲା। ଭୁବନ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନ ଏହି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ କିଛି କେନ୍ଦ୍ରର ଅବସ୍ଥା ଶୋଚନୀୟ ଥିବା ବେଳେ କିଛି କେନ୍ଦ୍ରକୁ ଯିବାକୁ ରାସ୍ତା ନାହିଁ। କାଦୁଅ ଓ ଡ୍ରେନ୍ ପାଣିରେ ପଶି ଯିବାକୁ ପଡୁଛି। ଅପରିଷ୍କାର ପରିବେଶରେ ଘାସ ଉଠି ଜଙ୍ଗଲରେ ପରିଣତ ହୋଇଛି। ଯାହା ସାପଙ୍କ ବାସସ୍ଥାନ ପାଲଟିଛି। ଅସାମାଜିକଙ୍କ ଆଡ୍ଡା ଓ ପରିବା ବଜାରର ପରିସ୍ରାଗାର ପାଲଟିଛି। ବିଦ୍ୟୁତ କି ପାଣି ସୁବିଧା ନାହିଁ। ସେଗୁଡ଼ିକ ମଧ୍ୟରୁ ୯ କେନ୍ଦ୍ରର ଘର ନିର୍ମାଣ ଅଧାରେ ଅଟକିଛି। ୪୩ନଂ କେନ୍ଦ୍ର ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ୫, ୭ ଓ ୨୭ନଂ କେନ୍ଦ୍ରର ଚଟାଣ ଭାଙ୍ଗି ନଷ୍ଟ ହୋଇଯାଇଛି। ବେଣାଗାଡ଼ିଆ ପୋଖରୀ ହୁଡ଼ାର ଉତ୍ତର ପାର୍ଶ୍ୱରେ ଥିବା କେନ୍ଦ୍ରର ପାଚେରି ନାହିଁ। କେନ୍ଦ୍ର ନଂ ୧୦ ଓ ୬ର କାମ ଶେଷ ହେବାର ୨ ବର୍ଷ ବିତିଥିଲେ ସୁଦ୍ଧା ଶିକ୍ଷାଦାନ ହେଇପାରୁନି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଗଁଦିଆ,୪।୭(ସମିସ): ଗଁଦିଆ ବ୍ଲକ ଗଁଦିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲୀଧର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅର୍ଚ୍ଚନା ସାହୁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ମୋ ସ୍କୁଲ ଅଭିଯାନ ସଭାପତି ତଥା ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ଉପେନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଶତ୍ରୁଘ୍ନ ସାହୁ, ଶଙ୍କର୍ଷଣ ପୋଥାଳ, ବିଦ୍ୟାଳୟର ସଭାପତି ଆମୟ ଜେନାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମନୋଜ ସ୍ୱାଇଁ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ପରେ ତାଙ୍କୁ ମାନପତ୍ର, ଉପଢୌକନ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## କପିଳାସ ବାଳିକା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଗଁଦିଆ,୪।୭(ସମିସ): ଗଁଦିଆ ବ୍ଲକ କପିଳାସ ପାଦଦେଶରେ ଥିବା ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୭୬ତମ ବନ ମହୋତ୍ସବ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରକୃତିବନ୍ଧୁ ହରିହର ସାହୁ ଯୋଗଦେଇ ସମସ୍ତେ ଚାରାରୋପଣ କରି ପରିବେଶକୁ ସୁସ୍ଥ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସନ୍ତୋଷିନୀ ହୋତା, ଦୁର୍ଗେଶନନ୍ଦିନୀ ନନ୍ଦ, ଶିବାନୀ ମିଶ୍ର, ନିବେଦିତା ସାହୁ, ଦୀପ୍ତିମୟୀ ପ୍ରଧାନ, ନନ୍ଦିନୀ ରାଉଳ, ପୁଷ୍ପଲତା କଅଁର, କାର୍ଯ୍ୟାଳୟ ସହାୟିକା ପଦ୍ମିନୀ ଭୋଇ କର୍ମଚାରୀ ବରୁଣ ରାଉତ, ରେବତୀ ସେଠୀ, ପ୍ରମିଳା ମାଟିଆ, ରମେଶ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିସରରେ ଆମ୍ବ, ଲେମ୍ବୁ, ଓଉ ଓ ଡାଳଚିନି ଆଦି ୫୦ ଚାରାରୋପଣ କରାଯାଇଥିଲା।

## ପଡ଼ିକାର୍ଡ ବଣ୍ଟନ ମେଳା

# ୧ ଲକ୍ଷ ୨ ହଜାର ଅଯୋଗ୍ୟ ହିତାଧିକାରୀ ଚିହ୍ନଟ

ଢେଙ୍କାନାଳ,୪।୭(ସମିସ)



ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ହଲରେ ପଡ଼ିକାର୍ଡ ବଣ୍ଟନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ୪୩ ହିତାଧିକାରୀଙ୍କୁ ପଡ଼ି କାର୍ଡ ବଣ୍ଟନ କରିଛନ୍ତି।

ଇତିମଧ୍ୟରେ ରାଜ୍ୟରେ ୫ଲକ୍ଷ ୪୨ ହଜାର ଭୂତ କାର୍ଡଧାରୀ ଓ ୧ ଲକ୍ଷ ୨ ହଜାର ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ କାର୍ଡ ବାଜ୍ୟାପ୍ତ କରାଯାଇଛି। ପୁଣି ୬ ଲକ୍ଷ ଯୋଗ୍ୟ ଗରିବ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଆଗାମୀ ଦିନରେ ଆହୁରି ୧୫ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବାକୁ ଲକ୍ଷ୍ୟ ରହିଛି ବୋଲି ଏହି ଅବସରରେ ମନ୍ତ୍ରୀ ପାତ୍ର ସୂଚନା ଦେଇଛନ୍ତି। ଇ-କେୱାଇସି ଦାଖଲ ନ କଲେ କିମ୍ବା ଆଗାମୀ ୩ ମାସ ମଧ୍ୟରେ ରାସନ ନେବାକୁ ନ ଆସିଲେ ସେମାନଙ୍କୁ ଏହି ସୁବିଧାରୁ ବଞ୍ଚିତ କରାଯିବ ବୋଲି ସେ କହିଛନ୍ତି। ମେଳାରେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ସାଂସଦଙ୍କ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀଙ୍କ ସମେତ ୱାର୍ଡ଼ ମେମ୍ବର, ବିଭାଗୀୟ ଅଧିକାରୀ ଓ ହିତାଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପୌର ଯନ୍ତ୍ରୀ ରଶ୍ମିତା ମିଶ୍ର ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ଖଙ୍କିରା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ଚକ୍ଷୁ ପରୀକ୍ଷା ଶିବିର

ଗଁଦିଆ,୪।୭(ସମିସ): ଢେଙ୍କାନାଳ ଜିଲ୍ଲା ସୀମାନ୍ତ ଅଞ୍ଚଳ ଖଙ୍କିରା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ବୀର ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଅନ୍ତର୍ଗତ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଗ୍ରାମର ୪୧ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଚଷମା ପାଇଁ ୨୪ଜଣଙ୍କୁ ଚିହ୍ନଟ କରାଯାଇଥିବା ଅଧିକ ଚିକିତ୍ସା ପାଇଁ ୭ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ପରିକ୍ଷା କରାଯାଇଥିବା ୯ ଜଣଙ୍କୁ ଚଷମା ବଣ୍ଟନ କରାଯାଇଛି। ବର୍ଷା ସମୟରେ ଚକ୍ଷୁର ଯତ୍ନନେବା ପାଇଁ ଚକ୍ଷୁ ବିଭାଗ ଅଧିକାରୀ ପ୍ରବୀର କୁମାର ସାମଲ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଖଙ୍କିରା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ଦେବାଶିଷ ଦାସ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୭୧ • ପାଉଣ୍ଡ ୧୧୬.୩୭
- ୟୁରୋ ୧୦୧.୮୧ • ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୯,୦୫୦ (ନୂଆଦିଲ୍ଲୀ)
- ରୁପା : ୧,୦୭,୭୪୮ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୨୩୯.୦୦
- ନିଫ୍ଟି ୨୫,୪୦୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ପୁଣି ଫୁଟିବ ଟ୍ରମ୍ପଙ୍କ ଟାରିଫ୍ ବୋମା

# ଅଗଷ୍ଟ ପହିଲାରୁ ଆମେରିକା ଲଗାଇବ ବୈଶ୍ୱିକ ଶୁଳ୍କ

ୱାଶିଂଟନ୍,୪।୭ (ଏଜେନ୍ସି)




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଟାରିଫ୍‌କୁ ନେଇ ବଡ଼ ଘୋଷଣା କରିଛନ୍ତି। ବାଣିଜ୍ୟିକ ଅଂଶୀଦାରମାନଙ୍କୁ ସେମାନଙ୍କର ଶୁଳ୍କ ହାର ବିଷୟରେ ଜଣାଇବା ପାଇଁ ଟ୍ରମ୍ପ୍ ପ୍ରଶାସନ ଚିଠି ପଠାଇବା ଆରମ୍ଭ କରିବ। ତେବେ ଉଚ୍ଚ ଆମେରିକା ଶୁଳ୍କକୁ ଏଡାଇବା ପାଇଁ ଭାରତ ସମେତ ବିଭିନ୍ନ ଦେଶ ସହିତ ଆମେରିକାର ଆଲୋଚନା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଏଥର ଟ୍ରମ୍ପ୍ ନୂଆ ଟାରିଫ୍ ୧୦-୨୦%ରୁ ଆରମ୍ଭ ହୋଇ ୬୦- ୭୦% ପର୍ଯ୍ୟନ୍ତ ହେବ ବୋଲି ସୂଚନା ଦେଇଛନ୍ତି। ଅଗଷ୍ଟ ପହିଲାରୁ ଆମେରିକା ଏହି ବୈଶ୍ୱିକ ଶୁଳ୍କ ଲାଗୁ କରିବାକୁ ଯାଉଛି। ଟ୍ରମ୍ପ୍ ଗୁରୁବାର କହିଛନ୍ତି ଯେ ୧୨ ରୁ ୧୨ଦେଶକୁ ଶୁଳ୍କ ସମ୍ପର୍କରେ ଚିଠି ପଠାଯିବ ଏବଂ ଆଗାମୀ କିଛି ଦିନ ମଧ୍ୟରେ ଅତିରିକ୍ତ ଚିଠି ପଠାଯିବ।

ସୂଚନାଥାଉକି, ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ୨ରେ 'ଲିବରେସନ ଡେ ଟାରିଫ୍'ର ଘୋଷଣା କରିଥିଲେ। ଯେଉଁଥିରେ ଆମେରିକାକୁ ୧୦୦ରୁ ଅଧିକ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଲଗାଇବା କଥା କହିଥିଲେ। ଏହାର ଉଦ୍ଦେଶ୍ୟ ଘରୋଇ କ୍ଷେତ୍ରରେ ଉତ୍ପାଦନକୁ ବଢ଼ାଇବା। ଅବଶ୍ୟ, ଏହା ପୂର୍ବରୁ ଟ୍ରମ୍ପ ଏପ୍ରିଲ ୯ରେ ଲାଗୁ ହେବାକୁ ଥିବା ଏହି ଟାରିଫ୍ ଉପରେ ୯୦ ଦିନର ରୋକ୍ ଲଗାଇଥିଲେ। ଏହି ରୋକ୍ ଜୁଲାଇ ୯ରେ ଶେଷ ହେଉଛି। ତେବେ ଏହି ନିଷ୍ପତ୍ତିର ପ୍ରଭାବ ସେହି ଦେଶଙ୍କ ଉପରେ ପଡ଼ିବ ଯେଉଁମାନେ ଆମେରିକାକୁ ବହୁଳ ମାତ୍ରାରେ ସାମଗ୍ରୀ ରପ୍ତାନୀ କରୁଛନ୍ତି। ଭାରତ, ଚୀନ, ଭିଏତନାମ, କାମ୍ବୋଡିଆ ଭଳି ଦେଶ ଏହାଦ୍ୱାରା ସିଧା ସଳଖ ପ୍ରଭାବିତ ହେବେ। ଏହାର ପ୍ରଭାବ ଉଭୟ ପକ୍ଷର ବାଣିଜ୍ୟ ଉପରେ ମଧ୍ୟ ଦେଖିବାକୁ ମିଳିପାରେ। ଏ ପର୍ଯ୍ୟନ୍ତ କେବଳ ବ୍ରିଟେନ, ଭିଏତନାମ ଏବଂ ଚୀନ ଆମେରିକା ସହ ବାଣିଜ୍ୟ ବୁଝାମଣା ଶେଷ କରିଛନ୍ତି। ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ, ଯେଉଁ ଦେଶର ଚୁକ୍ତି ହୋଇନାହିଁ ସେମାନଙ୍କୁ ଅଧିକ ଟାରିଫ୍ ଦେବାକୁ ପଡ଼ିପାରେ। ଟ୍ରମ୍ପ୍ ଭିଏତନାମ ଏବଂ ଚୀନ୍ ସହିତ ଅନେକ ବାଣିଜ୍ୟ ଚୁକ୍ତି ଘୋଷଣା କରିଛନ୍ତି।

**୧୦ %ରୁ ୭୦% ପର୍ଯ୍ୟନ୍ତ ହେବ ଟାରିଫ୍**

**ଶୁକ୍ରବାର ୧୨ ଦେଶକୁ ପଠାଇବ ନୋଟିସ୍**

ସେ ଗତ ମାସରେ କହିଥିଲେ ଯେ ଆମେରିକା ଏବଂ ଭାରତ ଏକ ଚୁକ୍ତି ସ୍ୱାକ୍ଷର କରିପାରିବେ। ପାରସ୍ପରିକ ଶୁଳ୍କ ଘୋଷଣା ପରେ ଟ୍ରମ୍ପ ପ୍ରଶାସନ ଦ୍ୱାରା କିଛି ଦେଶ ସହିତ ଏକ ଚୁକ୍ତି କରିବା ପାଇଁ ଜୁଲାଇ ୯ ସମୟସୀମା ପୂର୍ବରୁ ଏହି ଘୋଷଣା କରାଯାଇଛି।

ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଭାରତର ଆଲୋଚନାକାରୀ ଦଳ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମାପ୍ତ କରିବା ପାଇଁ ଉଚ୍ଚସ୍ତରୀୟ ଆଲୋଚନାରେ ଯୋଗଦେବା ପାଇଁ ୱାଶିଂଟନରେ ଅଛନ୍ତି। ଭାରତ ଏବଂ ଆମେରିକୀୟ ଆଲୋଚନାକାରୀମାନେ ଜୁଲାଇ ୯ତାରିଖ ପୂର୍ବରୁ ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବାକୁ ଲକ୍ଷ୍ୟ ରଖିଥିଲେ। ଏହାପରେ ସେପ୍ଟେମ୍ବର-ଅକ୍ଟୋବରରେ ଏକ ବୃହତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ପାଇଁ ଆଲୋଚନା ଜାରି ରହିବ ବୋଲି ଆଶା କରାଯାଉଛି। ଆମେରିକା ଏହାର କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟ ପାଇଁ ବ୍ୟାପକ ବଜାର ପ୍ରବେଶ ଦାବି କରୁଛି, ଯାହା ଭାରତ ପାଇଁ ଏକ ପ୍ରମୁଖ ବାଧା କାରଣ ଏହା ଦେଶର କ୍ଷୁଦ୍ର ଚାଷୀଙ୍କ ପାଇଁ ଜୀବିକା ସମସ୍ୟା ଏବଂ ତେଣୁ ଏହାକୁ ଏକ ସମ୍ବେଦନଶୀଳ କ୍ଷେତ୍ର ଭାବରେ ବିବେଚନା କରାଯାଏ।

# ୟୁଟ୍ୟୁବ୍-ଇନଷ୍ଟାଗ୍ରାମ ଭଳି ଟେଲିଗ୍ରାମ୍‌ରୁ ରୋଜଗାର କରିବେ ୟୁଜର

ନୂଆଦିଲ୍ଲୀ,୪।୭ (ଏଜେନ୍ସି)

ଏବେ ଟେଲିଗ୍ରାମ୍ କେବଳ ଏକ ମେସେଜିଂ ଆପ୍ ନୁହେଁ, ବରଂ ଏହା ରୋଜଗାର ପାଇଁ ଏକ ବଡ଼ ପ୍ଲାଟଫର୍ମ ପାଲଟିଛି। ସାରା ବିଶ୍ୱରେ କୋଟି କୋଟି ବ୍ୟବହାରକାରୀ ଏହାକୁ ବ୍ୟବହାର କରନ୍ତି। କିନ୍ତୁ ଏହି ଟ୍ରେଣ୍ଡ ୨୦୨୫ରେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଯଦି ଜଣେ ଟେଲିଗ୍ରାମକୁ ସଠିକ ଭାବରେ ବ୍ୟବହାର କରନ୍ତି, ତେବେ ପ୍ରତ୍ୟେକ ମାସରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରିବେ। ତାହା ପୁଣି ମୋବାଇଲରେ ଘରେ ବସି।



ଟେଲିଗ୍ରାମରେ ଏକ ଦେୟଯୁକ୍ତ ବା ପେଡ୍ ଚ୍ୟାନେଲ କିମ୍ବା ଗ୍ରୁପ୍ ତିଆରି କରି ଆପଣ ଭଲ ଟଙ୍କା ରୋଜଗାର କରିପାରିବେ। ଯଦି ୟୁଜର ସେୟାର ମାର୍କେଟ୍, କରେଣ୍ଟ ଆଫାୟର୍ସ, କ୍ୟାରିଅର୍ ଗାଇଡେନ୍ସ, ମୋଟିଭେସନ କିମ୍ବା ଫିଟନେସ୍ ଭଳି କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଜ୍ଞାନ ଅଛି, ତେବେ ଆପଣ ଦେୟଯୁକ୍ତ ସଦସ୍ୟତା ବା ପେଡ ମେମ୍ବରସିପ୍ ସହିତ ଏକ ଚ୍ୟାନେଲ ଆରମ୍ଭ କରିପାରିବେ। ଟେଲିଗ୍ରାମରେ, ଆପଣ ନିଜେ ତିଆରି କରିଥିବା ଡିଜିଟାଲ ଜିନିଷ ଯେପରିକି, ଇ-ବୁକ୍ସ, କୋର୍ସ, ଡିଜାଇନ୍ ଟେମ୍ପଲେଟ୍, ୱାଲପେପର୍ ପ୍ୟାକ୍ କିମ୍ବା ନୋଟ୍ସ ବିକ୍ରି କରିପାରିବେ। ଆପଣ କୌଣସି ୱେବସାଇଟ୍ ବିନା ଏହି ବ୍ୟବସାୟ ଆରମ୍ଭ କରିପାରିବେ। ଟେଲିଗ୍ରାମରେ ଯଦି ଆପଣଙ୍କର ବହୁତ ଫଲୋଅର୍ସ ଅଛନ୍ତି, ତେବେ ଆପଣ ଆମାଜନ୍, ଫ୍ଲିପ୍‌କାର୍ଟ, ମେସୋ କିମ୍ବା ଅନ୍ୟ କମ୍ପାନୀର ଆଫିଲିଏଟ୍ ଲିଙ୍କ୍ ସେୟାର କରିପାରିବେ। ଯଦି ଆପଣଙ୍କର ଟେଲିଗ୍ରାମ ଚ୍ୟାନେଲରେ ହଜାର ହଜାର ସବସ୍କ୍ରାଇବର୍ ଅଛନ୍ତି, ତେବେ ଅନ୍ୟ ବ୍ରାଣ୍ଡ କିମ୍ବା ଚ୍ୟାନେଲଗୁଡ଼ିକ ପ୍ରଚାର ପାଇଁ ଆପଣଙ୍କ ସହିତ ଯୋଗାଯୋଗ କରିବେ।

# ଭାରତ-ଆମେରିକା ମଧ୍ୟରେ ଏକ କ୍ଷୁଦ୍ର ବାଣିଜ୍ୟ ଚୁକ୍ତିର ସମ୍ଭାବନା

ନୂଆଦିଲ୍ଲୀ,୪।୭ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ସମସ୍ତ ଦେଶ ପାଇଁ ବାଣିଜ୍ୟ ଚୁକ୍ତିର ଶେଷ ତାରିଖ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି। ରିପୋର୍ଟ ଅନୁଯାୟୀ,



ଜୁଲାଇ ୯ତାରିଖ ପୂର୍ବରୁ ଭାରତ ଏବଂ ଆମେରିକା ମଧ୍ୟରେ 'ମିନି ବାଣିଜ୍ୟ ଚୁକ୍ତି' ହେବାର ସମ୍ଭାବନା ରହିଛି। ଏହା ବିଶ୍ୱାସ କରାଯାଉଛି ଯେ ଦୁଇ ଦେଶ ମଧ୍ୟରେ ଅନେକ ପଏଣ୍ଟରେ ଏକ ଚୁକ୍ତି ହୋଇଛି। ଏହି ଚୁକ୍ତି ଆଗାମୀ ଦୁଇ-ତିନି ଦିନ ମଧ୍ୟରେ ହୋଇପାରିବ। ଏହାକୁ ଏକ କ୍ଷୁଦ୍ର ବାଣିଜ୍ୟ ଚୁକ୍ତି ବୋଲି କୁହାଯାଉଛି। କାରଣ ଭାରତ ଏବଂ ଆମେରିକା ସେପ୍ଟେମ୍ବର-ଅକ୍ଟୋବରରେ ହେବାକୁ ଥିବା ୪୩ ଲକ୍ଷ କୋଟି ଟଙ୍କାର ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ଉପରେ ଧ୍ୟାନ ଦେଉଛନ୍ତି। ୱାଶିଂଟନରେ ବାଣିଜ୍ୟ ଆଲୋଚନାରେ, ଭାରତ କୃଷି କ୍ଷେତ୍ରରେ ଆମେରିକାକୁ ପ୍ରବେଶ ଦେବାକୁ ମନା କରିଦେଇଛି। ଯେତେବେଳେ ଆମେରିକା ଭାରତରେ ଜେନେଟିକାଲି ପରିବର୍ତ୍ତିତ ଫସଲ ଉତ୍ପାଦ ପାଇଁ ବଜାର ଯୋଗାଇବାକୁ ଦାବି କରିଆସୁଛି। ଭାରତର ମନୋଭାବକୁ ଦେଖି, ଆମେରିକା ବର୍ତ୍ତମାନ ପାଇଁ କୃଷି କ୍ଷେତ୍ରରେ ପ୍ରବେଶ ପାଇଁ ଚାପ ନ ପକାଇବାକୁ ନିଷ୍ପତ୍ତି ନେଇଛି। ଯେତେବେଳେ ଭାରତ ଶ୍ରମ ସଘନ କ୍ଷେତ୍ର ପୋଷାକ, ରତ୍ନ-ଅଳଙ୍କାର ଏବଂ ଚମଡା ଉତ୍ପାଦ ଉପରେ ଆମେରିକାର ଶୁଳ୍କ ହ୍ରାସ କରିବା ଉପରେ ଅଟଳ ରହିଛି। ଭାରତ କହିଛି ଯେ ବିଟିଏ ପରେ ତିନି ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟର ପ୍ରକୃତ ସଂଖ୍ୟା ବାହାରକୁ ଆସିବା ଆରମ୍ଭ ହେବ।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ହେବ। କିନ୍ତୁ ୯ ଜୁଲାଇ ପୂର୍ବରୁ ଚୁକ୍ତିର ସମସ୍ତ ବ୍ୟବସ୍ଥା ପ୍ରକାଶ କରିବା କଷ୍ଟକର। କାରଣ ଚୁକ୍ତିର ଅନେକ ବ୍ୟବସ୍ଥା ଉପରେ ସହମତ ହେବା ଆବଶ୍ୟକ। ଟ୍ରମ୍ପ ମଧ୍ୟ ଚୀନ୍ ଏବଂ ବ୍ରିଟେନ ସହିତ ଏକ ଚୁକ୍ତି କରିଥିଲେ କିନ୍ତୁ ଏହାର ବ୍ୟବସ୍ଥା ବିଷୟରେ କହି ନଥିଲେ। ପ୍ରଥମ ପର୍ଯ୍ୟାୟରେ, ଭାରତରୁ କେବଳ ଚୁକ୍ତି ଘୋଷଣା କରାଯିବ। ଭାରତ କୃଷି କ୍ଷେତ୍ର ଖୋଲିବ ନାହିଁ କାରଣ ଆମର ୬୦% ଜନସଂଖ୍ୟା ଏହା ଉପରେ ନିର୍ଭରଶୀଳ। ଆମେରିକାର ୧% ଜନସଂଖ୍ୟା କୃଷି ଉପରେ ନିର୍ଭରଶୀଳ। ଭାରତ ଆମେରିକାରୁ ଶକ୍ତି ଏବଂ ପ୍ରତିରକ୍ଷାର ବଡ଼ କ୍ରୟ କରି ଏହାର କ୍ଷତିପୂରଣ ଦେବ। କ୍ରୟ ପୂର୍ବରୁ ଆରମ୍ଭ ହୋଇସାରିଛି। ଏହାସହିତ, ଭାରତ ବଜେଟରେ ଅନେକ ଆମେରିକୀୟ ଉତ୍ପାଦ ପାଇଁ ଶୁଳ୍କ ହ୍ରାସ ଘୋଷଣା କରିଛି। ଏଥିରେ ଆମେରିକୀୟ ମୋଟରସାଇକେଲ ଏବଂ ହ୍ୱିସ୍କି ଅନ୍ତର୍ଭୁକ୍ତ।

**ଭାରତ କୃଷି କ୍ଷେତ୍ରରେ ନୋ ଏଣ୍ଟ୍ରିକୁ ନେଇ ଦୃଢ଼ ରହିଛି**

### ରିଜର୍ଭ ବ୍ୟାଙ୍କର ନୂଆ ନିୟମ

# ଫ୍ଲୋଟିଂ ସୁଧ ହାର ଲାଗିଥିବା ଋଣରେ ପ୍ରି-ପେମେଣ୍ଟ ଚାର୍ଜ ଶେଷ

ନୂଆଦିଲ୍ଲୀ,୪।୭ (ଏଜେନ୍ସି)




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦେଶର ଋଣକାରୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ଆରବିଆଇ ଫ୍ଲୋଟିଂ ସୁଧ ହାରରେ ଲଗାଯାଇଥିବା ଋଣ ଉପରେ ପ୍ରି-ପେମେଣ୍ଟ ଚାର୍ଜ ଶେଷ କରିବା ପାଇଁ ନିଷ୍ପତ୍ତି ନେଇଛି। ରିଜର୍ଭ ବ୍ୟାଙ୍କର ଏହି ନିୟମ ୨୦୨୬ ଜାନୁଆରୀ ପହିଲାଠାରୁ ଲାଗୁ ହେବ। ଏହି ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ସମୟ ପୂର୍ବରୁ ନିଜ ଋଣ ଅଧା କିମ୍ବା ସମ୍ପୂର୍ଣ୍ଣ ପରିଶୋଧ କରୁଥିଲେ, ସେତେବେଳେ ବ୍ୟାଙ୍କ ଏହି ଶୁଳ୍କ ନେଇଥାଏ। ନୂଆ ନିୟମ ସବୁ ବ୍ୟାଙ୍କ ଓ ନନ୍-ବ୍ୟାଙ୍କିଂ ଫାଇନାନ୍ସ କମ୍ପାନୀ (ଏନ୍‌ବିଏଫସି) ସମେତ ରେଗୁଲେଟେଡ୍ ଇନଷ୍ଟିଚ୍ୟୁସନ୍ ପାଇଁ ବାଧ୍ୟତାମୂଳକ ରହିବ। ଏହି ନିୟମ ଲାଗୁ ହେବା ପରେ କୋଟି କୋଟି ଋଣକାରୀ, ବିଶେଷ କରି ଗୃହ ଋଣ ଓ ଏମ୍‌ଏସ୍‌ଏମ୍‌ଇ ଋଣ ନେଇଥିବା ଲୋକଙ୍କୁ ସିଧାସଳଖ ଲାଭ ମିଳିବ।

**୨୦୨୬ ଜାନୁଆରୀରୁ ହେବ ଲାଗୁ**


ଏହି ନିଷ୍ପତ୍ତି ସେହି ଲୋକମାନଙ୍କୁ ଲାଭ ଦେବ ଯେଉଁମାନେ ଅଣ-ବାଣିଜ୍ୟିକ କାର୍ଯ୍ୟ ପାଇଁ ଫ୍ଲୋଟିଂ ହାରରେ ଋଣ ନେଇଛନ୍ତି। କୌଣସି ବ୍ୟାଙ୍କ କିମ୍ବା ଏନ୍‌ବିଏଫ୍‌ସି ଏପରି ସମସ୍ତ ଋଣ ଉପରେ ପ୍ରି-ପେମେଣ୍ଟ ଶୁଳ୍କ ଆଦାୟ କରିପାରିବେ ନାହିଁ। ଏହା ବ୍ୟତୀତ, ଯଦି ଜଣେ ବ୍ୟକ୍ତି ବ୍ୟବସାୟ ପାଇଁ ଋଣ ନେଇଛନ୍ତି କିମ୍ବା ଏକ ଏମ୍‌ଏସ୍‌ଏମ୍‌ଇ ଋଣ ନେଇଛନ୍ତି, ତେବେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମଧ୍ୟ ପ୍ରି-ପେମେଣ୍ଟ ଶୁଳ୍କ ଆଦାୟ କରିବେ ନାହିଁ। ଏହି ଛାଡ଼ ସୁବିଧା କିଛି ନିର୍ଦ୍ଦିଷ୍ଟ ବର୍ଗର ପ୍ରତିଷ୍ଠାନ ଯଥା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ,ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ, ସ୍ଥାନୀୟ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକ,ଟାୟାର-୪ ସହରାଞ୍ଚଳ ସମବାୟ ବ୍ୟାଙ୍କ,ଏନ୍‌ବିଏଫ୍‌ସି-ଉପର ସ୍ତର ଏବଂ ଅଲ୍ ଇଣ୍ଡିଆ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନ୍‌କୁ ମିଳିବ ନାହିଁ।

ଯଦି ଜଣେ ବ୍ୟକ୍ତି କିମ୍ବା ଏମ୍‌ଏସ୍‌ଏମ୍‌ଇ ଉପରୋକ୍ତ ସଂସ୍ଥାଗୁଡ଼ିକରୁ ୫୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଇଛନ୍ତି, ତେବେ ଏହା ଉପରେ ପ୍ରି-ପେମେଣ୍ଟ ଚାର୍ଜ ନିଆଯିବନାହିଁ। ଏଥିରେ ଟାୟାର-୩ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ, ରାଜ୍ୟ ଏବଂ କେନ୍ଦ୍ରୀୟ କୋ-ଅପରେଟିଭ୍ ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସି– ଉଚ୍ଚ ସ୍ତର ଅନ୍ତର୍ଭୁକ୍ତ। ଆରବିଆଇ କହିଛି ଯେ ତଦନ୍ତରୁ ଜଣାପଡିଛି ଯେ ଅନେକ ନିୟାମକ ପ୍ରତିଷ୍ଠାନ ପ୍ରି-ପେମେଣ୍ଟ ଚାର୍ଜ ସମ୍ପର୍କରେ ଭିନ୍ନ ନୀତି ଗ୍ରହଣ କରୁଛନ୍ତି। ଏହା ଗ୍ରାହକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଏବଂ ବିବାଦ ସୃଷ୍ଟି କରୁଥିଲା। ଏହା ବ୍ୟତୀତ କିଛି ସଂସ୍ଥା ଋଣ ଚୁକ୍ତିରେ ଏପରି ରିଷ୍ଟ୍ରିକ୍ଟିଭ କ୍ଲଜ୍‌କୁ ସାମିଲ କରୁଛନ୍ତି, ଯାହାଦ୍ୱାରା ଗ୍ରାହକ କମ ସୁଧ ହାର ବିକଳ୍ପକୁ ବାଛିପାରୁ ନ ଥିଲେ। ଆରବିଆଇ କହିଛି ଯେ ଏହି ରିଆତି ଋଣ ପରିଶୋଧର ଉତ୍ସ ଉପରେ ନିର୍ଭର କରିବ ନାହିଁ। ଅର୍ଥାତ୍, ଋଣ ଆଂଶିକ ହେଉ କିମ୍ବା ସମ୍ପୂର୍ଣ୍ଣ ପରିଶୋଧ ହେଉ, କୌଣସି ଚାର୍ଜ ଦେବାକୁ ପଡ଼ିବନାହିଁ। ଏହାସହ କୌଣସି ପ୍ରକାର ଲକ୍-ଇନ୍ ପିରିୟଡ୍ ବାଧ୍ୟତାମୂଳକ ହେବନାହିଁ।

**ଚଳିତ ବର୍ଷର ଦ୍ୱିତୀୟ ବଡ଼ ଛଟେଇ**

# ୯ ହଜାର କର୍ମଚାରୀଙ୍କୁ ଚାକିରିରୁ ବିଦା କରିବ ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ,୪।୭ (ଏଜେନ୍ସି): ଖର୍ଚ୍ଚ କାଟ୍ କରିବା ପାଇଁ ଏବେ ବହୁ ସଂଖ୍ୟାରେ କର୍ମଚାରୀ ଛଟେଇ କରିବ ମାଇକ୍ରୋସଫ୍ଟ। ଏଥର ୯ ହଜାର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଛି କମ୍ପାନୀ। ଚଳିତ ବର୍ଷର ଏହା ଦ୍ୱିତୀୟ ସର୍ବାଧିକ ଛଟେଇ। କମ୍ପାନୀର ବିଶ୍ୱସ୍ତରୀୟ କର୍ମଚାରୀଙ୍କର ଏହା ୪%। ଏ ନେଇ ମାଇକ୍ରୋସଫ୍ଟ ମୁଖପାତ୍ର କହିଛନ୍ତି ଯେ, ଆମେ ଏକ ଗତିଶୀଳ ବଜାରରେ ସଫଳତା ପାଇଁ କମ୍ପାନୀ ଏବଂ ଟିମ୍‌କୁ ସର୍ବୋତ୍ତମ ସ୍ଥିତିରେ ରଖିବା ପାଇଁ ଆବଶ୍ୟକୀୟ ସଂଗଠନାତ୍ମକ ପରିବର୍ତ୍ତନଗୁଡ଼ିକୁ କାର୍ଯ୍ୟକାରୀ କରିଚାଲିଛୁ। କମ୍ପାନୀର କାର୍ଯ୍ୟକୁ ସୁଗମ କରିବା, ପରିଚାଳନା ସ୍ତରକୁ ହ୍ରାସ କରିବା ଏବଂ ସାମଗ୍ରିକ ଦକ୍ଷତାକୁ ଉନ୍ନତ କରିବା ପାଇଁ ଏଭଳି ପ୍ରୟାସ କରାଯାଉଛି ବୋଲି ମାଇକ୍ରୋସଫ୍ଟ କହିଛି। ଏହା ପୂର୍ବରୁ ମାଇକ୍ରୋସଫ୍ଟ ମେ' ମାସରେ ୬ ହଜାର କର୍ମଚାରୀ ଛଟେଇ କରିଥିଲା। ଏଥିରେ ମୁଖ୍ୟତଃ ପ୍ରଡକ୍ଟ ଏବଂ ଇଞ୍ଜିନିୟରିଂ ପଦବୀରୁ ଛଟେଇ କରାଯାଇଥିଲା। ଏଥର ଛଟେଇରେ କମ୍ପାନୀର ସେଲ୍ସ ଟିମ୍ ବିଶେଷ ଭାବରେ ପ୍ରଭାବିତ ହେବ। ୨୦୨୪ ଜୁନ୍ ସୁଦ୍ଧା ମାଇକ୍ରୋସଫ୍ଟରେ ପ୍ରାୟ ୨୨୮,୦୦୦ କର୍ମଚାରୀ ରହିଛନ୍ତି। ଏଥିରେ ୪୫,୦୦୦ ସେଲ୍ସ ଏବଂ ମାର୍କେଟିଂ କର୍ମଚାରୀ ରହିଛନ୍ତି।




# ଭାରତୀୟ ବଜାରକୁ ଉଠାଉଥିଲା ପକାଉଥିଲା ଆମେରିକୀୟ କମ୍ପାନୀ

ନୂଆଦିଲ୍ଲୀ,୪।୭ (ଏଜେନ୍ସି)




ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଆମେରିକୀୟ ବାଣିଜ୍ୟ ସଂସ୍ଥା ଜେନ୍ ଷ୍ଟ୍ରିଟ୍ ଗ୍ରୁପ୍ ଏବଂ ଏହା ସହିତ ଜଡିତ ୩ଟି କମ୍ପାନୀକୁ ନିଷିଦ୍ଧ କରିଛି। ଆମେରିକୀୟ ବାଣିଜ୍ୟ ସଂସ୍ଥା ଉପରେ ଇଣ୍ଡେକ୍ସ ବା ସୂଚକାଙ୍କ ଶେଷ ହେବା ଦିନ ମୂଲ୍ୟରେ ହେରଫେର କରିଥିବା ଅଭିଯୋଗ ହୋଇଛି। ସେବି ୪୮୪୩.୫୭ କୋଟି ଟଙ୍କାର ବେଆଇନ ରୋଜଗାର ଜବତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛି। ଜେନ୍ ଷ୍ଟ୍ରିଟ୍ ଗ୍ରୁପ୍ ଏତାଦୃଶ କାର୍ଯ୍ୟ କରି ଭାରତୀୟ ବଜାରକୁ ଉଠାଉଥିଲା ପକାଉଥିଲା।

ଏଠାରେ ସୂଚନାଯୋଗ୍ୟ ଯେ, ଜେନ୍ ଷ୍ଟ୍ରିଟ୍ ଏକ ଆମେରିକୀୟ ବାଣିଜ୍ୟ କମ୍ପାନୀ ଯାହା ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଏବଂ ଗାଣିତିକ ମଡେଲ୍ ବ୍ୟବହାର କରି ଷ୍ଟକ୍ ବଜାରରେ ବ୍ୟବସାୟ କରେ। ଏହି କମ୍ପାନୀ ଭାରତରେ ଡେରିଭେଟିଭ୍ସ ବଜାରରେ, ବିଶେଷକରି ବ୍ୟାଙ୍କ ନିଫ୍ଟି ଏବଂ ନିଫ୍ଟି ୫୦ ଇଣ୍ଡେକ୍ସ ବିକଳ୍ପରେ ବ୍ୟାପକ ଭାବରେ ବାଣିଜ୍ୟ କରୁଥିଲା। ସେବି ଜେନ୍ ଷ୍ଟ୍ରିଟ୍ ସହିତ ଜେଏସ୍‌୧୨ ଇନଭେଷ୍ଟମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ଜେନ୍ ଷ୍ଟ୍ରିଟ୍ ସିଙ୍ଗାପୁର ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜେନ୍ ଷ୍ଟ୍ରିଟ୍ ଏସିଆ ଟ୍ରେଡିଂ ଲିମିଟେଡ୍ କୁ ଷ୍ଟକ୍ ବଜାର କାରବାରରୁ ନିଷିଦ୍ଧ କରିଛି। ସେବି କହିଛି ଯେ ଜେନ୍ ଷ୍ଟ୍ରିଟ୍ ଜାଣିଶୁଣି ଶେଷ ହେବା ଦିନ ବ୍ୟାଙ୍କ ନିଫ୍ଟି ଏବଂ ନିଫ୍ଟି ୫୦ ପରି ସୂଚକାଙ୍କର ମୂଲ୍ୟକୁ ପ୍ରଭାବିତ କରିଥିଲା।

କମ୍ପାନୀ ଇନଟ୍ରା-ଡେ ଇଣ୍ଡେକ୍ସରେ ହେରଫେର କରୁଥିଲା। ଏମିତିକି ସକାଳେ,

**ସେବି ଲଗାଇଲା ନିଷେଧାଦେଶ**

ଜେନ୍ ଷ୍ଟ୍ରିଟ୍ ବ୍ୟାଙ୍କ ନିଫ୍ଟି ଫ୍ୟୁଚର୍ସ ଏବଂ କ୍ୟାସ୍ ବଜାରରେ ସେୟାରକୁ ବହୁ ପରିମାଣରେ କିଣୁଥିଲା। ସେହି ସମୟରେ, ଏହା ପୁଟ୍ ବିକଳ୍ପଗୁଡ଼ିକୁ ବିକ୍ରି କରୁଥିଲା। ସୂଚକାଙ୍କ ହ୍ରାସ ପାଇଲେ ପୁଟ୍ ବିକଳ୍ପଗୁଡ଼ିକ ଲାଭ ଦେଉଥିଲା। ଅପରାହ୍ନରେ, ଏହା ସମାନ ସୂଚକାଙ୍କ ଫ୍ୟୁଚର୍ସକୁ ବଡ଼ ପରିମାଣରେ ବିକ୍ରି କରୁଥିଲା, ଯାହା ସୂଚକାଙ୍କକୁ ତଳକୁ ଆଣିଥିଲା। ଏହା ବିକଳ୍ପଗୁଡ଼ିକରେ ଲାଭ ଦେଉଥିଲା। ସମାପ୍ତି ଦିନ ବାଣିଜ୍ୟର ଶେଷ ଘଣ୍ଟାରେ, ଜେନ୍ ଷ୍ଟ୍ରିଟ୍ ବହୁ ପରିମାଣରେ କିଣାବିକା କରି ନିଜ ଲାଭ ପାଇଁ ସୂଚକାଙ୍କ ବନ୍ଦକୁ ପ୍ରଭାବିତ କରୁଥିଲା। ଏହା ସବୁ ଏତେ ଶୀଘ୍ର ହେଉଥିଲା ଯେ ସାଧାରଣ ନିବେଶକମାନେ ଏକ ସୂଚନା ମଧ୍ୟ ପାଇ ନ ଥିଲେ। ସେବି କହିଛି ଯେ ଜାନୁଆରୀ ୧୭ ସକାଳେ ଜେନ୍ ଷ୍ଟ୍ରିଟ୍ ପ୍ୟାଚ୍ ବ୍ୟାଙ୍କ ନିଫ୍ଟି ଫ୍ୟୁଚର୍ସ ଏବଂ କ୍ୟାସ୍ ସେଗମେଣ୍ଟରେ ୪୩୭୦ କୋଟି ଟଙ୍କା କିଣିଥିଲା। ଏହା ଫଳରେ ବ୍ୟାଙ୍କ ନିଫ୍ଟି ସୂଚକାଙ୍କରେ ବୃଦ୍ଧି ଘଟିଲା ଏବଂ ପୁଟ୍ ଅପ୍‌ସନ୍‌ର ମୂଲ୍ୟ ହ୍ରାସ ପାଇଲା। ଏବେ ଜେନ୍ ଷ୍ଟ୍ରିଟ୍ ବ୍ୟାଙ୍କ ନିଫ୍ଟି ବିକଳ୍ପରେ ୩୨,୧୧୪.୯୬ କୋଟି ଟଙ୍କାର ଏକ ନିମ୍ନଗାମୀ ସ୍ଥିତି ସୃଷ୍ଟି କଲା। ସେମାନେ ଶସ୍ତା ପୁଟ୍ ବିକଳ୍ପ କିଣିଲେ ଏବଂ ମହଙ୍ଗା କଲ୍ ବିକଳ୍ପ ବିକ୍ରି କଲେ।

# ଟେଲିଭିଜନ୍ ରେଟିଂ ଲାଗି ଏକାଧିକ ସଂସ୍ଥାକୁ ଅନୁମତି ଦେବା ନେଇ ଥିବା ପ୍ରତିବନ୍ଧକ ହଟିଲା

ନୂଆଦିଲ୍ଲୀ,୪।୭ (ଏଜେନ୍ସି): ଭାରତରେ ଟିଭି ଦେଖିବା ଅଭ୍ୟାସ ଗତ କିଛି ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଭାବେ ବଦଳିଛି। ଦର୍ଶକମାନେ ଏବେ କେବଳ କେବୁଲ ଏବଂ ଡିଟିଏଚ୍ ପ୍ଲାଟଫର୍ମ ମାଧ୍ୟମରେ ନୁହେଁ ବରଂ ସ୍ମାର୍ଟ ଟିଭି, ମୋବାଇଲ୍ ଆପ୍ଲିକେସନ୍ ଏବଂ ଅନ୍ୟାନ୍ୟ ଅନଲାଇନ୍ ଷ୍ଟ୍ରିମିଂ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକ୍ରମ ଦେଖୁଛନ୍ତି। ତଥାପି, ଦର୍ଶକଙ୍କ ସଂଖ୍ୟା ହିସାବ କରିବା ପାଇଁ ପ୍ରଚଳିତ ବ୍ୟବସ୍ଥା ବା ଟେଲିଭିଜନ ରେଟିଂ ପଏଣ୍ଟ (ଟିଆରପି) ଏହି ପରିବର୍ତ୍ତିତ ଢାଞ୍ଚାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସାମିଲ କରିପାରିନାହିଁ। ଏହାକୁ ଦୃଷ୍ଟିରେ ରଖି, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ୨୦୧୪ ମସିହାରେ ଜାରି ହୋଇଥିବା ଟେଲିଭିଜନ ରେଟିଂ ଏଜେନ୍ସିଗୁଡ଼ିକ ପାଇଁ ନୀତିଗତ ମାର୍ଗଦର୍ଶିକାରେ ସଂଶୋଧନ ପ୍ରସ୍ତାବ ଦେଇଛି। ୨ ଜୁଲାଇ, ୨୦୨୫ରେ ପ୍ରକାଶିତ ପ୍ରସ୍ତାବିତ ଚିଠା ମାର୍ଗଦର୍ଶିକାରେ ଭାରତରେ ଟେଲିଭିଜନ ଦର୍ଶକଙ୍କ ସଂଖ୍ୟା ହିସାବ କରିବାର ବ୍ୟବସ୍ଥାକୁ ସାର୍ବଜନୀନ ଏବଂ ଆଧୁନିକୀକରଣ କରିବା ପାଇଁ ବର୍ତ୍ତମାନର ବିଏଆରସି ବ୍ୟତୀତ ଅଧିକ ସଂସ୍ଥାଙ୍କୁ ଅନୁମତି ଦେବା ଲାଗି ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପାଇଁ କେତେକ ପ୍ରତିବନ୍ଧକ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ମନ୍ତ୍ରଣାଳୟ ନୀତିଗତ ଚିଠା ଜାରି ହେବାର ୩୦ ଦିନ ମଧ୍ୟରେ ଅଂଶୀଦାର ଏବଂ ସାଧାରଣ ଜନତାଙ୍କଠାରୁ ମତାମତ ଆମନ୍ତ୍ରଣ କରିଛି। ପ୍ରସ୍ତାବିତ ସଂସ୍କାରଗୁଡ଼ିକର ଲକ୍ଷ୍ୟ ହେଉଛି ନିରପେକ୍ଷ ପ୍ରତିଯୋଗିତାକୁ ସକ୍ଷମ କରିବା, ଅଧିକ ସଠିକ୍ ଓ ପ୍ରତିନିଧିତ୍ୱପୂର୍ଣ୍ଣ ତଥ୍ୟ ସୃଷ୍ଟି କରିବା ଏବଂ ଟିଆରପି ବ୍ୟବସ୍ଥା ଯେପରି ସାରା ଦେଶରେ ଦର୍ଶକଙ୍କ ବିବିଧ ଓ ପରିବର୍ତ୍ତିତ ଗଣମାଧ୍ୟମ ଉପଭୋଗ ଅଭ୍ୟାସକୁ ପ୍ରତିଫଳିତ କରିବ ତାହା ସୁନିଶ୍ଚିତ କରିବା। ଭାରତରେ ବର୍ତ୍ତମାନ ପ୍ରାୟ ୨୩ କୋଟି ଟେଲିଭିଜନ ଦର୍ଶକ ପରିବାର ଅଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ଆଇନଜୀବୀଙ୍କୁ ଶୁଭଫଳ ମିଳିବ। ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ। ବରିଷ୍ଠ ଅଧିକାରୀଙ୍କ ସହ ଭେଟ ହେବ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

**ବୃଷ:** ଅଫିସ୍ କାମ ସୁଚାରୁରୂପେ ତୁଲାଇବେ। ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଛାତ୍ରଛାତ୍ରୀମାନେ ପଢ଼ାରେ କୃତକାର୍ଯ୍ୟ ହେବେ। ମନ ଖୁସି ରହିବ। ଆୟ ଅନୁସାରେ ବ୍ୟୟ ହେବ। ପୁରୁଣା ନିବେଶରୁ ଲାଭ ମିଳିବ।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିପାରେ। ଘର ପାଇଁ ନୂଆ ଜିନିଷ କିଣିବେ। ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଉଧାର ଟଙ୍କା ଫେରିପାଇବେ।

**କର୍କଟ:** ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିରୋଧୀ କାମରେ ବାଧା ଦେବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଦୀର୍ଘ ଦିନର ଆଶା ପୂରଣ ହେବ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସମୟ ପୂର୍ବରୁ କାମ ପୂରା କରିବେ। ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ।

**କନ୍ୟା:** ଯାତ୍ରାରୁ ଲାଭ ହେବ। କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ। ମହିଳାମାନେ କର୍ମଚଞ୍ଚଳ ରହିବେ। ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ। ମାନ ସମ୍ମାନ ବୃଦ୍ଧି ପାଇବ।

**ତୁଳା:** ପାରିବାରିକ ସମସ୍ୟା ଦେଖା ଦେବ। ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ନୂତନ ଜମି କ୍ରୟ କରିପାରନ୍ତି।

**ବିଛା:** ସମାଜସେବା ଲାଗି ସମ୍ମାନିତ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ। ନୂଆ କାମ ଶିଖିବାର ଅବସର ଜୁଟିବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିବ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ମନ ପ୍ରସନ୍ନ ରହିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ।

**ମକର:** କାମ ବୋଝ ଅଧିକ ରହିବ। କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ। ମାନ ସମ୍ମାନ ବଢ଼ିବ। ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ। କ୍ୟାରିୟରକୁ ଆଗକୁ ନେବା ପାଇଁ ନୂଆ ସୁଯୋଗ ମିଳିବ।

**କୁମ୍ଭ:** ଶୁଭ ଖବର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ପରିବାର ସହ ସମୟ ବିତାଇବେ। ପିଲାମାନେ ଖେଳମନସ୍କ ହୋଇପାରନ୍ତି।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

## ଆଜିର ଦିନରେ

- ୧୯୨୨-ନେଦରଲ୍ୟାଣ୍ଡରେ ପ୍ରଥମ ଥର ସାଧାରଣ ନିର୍ବାଚନ ହେଲା।
- ୧୯୫୪: ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୯୪- ଜେଫ୍ ବେଜୋସ୍ ଇକମର୍ସ ୱେବ୍‌ସାଇଟ୍ ଆମାଜନ୍‌ର ଆରମ୍ଭ କଲେ।
- ୨୦୧୬- ନାସାର ଯୁନୋ ମହାକାଶ ଯାନ ବୃହସ୍ପତି ଗ୍ରହର କକ୍ଷରେ ପ୍ରବେଶ କଲା।

# ଶ୍ରୀବିଗ୍ରହଙ୍କ ବାହୁଡ଼ା ଯାତ୍ରା



ଆଷାଢ଼ ଶୁକ୍ଳପକ୍ଷ ଦଶମୀ ବା ବାହୁଡ଼ା ଦଶମୀ ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରନ୍ତି, ଏହି ଫେରନ୍ତା ଯାତ୍ରାକୁ ବାହୁଡ଼ା ଯାତ୍ରା କୁହାଯାଏ। ସ୍କନ୍ଦ ପୁରାଣ ଅନୁସାରେ, ଶ୍ରୀବିଗ୍ରହଙ୍କ ଫେରନ୍ତା ରଥଯାତ୍ରାକୁ ବାହୁଡ଼ା ଯାତ୍ରା ବୋଲି କୁହାଯାଏ । ଏହାକୁ ଦକ୍ଷିଣାଭିମୂଖୀ ଯାତ୍ରା ମଧ୍ୟ କୁହାଯାଏ। ଶାସ୍ତ୍ରାନୁସାରେ, ରଥଯାତ୍ରା ସମୟରେ ଶ୍ରୀବିଗ୍ରହମାନେ ଉତ୍ତରାଭିମୁଖୀ ହୋଇ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖୀ ହୋଇ ଯାତ୍ରା କରୁଥିବା ବେଳେ ଦର୍ଶନ କଲେ ଠିକ୍ ସେହିପରି ଫଳ ମିଳିଥାଏ। ଶ୍ରୀଗୁଣ୍ଡିଚା ଯାତ୍ରାର ନବମ ଦିନରେ ଠାକୁରଙ୍କର ବାହୁଡ଼ା ଯାତ୍ରା ହୋଇଥାଏ। ନବମୀ ଦିନ ରାତିରେ ବଡ଼ସିଂହାର, ପହୁଡ଼ ଆଳତି ସରିବା ପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଇ ପୁଷ୍ପାଳକମାନେ ଗମ୍ଭୀରାରୁ ବାହାରି ଆସିଥାନ୍ତି। ବାହୁଡ଼ା ଯାତ୍ରା ଦିନ ସକାଳ ସମୟରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ଭିତରଛ ମହାପାତ୍ର ଓ ପାଳିଆ ପୁଷ୍ପାଳକମାନେ ବଢ଼ାଇବା ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ପୂଜାପଣ୍ଡା ଓ ଅନ୍ୟାନ୍ୟ ନୀତି ସମ୍ପୃକ୍ତ ସେବକମାନଙ୍କ ଦ୍ୱାରା ହୋଇଥାଏ। ଏହାପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କର ସେନାପଟା ଲାଗି କରିଥାନ୍ତି । ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକଙ୍କ ଦ୍ୱାରା ତିନିବାଡ଼ରେ ମଙ୍ଗଳାର୍ପଣ ହୋଇଥାଏ। ବିଜେ କାହାଳୀ ବାଜିବା ପରେ ଠାକୁରମାନଙ୍କ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଯାଏ। ଶ୍ରୀବିଗ୍ରହମାନେ ଜଗମୋହନ ଦୁଆର ପାଖେ ପହଞ୍ଚିବା କ୍ଷଣି ରାଘବ ଦାସ ମଠ ପ୍ରଦତ୍ତ ଟାହିଆ ଶ୍ରୀମସ୍ତକରେ ଲାଗି କରାଯିବା ସହିତ ପ୍ରସାଦ ଲାଗି, ବନ୍ଦାପନା, କର୍ପୂର ଆଳତି, ସାତବତୀ, ସଞ୍ଜ କାହାଳି ଓ ଘସା, ବିଡ଼ିଆ ମଣୋହି ଆଦି ବିଧି ରହିଛି। ପରେ ପରେ ଠାକୁରମାନେ ଧାଡ଼ି ପହଣ୍ଡିରେ ରଥକୁ ବିଜେ କରିଥାନ୍ତି। ସମସ୍ତ ବିଗ୍ରହ ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବାପରେ ରୁନ୍ଧା କାର୍ଯ୍ୟ ବଢ଼ିଥାଏ। ଠାକୁରମାନେ ରଥାରୂଢ଼ ହେବା ପୂର୍ବରୁ ବିଶ୍ୱକର୍ମା ମହାରଣା, ଦରଜୀ ସେବକ, କୋଠ ସୁଆଁସିଆ ପ୍ରଭୃତି ସେବକ ତିନି ରଥର ଆବଶ୍ୟକୀୟ ମରାମତି କାର୍ଯ୍ୟ ପୂର୍ବଦିନରୁ କରି ଦେଇଥାନ୍ତି। ବାହୁଡ଼ା ରଥ ଟଣା ଆରମ୍ଭ ହୋଇ ବଳଭଦ୍ରଙ୍କ ରଥ ବଡ଼ଶଙ୍ଖ ଯାଏ ଆସିବା ପରେ ସୁଭଦ୍ରାଙ୍କ ରଥ ଟଣା ଆରମ୍ଭ ହୁଏ। ଏହା ପରେ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଟଣା ହୋଇଥାଏ। ବାଟରେ ଠାକୁରମାନଙ୍କ ପାଇଁ ପନ୍ତି ଭୋଗ ହୁଏ। ତିନି ଠାକୁର ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରୁଥିବା ସମୟରେ ରଥ ମାଉସୀମା ମନ୍ଦିର ପାଖରେ ପହଞ୍ଚିଲେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ମନ୍ଦିର ପକ୍ଷରୁ ପୋଡ଼ପିଠା ଭୋଗ କରାଯାଏ। ଶ୍ରୀବଳଭଦ୍ର ଓ ସୁଭଦ୍ରାଙ୍କ ରଥ ଆସି ସିଂହଦ୍ୱାର ପାଖେ ପହଞ୍ଚେ। ଏହାପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଟଣା ହୋଇ ଶ୍ରୀନଅର ସାମ୍ନାରେ ରୁହେ। ଏହି ସମୟରେ ବଡ଼ ଦେଉଳରୁ ନିଜ ମନ୍ଦିରରୁ ଲକ୍ଷ୍ମୀ ସଜ ହୋଇ ପାଲିଙ୍କିରେ ବିଜେ ହୋଇ ବଡ଼ ଦେଉଳ ସ୍ନାନବେଦୀ ନିକଟସ୍ଥ ଚାହାଣୀ ମଣ୍ଡପରେ ପହଞ୍ଚି ସେଠାରେ ଠିଆ ହୋଇ ରୁହନ୍ତି। ସେଠାରୁ ଜଗନ୍ନାଥଙ୍କ ରଥକୁ ଚାହାନ୍ତି। ଏହାପରେ ଲକ୍ଷ୍ମୀଙ୍କ ପାଲିଙ୍କି ଜଗନ୍ନାଥଙ୍କ ରଥ ଚାରିପଟେ ବେଢ଼ାଏ ବୁଲିଥାଏ। ଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଦଇତାମାନେ ଆଜ୍ଞାମାଳ ନେବା ପରେ ଲକ୍ଷ୍ମୀ ନିଜ ମନ୍ଦିରକୁ ଫେରି ଯାଆନ୍ତି। ଏହାପରେ ଜଗନ୍ନାଥଙ୍କ ରଥ ସିଂହଦ୍ୱାର ନିକଟକୁ ଆସେ। ପରେ ରଥ ଉପରେ ମହାପ୍ରଭୁଙ୍କ ଖଇ କୋରା ଭୋଗ ସହ ମଧ୍ୟାହ୍ନ ଧୂପ, ସଂଧ୍ୟା ଧୂପ, ବଡ଼ ସିଂହାର ବେଶ, ରାତ୍ର ପହୁଡ଼ ନୀତି ହୋଇଥାଏ। ଏକାଦଶୀ ଦିନ ରଥ ଉପରେ ଏକାଦଶୀ ନୀତି ସହ ଠାକୁରମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ। ଦ୍ୱାଦଶୀ ଦିନ ରଥ ଉପରେ ଅନୁଷ୍ଠିତ ହୁଏ ଅଧରପଣା ନୀତି। ତ୍ରୟୋଦଶୀ ଦିନ ଠାକୁରମାନଙ୍କ ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହୋଇଥାଏ। ଏହି ଦିନ ଠାକୁରମାନେ ପହଣ୍ଡି ହୋଇ ରତ୍ନ ସିଂହାସନକୁ ବିଜେ କରିଥାନ୍ତି। ଏଇଠି ଶେଷ ହୋଇଥାଏ ମହାପ୍ରଭୁଙ୍କ ଘୋଷ ଯାତ୍ରା।

# 'ହେରାଫେରି-୩' ସବୁଠୁ କମ୍ ପାରିଶ୍ରମିକ ନେଇଛନ୍ତି ସୁନୀଲ



'ହେରାଫେରି-୩'ରୁ ପରେଶ ରାୱଲ ବାଦ୍ ପଡ଼ିବା ଘଟଣାକୁ ନେଇ ଏହି ଫିଲ୍ମଟି ଅନେକ ଦିନରୁ ଚର୍ଚ୍ଚାରେ ରହିଛି। ଏହି ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମକୁ ଅନେକ ଦିନରୁ ଦର୍ଶକେ ଅପେକ୍ଷା କରିଥିବାରୁ ଏହାର ନିର୍ମାତା ଫିଲ୍ମର ମୂଳ ତିନି କଳାକାରଙ୍କୁ ନେବାକୁ ଚାହୁଁଥିଲେ। କିନ୍ତୁ ପରେଶଙ୍କ ଦାବି ମୁତାବିକ ପାରିଶ୍ରମିକ ନ ମିଳିବାରୁ ସେ ଫିଲ୍ମରୁ ଓହରି ଯାଇଥିଲେ। କିନ୍ତୁ ଅକ୍ଷୟଙ୍କ ସହ ବୁଝାମଣା ପରେ ଏବେ ପରେଶ ଏହି ଫିଲ୍ମରେ ଅଭିନୟ କରିବା ପାଇଁ ରାଜି ହୋଇ ଯାଇଛନ୍ତି। ତେବେ 'ହେରାଫେରି-୩' ପାଇଁ ପରେଶ ୧୫ କୋଟି ନେଇଥିବା ଜଣାପଡ଼ିଛି।

ସେହିପରି ସୁନୀଲ ଏଥିପାଇଁ ୨ରୁ ୫ କୋଟି ନେଇଥିବା କୁହାଯାଉଛି। ଅକ୍ଷୟ ପାରିଶ୍ରମିକ ବାବଦରେ ୨୦ କୋଟି ନେବା ସହ ଫିଲ୍ମର ଲାଭାଂଶରୁ ମଧ୍ୟ ସେୟାର୍ ନେବେ। ଅକ୍ଷୟ ଏହି ଫିଲ୍ମ ବାବଦକୁ ମୋଟାମୋଟି ଭାବେ ୬୦ରୁ ୧୪୫ କୋଟି ଟଙ୍କା ନେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। 'ହେରାଫେରି-୩'ର ତିନି କଳାକାରଙ୍କ ମଧ୍ୟରୁ ସୁନୀଲଙ୍କୁ ପାରିଶ୍ରମିକ ବାବଦରେ ସବୁଠୁ କମ୍ ଅର୍ଥ ମିଳିଛି।

# ଏଠାରେ ଲୋକେ ବ୍ୟବହାର କରନ୍ତି ୨ଜି



ଏବର ୫ଜି ଏବଂ ୬ଜି ଯୁଗରେ ଏମିତି ଏକ ଦେଶ ଅଛି, ଯେଉଁଠି ଲୋକେ ୨ଜି ଓ ୩ଜି ଇଣ୍ଟରନେଟ୍ ସେବାରେ ସୀମିତ ରହିଛନ୍ତି। ଉତ୍ତର କୋରିଆରେ ଇଣ୍ଟରନେଟ୍ ସେବା ଉପରେ ସରକାରଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ଏଠାରେ ସାଧାରଣ ଲୋକ ସବୁବେଳେ ସରକାରଙ୍କ ନଜରରେ ରହିଥାନ୍ତି। ଏଠାରେ ଗ୍ଲୋବାଲ ଇଣ୍ଟରନେଟ୍‌ର ବ୍ୟବହାର ସାଧାରଣ ଜନତା କରିପାରିବେ ନାହିଁ। ବଛା ବଛା କିଛି ସରକାରୀ ଅଧିକାରୀଙ୍କୁ ଏହି ଇଣ୍ଟରନେଟ୍ ବ୍ୟବହାର କରିବାର ସୁଯୋଗ ମିଳେ। ତେବେ ସାଧାରଣ ଲୋକଙ୍କ ପାଇଁ Kwangmyong ନାମକ ଅଲଗା ନେଟୱର୍କ ଅଛି। ଏହି ଇଣ୍ଟରନେଟ୍ ସେବା ସରକାରଙ୍କ ଦ୍ୱାରା ନିୟନ୍ତ୍ରଣାଧୀନ। ଏଥିରେ ସରକାରଙ୍କ ଦ୍ୱାରା ମଞ୍ଜୁରି ପ୍ରାପ୍ତ ୱେବସାଇଟ୍ ଏବଂ କଣ୍ଟେଣ୍ଟ ଦେଖିବାର ସୁବିଧା ଅଛି। ସେହିପରି ଯଦି କୌଣସି ବ୍ୟକ୍ତିଙ୍କୁ ଇଣ୍ଟରନେଟ୍ ସେବା ମିଳେ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରତି ଘଣ୍ଟାର ସ୍କ୍ରିନ୍ ସଟ୍ ସରକାରଙ୍କୁ ପଠାଇବାକୁ ପଡ଼ିଥାଏ। ଏଭଳି କରି ସେମାନେ ଏକଥା ସୁନିଶ୍ଚିତ କରନ୍ତି, ସରକାର ବିରୋଧୀ କୌଣସି ଜିନିଷ ଦେଖୁ ନାହାନ୍ତି। ତେବେ ସ୍ମାର୍ଟଫୋନ୍ ରଖିଥିବା କିଛି ବଛା ବଛା ଲୋକଙ୍କୁ ମଧ୍ୟ ସରକାରଙ୍କ କଡ଼ା ନଜରରେ ରହିବାକୁ ପଡ଼ିଥାଏ। ଏଠାକାର ଅଧିକାଂଶ ଲୋକ ଏବେ ବି ୨ଜି ଫିଚର୍ ଫୋନ୍ ବ୍ୟବହାର କରନ୍ତି। ଅନ୍ୟପକ୍ଷରେ ଏଠାରେ କେବଳ ସ୍ମାର୍ଟଫୋନ୍ ନୁହେଁ, ଲୋକଙ୍କର ପୋଷାକ ପିନ୍ଧିବା ତରିକା, ହେୟାର୍ ଷ୍ଟାଇଲ ଏବଂ ଜୀବନଶୈଳୀ ବି ସରକାର ସ୍ଥିର କରିଥାନ୍ତି। ଏପରିକି ଏଠାରେ ବିଦେଶୀ ଫେଶନକୁ ଆପଣାଇବାକୁ ଅପରାଧ ବୋଲି କୁହାଯାଏ।

# ସୁମନ


## ବଡ଼ ଦାଣ୍ଡ ଦୁଲୁକେଇ



ଜଗଦୀଶ ସାହୁ

ନନ୍ଦିଘୋଷ ଚଢ଼ି ଆସୁଛି କାଳିଆ
ବଡ଼ ଦାଣ୍ଡ ଦୁଲୁକେଇ
ଶୀରିମନ୍ଦିରକୁ ଫେରୁଛି ସାଥିରେ
ଭାଇ ଭଉଣୀକୁ ନେଇ ।
ପଡ଼େ ହରିବୋଲ ଶୁଭେ ହୁଳହୁଳି
କମ୍ପି ଉଠେ ତିନିପୁର
ବାମନ ବେଶକୁ ଦେଖିବାକୁ ନର
ବେଶ ଧରିଛନ୍ତି ସୁର ।
ମଣିମା ମଣିମା ହୁରି ପଡ଼ୁଅଛି
ଭକତି ହୁଅଇ ଜାତ
ଦରଶନ କରେ ଭକତ ଭକ୍ତିରେ
ଟେକି ଦେଇ ଦୁଇ ହାତ ।
ବରଷକେ ଥରେ ଜନମ ବେଦୀକୁ
ଯିବାକୁ କାଳିଆ ମନ
ମାଉସୀ ମାଆର ପୋଡ଼ ପିଠା ଖାଇ
ବାହୁଡ଼େ ଶ୍ରୀକ୍ଷେତ୍ର ଧନ ।■

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬



## ବାହୁଡ଼ି ଆସହେ ସାଇଁ



ପ୍ରଶାନ୍ତ କୁମାର ଦାଶ

ଶୁନ୍ ଶାନ୍ ଦିଶେ ତୁମରି ମନ୍ଦିର
ନାହିଁ ବୋଲି ତୁମେ ସାଇଁ
ତୁମେ ତ ଯାଇଛ ଗୁଣ୍ଡିଚା ମନ୍ଦିର
ନଅଦିନ ଯାତପାଇଁ ॥
ବାହୁଡ଼ି ଆସ ମୋ କାଳିଆ ବଳିଆ
ଭଉଣୀକୁ ସାଥେ ନେଇ
ପାଇବେ ଦର୍ଶନ ଭକ୍ତ ପ୍ରାଣଧନ
ଡାକୁଛନ୍ତି ବ୍ୟସ୍ତ ହେଇ ॥
କଳାମଣିମାଙ୍କ କଳା କଳା ମୁଖ
ଆଖିରେ ନାଚୁଛି ସଦା
ଦେଖିଦେଲେ ଥରେ ରତନ ବେଦୀରେ
ହଟିଯାଏ ଦୁଃଖ ବାଧା ॥
କାଳିଆ ଲାଗି ଏ ସଂସାର ସୁନ୍ଦର
ଯଶୋଦାଙ୍କ ଗଳାମାଳି
ଆକାଶର ଜହ୍ନ ଭକତର ଧନ
ଝୁରୁଛନ୍ତି ଗୋପବାଳୀ ॥
ଭକତ ଆଖିର ଲୁହ ପୋଛିପାରେ
ଦିଏ ପୁଣି ଓଠେ ହସ
କାଇଁଚମାଳିଆ ବେଶରେ ସଭିଙ୍କୁ
କରିଥାଏ କାହ୍ନା ବଶ ॥
ମାଉସୀ ହାତର ପୋଡ଼ପିଠା ଖାଇ
ଖୁସୀ ହେଇ ପ୍ରଭୁ ଆସ
ତୁମ କରୁଣାରେ ଭକତର ଦୁଃଖ
ଦାରୁରୁ ହୋଇବ ଘାସ ॥
ଦୀନଜନ ଦୁଃଖ ନାଶି ଦିଅ ସୁଖ
ହସାଅ ସଂସାର ଆମ
ଲୀଳାମୟ ତୁମ ଶ୍ରୀକ୍ଷେତ୍ର ବୈକୁଣ୍ଠ
ପ୍ରିୟ ପୁଣ୍ୟ ପୁରୀ ଧାମ ॥■

କୁଞ୍ଜର–ସଙ୍ଗଳାଇ, ପିପିଲି, ପୁରୀ
ମୋ - ୯୬୬୮୮୨୨୧୯୦

## ସକାଳ ଶିଶୁ କୁଇଜ୍-୧୭୧

(୧) ଶ୍ରୀମନ୍ଦିରକୁ ଚର୍ତୁପାର୍ଶ୍ୱରୁ ଘେରି ରହିଥିବା ପ୍ରାଚୀରର ନାମ କ'ଣ?
ଉତ୍ତର : ______

(୨) ବେଲୁର ମଠର ସ୍ଥାପନା କିଏ କରିଥିଲେ?
ଉତ୍ତର : ______

(୩) ବିଶ୍ୱ ସ୍ୱାସ୍ଥ୍ୟ ଦିବସ କେବେ ପାଳନ କରାଯାଏ?
ଉତ୍ତର : ______

(୪) ଭାରତର କେଉଁ ରାଜ୍ୟରେ ସବୁଠୁ ଅଧିକ ଜାତୀୟ ଉଦ୍ୟାନ ଅଛି?
ଉତ୍ତର : ______

(୫) ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷର ସ୍ଥାପନା କେବେ ହୋଇଥିଲା?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ସୌମ୍ୟଜିତ୍ ସିଂହ, ରାଉରକେଲା
- ଅଭୀପ୍ସା ଦାଶ, ଧାମନଗର, ଭଦ୍ରକ
- ରଞ୍ଜିତା ଏକା, ଯୋଡ଼ା, କେନ୍ଦୁଝର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ଖୁସି ବାଣ୍ଟିଲେ ବଢ଼େ




ଅନୀତା ପାଣି

ଜମିଦାର ଘର ଝିଅ ଝୁମୁରୀ। ବୟସ ବେଶୀ ନୁହେଁ, ଏଇ ୮/୧୦ ବର୍ଷ ହେବ । ବହୁତ ଗେହ୍ଲାରେ ସେ ଛୋଟରୁ ବଡ଼ ହୋଇଛି । ଖୁବ୍ କମ୍ ଚାଲେ, ବାକି ସମୟ ଘର ଦୋଳିରେ ବସିଥାଏ । ସେଇଠି ଖାଇବା, ପାଠ ପଢ଼ିବା, ଖେଳିବା । ଦିନସାରା ସେ ଦୋଳିରେ ଝୁଲୁଥାଏ ବୋଲି ତା ନାଁ ଝୁମୁରୀ ରଖାଯାଇଛି। ତା ସହିତ ବାଦ ହେବା ପାଇଁ ଆଉ କେହି ନାହିଁ । ଝୁମୁରୀ ଜନ୍ମ ହେବା ପରେ ଏହି ଦୋଳିଟିକୁ ବୁଢ଼ାବାପା ବଢ଼େଇ ଡାକି ତିଆରି କରେଇଥିଲେ । ନରମ ଗଦି ସହିତ ତକିଆର ବ୍ୟବସ୍ଥା ଥାଏ ଦୋଳିରେ । ଦିନେ ଘରେ କାମ କରୁଥିବା ସୁମି ମାଉସୀଠାରୁ ଶୁଣିଲା ।

ରଜ ଆସୁଛି ! ଗାଆଁରେ ଅନେକ ଦୋଳି ବନ୍ଧା ହେବ। ଝିଅ ବୋହୂମାନେ ସଜବାଜ ହୋଇ ବୁଲି ବୁଲି ଦୋଳି ଖେଳିବେ । ଝୁମୁରୀ ଏକା ଏକା ଘରେ ଦୋଳିରେ ବସୁଛି, ସାଙ୍ଗ କେହିନାହିଁ । ସାଙ୍ଗମାନଙ୍କ ସହିତ ମିଶି ଦୋଳି ଖେଳିଲେ ଅଧିକ ଭଲ ଲାଗିଥାଏ ବୋଲି ସୁମି ମାଉସୀ କହୁଥିଲା । ବାପାଙ୍କୁ ଝୁମୁରୀ ରଜ ପାଇଁ ଗୋଟେ ଦୋଳି ବାହାରେ ବାନ୍ଧି ଦେବାକୁ କହିଲା। ତାର ସାଙ୍ଗସାଥୀ ଓ ପାଖ ଘର ଝିଅମାନେ ଆସି ଖେଳିବେ । ଅଲିଅଳି ଝିଅ ବୋଲି କଥା ଅନୁସାରେ ବାପା ଦୋଳି ବନ୍ଧେଇ ଦେଲେ । ଏବେ ଝୁମୁରୀ ଘର ବାହାରେ ଦୋଳି ବାନ୍ଧିଛି ବୋଲି ସବୁ ଆଡ଼େ ଖବର ପଠେଇ ଦେଲା । ଦଳ ଦଳ ସାଙ୍ଗ ସାଥୀ ଘରକୁ ଆସିଲେ । ଜଣେ ପରେ ଜଣେ ଦୋଳି ଖେଳୁଥାନ୍ତି। ଝୁମୁରୀ ଖୁବ୍ ଖୁସି ହେଉଥାଏ । ସେ ଦିନ ଯାକ ଦୋଳିରେ ବସିବାକୁ ସୁଯୋଗ ପାଇନାହିଁ। ଦୋଳି ପାଖରେ ଠିଆ ହୋଇ ଗୋଡ଼ ଦୁଇଟି ଭାରି ବିନ୍ଧା ହେଲା ରାତିରେ । ତା ପର ଦିନ ସେମିତି ବହୁତ ସାଙ୍ଗ ଝୁମୁରୀ ଦୋଳିରେ ଖେଳିବାକୁ ଆସିଲେ। ସମସ୍ତେ ଅଳ୍ପ ଅଳ୍ପ ସମୟ ଖେଳିବା ବୋଲି ସମୟ ଦିଆଗଲା। କିନ୍ତୁ ଝୁମୁରୀର କଥା କେହି ଶୁଣିଲେ ନାହିଁ । ମନ ଭରି ଖେଳିବାକୁ ଲାଗିଲେ। ଝୁମୁରୀ ରାଗିଯାଇ କାହା ଉପରକୁ ପାଣି ଛିଞ୍ଚି ଓଦାକରେ ତ କିଏ ଖେଳିଲାବେଳେ ମାରିବାକୁ ବାଡ଼ି ଉଠାଏ । ତଥାପି ଝୁମୁରୀ ଖେଳିବାର ସୁଯୋଗ ପାଇ ନ ଥିଲା। ରଜର ତୃତୀୟ ଦିନ ଝୁମୁରୀ ଆଉ କାହାକୁ ଛାଡିଲା ନାହିଁ। କହିଲା ଦୁଇ ଦିନ ତୁମେ ଖେଳିଲ, ଏବେ ମୁଁ ଖେଳିବି । ଦଳ ଦଳ ଝିଅ ଆସି ଫେରି ଯାଉଛନ୍ତି। କିଛି ସମୟ ପରେ ଆଉ କେହି ଆସିଲେ ନାହିଁ। ଝୁମୁରୀ ପୁଣି ଏକୁଟିଆ ହୋଇ ଗଲା। ସେ ବହୁତ ସରଳ ଓ ସ୍ନେହୀ ପିଲାଟିଏ ଥିଲା । ଭାବିଲା ମୁଁ ଦୋଳି ନ ଖେଳିଲେ ବି ସାଙ୍ଗମାନେ ଖେଳିବା ଦେଖି ବହୁତ ଖୁସି ଲାଗୁଥିଲା । ଆଜି ଦିନ ସାରା ଏକୁଟିଆ ଖେଳୁଛି ହେଲେ ଖୁସି ଲାଗୁନାହିଁ କାହିଁକି । ସେଦିନ ଗଲା । ତା ପର ଦିନ ଦୋଳି ପାଖରେ କେହି ନାହିଁ । ନୀରବରେ ଦୋଳିଟି ଝୁଲୁଛି । ଝୁମୁରୀକୁ ଲାଗିଲା ଦୋଳିଟି ଆଜି କାନ୍ଦୁଛି । କାହାର ମୁହଁରେ ହସ ଦେଇ ପାରିଲେ ନିଜର ଦୁଃଖ ଭୁଲି ହୋଇଯାଏ। ଏତିକି ତ ଜୀବନର ମନ୍ତ୍ର । ପ୍ରକୃତ ମାନବିକତା। ସାଙ୍ଗମାନଙ୍କ ପାଖକୁ ଝୁଲି ଖେଳିବା ପାଇଁ ସେ ଖବର ପଠାଇ ଦେଲା। ଖବର ପାଇ ଝିଅମାନେ ଆସିଲେ । ଝୁମୁରୀ କହିଲା, ସମସ୍ତେ ମିଳି ମିଶି ଖେଳିବା । ଜଣକ ପରେ ଜଣେ ଆଗ ପଛ ହୋଇ ଝୁମୁରୀକୁ ମିଶେଇ ଖେଳିଲେ । ଝୁମୁରୀର ଖୁସି କହିଲେ ନ ସରେ । ସେ ବର୍ଷରୁ ରଜ ଚାରି ଦିନ ଝୁମୁରୀ ପାଇଁ ବାହାରେ ରଜ ଦୋଳି ବନ୍ଧା ଯାଏ । ଝିଅ ବୋହୂମାନେ ଆସି ଖେଳନ୍ତି । ତା' ଭିତରେ ଝୁମୁରୀ ପାଠ ପଢ଼ିବାକୁ ସହର ଗଲାଣି । ସେ ନ ଥିଲେ ମଧ୍ୟ ଝୁମୁରୀ ପାଇଁ ଦୋଳି ବନ୍ଧା ହୁଏ। ସମସ୍ତେ ଆସି ରଜ ଚାରିଦିନ ଦୋଳି ଖେଳି ଖୁସିରେ ଯାଆନ୍ତି ।■

ପଦ୍ମେଶ୍ୱୟ, ସୌଭାଗ୍ୟ ନିଗର, ଅନୁଗୋଳ
ମୋ- ୮୩୨୭୭୫୯୭୦













ସନ୍ଦୀପ୍ତା ଦିବ୍ୟାରାଣୀ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



ଉପମିତା ଦାସ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଦଶରଥପୁର, ଯାଜପୁର



ବିଭାବରୀ ଦତ୍ତା
ତୃତୀୟ ଶ୍ରେଣୀ
କୋହେନ୍ ଇଣ୍ଟରନ୍ୟାସନାଲ ସ୍କୁଲ
ଭୁବନେଶ୍ୱର



ସାନ୍‌ଭି ଶନାୟା ସା
ଚତୁର୍ଥ ଶ୍ରେଣୀ
ବିଜେଇଏମ୍-୧ ସ୍କୁଲ
ଭୁବନେଶ୍ୱର

# ଆଜି 'ନୀରଜ ଚୋପ୍ରା କ୍ଲାସିକ୍' ଇଭେଣ୍ଟ



ବେଙ୍ଗାଲୁରୁ, ୪।୭ (ଏଜେନ୍ସି): ବିଶ୍ୱର ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳିଙ୍କୁ ନେଇ ଶନିବାର ଏଠାରେ 'ନୀରଜ ଚୋପ୍ରା କ୍ଲାସିକ' ଇଭେଣ୍ଟର ପ୍ରଥମ ସଂସ୍କରଣ ହେବ। ଭାରତର ପ୍ରଥମ ଅନ୍ତର୍ଜାତୀୟ ଜାଭେଲିନ୍ ଥ୍ରୋ ଇଭେଣ୍ଟର ମାନ୍ୟତା ପାଇବାକୁ ଯାଉଥିବା ଏହି ପ୍ରତିଯୋଗିତାକୁ ନୀରଜ ଚୋପ୍ରା, ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ, ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍ଆଇ) ଓ ବିଶ୍ୱ ଦୌଡ଼କୁଦ ମହାସଂଘ ମିଳିତ ଭାବେ ଆୟୋଜନ କରୁଛନ୍ତି। ସ୍ଥାନୀୟ ଶ୍ରୀ କାନ୍ତୀରଭା ଷ୍ଟାଡିୟମରେ ରାତି ୭ଟାରୁ ଆରମ୍ଭ ହେବାକୁ ଥିବା ଏହି ମେଗା ଇଭେଣ୍ଟର ମୁଖ୍ୟ ଆକର୍ଷଣ ନିଜେ ନୀରଜ ଚୋପ୍ରା ରହିବେ। ନିଜ ନାମରେ ହେଉଥିବା ଏହି ଇଭେଣ୍ଟରେ ନୀରଜ ଟାଇଟଲ୍ ଜିତିପାରୁଛନ୍ତି କି ନାହିଁ ତାହା ଉପରେ ସାରା ବିଶ୍ୱର ନଜର ରହିଛି। ନୀରଜଙ୍କ ସମେତ ଜର୍ମାନୀର ଥୋମାସ ରୁଲର୍, କେନିଆର ଜୁଲିୟସ ୟେଗୋ, ଆମେରିକାର କର୍ଟିସ ଥମ୍ପସନ, ବ୍ରାଜିଲର ଲୁଇସ ଡା ସିଲ୍‌ଭାଙ୍କ ସମେତ ବିଶ୍ୱର ୭ଜଣ ଜାଭେଲିନ ଫିଙ୍ଗାଳି ଭାଗନେବେ। ସେହିଭଳି ଭାରତରୁ ନୀରଜଙ୍କ ସମେତ ସଚିନ ଯାଦବ, ରୋହିତ ଯାଦବ, ସାହିଲ୍ ସିଲ୍‌ୱାଲ ଓ ଯଶବୀର ସିଂହଙ୍କୁ ଦେଖିବାକୁ ମିଳିବ। ଓଡ଼ିଶାର କିଶୋର ଜେନା ଆଘାତଜନିତ ସମସ୍ୟା ଲାଗି ଏଥିରୁ ଓହରିଯାଇଛନ୍ତି।

**ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

## ଅଷ୍ଟ୍ରେଲିଆ ୨୮୬ରେ ସୀମିତ

ସେଣ୍ଟ ଜର୍ଜ୍ସ, ୪।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ପ୍ରଥମ ଦିବସରେ ୨୮୬ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଯାଇଛି। ଏକଦା ୧୧୦ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ବିଉ ୱେବଷ୍ଟର (୬୦) ଓ ୱିକେଟ୍‌କିପର ଆଲେକ୍ସ କେରୀ (୬୩)ଙ୍କ ଅର୍ଦ୍ଧଶତକ ଯୋଗୁ ୨୮୬ ରନର ସମ୍ମାନଜନକ ସ୍କୋରରେ ପହଞ୍ଚିପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୨୯, ଅଧିନାୟକ ପ୍ୟାଟ୍ କମିନ୍ସ ୧୭, ଉସମାନ ଖ୍ୱାଜା ୧୬, ସାମ୍ କୋନଷ୍ଟାସ ୨୫ ଓ ଷ୍ଟିଭେନ ସ୍ମିଥ ୩ ରନ କରିଥିଲେ। ବୋଲିଂରେ ଘରୋଇ ଦଳର ଆଲ୍‌ଜାରୀ ଜୋସେଫ୍‌ଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା। ଜବାବରେ ଶୁକ୍ରବାର ଦ୍ୱିତୀୟ ଦିବସରେ ବ୍ୟାଟିଂ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଶେଷ ଖବର ସୁଦ୍ଧା ୪ ୱିକେଟ୍‌ରେ ୧୫୦ ରନ ସଂଗ୍ରହ କରିଛି। ଏହି ମ୍ୟାଚ୍ ସହ ୱେଷ୍ଟଇଣ୍ଡିଜ ଓପନର୍ କ୍ରେଗ୍ ବ୍ରେଥ୍‌ୱେଟ୍ ୧୦୦ତମ ଟେଷ୍ଟ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ୱେଷ୍ଟଇଣ୍ଡିଜର ୧୦ମ କ୍ରିକେଟର୍ ଭାବେ ବ୍ରେଥ୍‌ୱେଟ୍ ମାଇଲଖୁଣ୍ଟ ଛୁଇଁଛନ୍ତି। ୨୦୧୧ରେ ମାତ୍ର ୧୮ ବର୍ଷ ବୟସରେ ପାକିସ୍ତାନ ବିପକ୍ଷରେ ଖେଳି ଟେଷ୍ଟ କ୍ରିକେଟ୍‌ରେ ପାଦ ଥାପିଥିବା ବ୍ରେଥ୍‌ୱେଟ୍ ବର୍ତ୍ତମାନ ସୁଦ୍ଧା ୯୯ ଟେଷ୍ଟ ଖେଳି ୩୨.୮୩ ଆଭରେଜରେ ୫୯୪୩ ରନ ସଂଗ୍ରହ କରିଛନ୍ତି।

**ବ୍ରେଥ୍‌ୱେଟ୍‌ଙ୍କ ୧୦୦ତମ ଟେଷ୍ଟ**

### ଦ୍ୱିତୀୟ ଟେଷ୍ଟରେ ସ୍ମିଥ-ବ୍ରୁକ୍‌ଙ୍କ ତ୍ରିଶତକୀୟ ଭାଗୀଦାରି

# ସିରାଜଙ୍କୁ ୬ ୱିକେଟ; ଭାରତ ଅଗ୍ରଣୀ

ଏଜ୍‌ବାଷ୍ଟନ,୪।୭ (ଏଜେନ୍ସି)

ହ୍ୟାରୀ ବ୍ରୁକ୍ ଓ ଜେମି ସ୍ମିଥ୍‌ଙ୍କ ଶତକ ଓ ଏମାନଙ୍କ ୬ଷ୍ଠ ୱିକେଟ ଭାଗିଦାରୀରୁ ୩୦୩ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଇଂଲଣ୍ଡ ଦଳ ଫଲୋଅନ୍ ଏଡ଼ାଇବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ଅଧିନାୟକ ଶୁବମନ ଗିଲ (୨୬୯)ଙ୍କ ରେକର୍ଡ ଦ୍ୱିଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଇନିଂସରେ ୫୮୭ ରନ୍ କରିଥିଲା। ଜବାବରେ ଜେମି ସ୍ମିଥ୍‌ଙ୍କ ଅପରାଜିତ ୧୮୪ ଓ ହ୍ୟାରୀ ବ୍ରୁକ୍‌ଙ୍କ ୧୫୮ ରନ୍ ସହାୟତାରେ ପ୍ରଥମ ଇନିଂସରେ ଇଂଲଣ୍ଡ ୪୦୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ଭାରତ ୧୮୦ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ଅଗ୍ରଣୀର ଶ୍ରେୟ ଯାଇଛି ଭାରତର ଦୁଇ ପେସ୍ ବୋଲର ମହମ୍ମଦ୍ ସିରାଜ ଓ ଆକାଶ ଦୀପଙ୍କୁ। ଏହି ଇନିଂସରେ ସିରାଜ ୬ଟି ଓ ଆକାଶ ୪ଟି ୱିକେଟ ନେଇଥିଲେ। ଏହା ଫଳରେ ଇଂଲଣ୍ଡ ଶେଷ ୫ ୱିକେଟ ମାତ୍ର ୨୦ ରନ୍‌ରେ ହରାଇଥିଲା।

ପ୍ରଥମ ଇନିଂସରେ ବିଶାଳ ଅଗ୍ରଣୀ ନେଇଥିବା ଭାରତ ତୃତୀୟ ଦିନ ଶେଷ ଖବର ସୁଦ୍ଧା ଦ୍ୱିତୀୟ ଇନିଂସରେ ୧୩ ଓଭର ଖେଳି ଗୋଟିଏ ୱିକେଟ ହରାଇ ୬୪ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ କରୁନ ନାୟାର ୭ ଓ ଲୋକେଶ ରାହୁଲ ୨୮ ରନ୍‌ରେ ବ୍ୟାଟିଂ କରୁଥିଲେ। ପ୍ରଥମ ୱିକେଟରେ ୫୧ ରନ୍ ଉଠାଇବା ପରେ ଯଶସ୍ୱୀ ଜୟସ୍ୱାଲ ୨୮ ରନ୍‌ରେ ଆଉଟ ହୋଇଥିଲେ। ଜୋଶ ଟଙ୍ଗ୍ ଏକମାତ୍ର ୱିକେଟଟି ଅକ୍ତିଆର କରିଛନ୍ତି। ଏହି ଟେଷ୍ଟର ଖେଳ ଆଉ ୨ ଦିନ ବାକିଥିଲାବେଳେ ଭାରତ ୯ଟି ୱିକେଟ ହାତରେ ରଖି ୨୪୪ ରନ୍‌ରେ ଅଗ୍ରଣୀ ରହିଛି। ଫଳରେ ଏହି ମ୍ୟାଚ୍‌ର ଉତ୍କଣ୍ଠାପୂର୍ଣ୍ଣ ପରିସମାପ୍ତି ହେବାର ଯଥେଷ୍ଟ ସମ୍ଭାବନା ରହିଛି।



୬ଟି ୱିକେଟ ନେବା ପରେ ଭାରତର ମହମ୍ମଦ୍ ସିରାଜ।

### ୨ ଶତକ, ୬ ବତକ (ଶୂନ)

ଭାରତର ୫୮୭ ରନ୍‌ର ବିଶାଳ ସ୍କୋର ପରେ ଗତକାଲି ଇଂଲଣ୍ଡ ବ୍ୟାଟିଂ ଆରମ୍ଭ କରି ୨୫ ରନ୍‌ରେ ୩ଟି ଓ ଆଜି ୮୪ ରନ୍‌ରେ ୫ଟି ୱିକେଟ ହରାଇଥିଲା। କିନ୍ତୁ ବ୍ରୁକ୍ ଓ ସ୍ମିଥ୍ ୬ଷ୍ଠ ୱିକେଟରେ ୩୬୮ ବଲ୍ ଖେଳି ୩୦୩ ରନ୍ କରିବା ଫଳରେ ଦଳ ଫଲୋଅନ୍ ଏଡ଼ାଇବାରେ ସମର୍ଥ ହୋଇଥିଲା। ଆକ୍ରମଣାତ୍ମକ ବ୍ୟାଟିଂ କରି ମାତ୍ର ୮୦ ବଲ୍‌ରେ ତୃତୀୟ ଦିନ ଲଞ୍ଚ ପୂର୍ବରୁ ଶତକ ହାସଲ କରିଥିବା ସ୍ମିଥ ୧୮୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଏଥିଲାଗି ସେ ୨୦୭ ବଲ୍‌ର ସାମ୍ନା କରି ୨୧ ଚୌକା ଓ ୪ ଛକା ମାରିଥିଲେ। ତାଙ୍କ ପାର୍ଟନର ବ୍ରୁକ୍‌ଙ୍କ ଥିଲା ୯ମ ଟେଷ୍ଟ ଶତକ। ସେ ମୋଟ ୨୩୪ ବଲ୍ ଖେଳି ୧୭ ଚୌକା ଓ ୧ ଛକା ସହାୟତାରେ ୧୫୮ ରନ୍ କରିଥିଲେ। ଏମାନଙ୍କ ଭାଗୀଦାରିକୁ ଭାଙ୍ଗିବା ଲାଗି ଗିଲ୍ ନୂଆ ବଲ୍ ନେଇ ସଫଳ ହୋଇଥିଲେ। ଇଂଲଣ୍ଡ ୩୮୭ ରନ୍ କରିଥିଲାବେଳେ ବ୍ରୁକ୍‌ଙ୍କୁ ବୋଲ୍ଡ କରି ଆକାଶ ଦୀପ ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଏହି ଯୋଡି ଭାଙ୍ଗିବା ପରେ ଇଂଲଣ୍ଡ ତାହାର ଶେଷ ୫ ୱିକେଟ ମାତ୍ର ୨୦ ରନ୍ ମଧ୍ୟରେ ହରାଇଥିଲା। ଏହି ୫ଟି ମଧ୍ୟରୁ ସିରାଜ ୪ଟି ଓ ଆକାଶ ଗୋଟିଏ ୱିକେଟ ପାଇଥିଲେ। ଫଳରେ ସିରାଜ ଇଂଲଣ୍ଡ ଇନିଂସରେ ୭୦ ରନ୍ ଦେଇ ୬ଟି ଓ ଆକାଶ ୮୮ ରନ୍‌ରେ ୪ଟି ୱିକେଟ ନେଇ ସେମାନଙ୍କ ମଧ୍ୟରେ ବାଣ୍ଟିନେଇଥିଲେ। ଇଂଲଣ୍ଡର ଶେଷ ୩ଜଣ ବ୍ୟାଟରଙ୍କୁ ଖାତା ଖୋଲିବାର ସୁଯୋଗ ଦେଇ ନ ଥିଲେ ସିରାଜ। ପୂର୍ବରୁ ପ୍ରଥମ ୬ଜଣ ବ୍ୟାଟରଙ୍କ ମଧ୍ୟରୁ ୩ଜଣ ଯଥା ଓପନର ବେନ୍ ଡକେଟ, ନଂ-୩ ଓଲି ପୋପ୍ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଫଳରେ ଇଂଲଣ୍ଡ ଇନିଂସରେ ୬ ଜଣ ଶୂନ ରନ୍‌ରେ ବା କ୍ରିକେଟ ଭାଷାରେ ଡକ୍ ବା ବତକ'ରେ ଆଉଟ ହୋଇଛନ୍ତି।

### ୨୫ ବର୍ଷରେ ଦ୍ୱିତୀୟ ଥର

ଏହି ଟେଷ୍ଟରେ ଇଂଲଣ୍ଡର ପ୍ରଥମ ଇନିଂସରେ ପ୍ରଥମ ୬ଜଣ ବ୍ୟାଟରଙ୍କ ମଧ୍ୟରୁ ୩ଜଣ ଖାତା ଖୋଲିବାରେ ସମର୍ଥ ହୋଇନାହାନ୍ତି। ଓପନର ବେନ୍ ଡକେଟ, ନଂ-୩ ଓଲି ପୋପ୍ ଓ ଅଧିନାୟକ ତଥା ନଂ-୬ ବେନ୍ ଷ୍ଟୋକ୍ସ ଏହି ଟେଷ୍ଟରେ ଖାତା ଖୋଲିବାରେ ଅସମର୍ଥ ହୋଇଛନ୍ତି। ଏହା ଫଳରେ ଦୀର୍ଘ ୨୫ ବର୍ଷ ପରେ ଇଂଲଣ୍ଡ ଏପରି ନକରାତ୍ମକ ପ୍ରଦର୍ଶନ କରିଛି। ଏହା ମଧ୍ୟରେ ଅଧିନାୟକ ଷ୍ଟୋକ୍ସ ତାଙ୍କ ଜୀବନରେ ପ୍ରଥମ ଗୋଲ୍ଡେନ ଡକ୍ ହାସଲ କରିଛନ୍ତି। ସେହିପରି ୱିକେଟକିପର ଜେମି ସ୍ମିଥ ୮୦ ବଲ୍‌ରେ ଶତକ ହାସଲ କରିଛନ୍ତି। ଏହା ଫଳରେ ନିଜ ପାର୍ଟନର ହ୍ୟାରୀ ବ୍ରୁକ୍‌ଙ୍କ ସହ ସେ ଇଂଲଣ୍ଡର ତୃତୀୟ ଦ୍ରୁତତମ ଶତକ ହାସଲ କରିଛନ୍ତି।

### ସଂକ୍ଷିପ୍ତ ସ୍କୋର


**ଭାରତ ପ୍ରଥମ ଇନିଂସ** : ୫୮୭ (ଗିଲ-୨୬୯, ଜାଡେଜା-୮୯, ଜୟସ୍ୱାଲ-୮୭, ବସିର-୩/୧୬୭, ଓକ୍ସ-୨/୮୧)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୪୦୭/୧୦, ୮୯.୩ ଓଭର (ବ୍ରୁକ୍-୧୫୮, ସ୍ମିଥ-୧୮୪*, ସିରାଜ-୬/୭୦, ଆକାଶ ଦୀପ-୪/୮୮)।
**ଭାରତ ଦ୍ୱିତୀୟ ଇନିଂସ** : ୬୪/୧, ୧୩ ଓଭର (ରାହୁଲ-୨୮*, ନାୟାର-୭*, ଜୟସ୍ୱାଲ-୨୬, ଟଙ୍ଗ୍-୧/୧୨)।

### ୱିମ୍ବଲଡନ ୫ମ ଦିବସ

## ତୃତୀୟ ରାଉଣ୍ଡରେ ଅଟକିଲେ କିଜ୍, ଓସାକା

ଲଣ୍ଡନ, ୪।୭ (ଏଜେନ୍ସି): ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୱିମ୍ବଲଡନର ୫ମ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସିଙ୍ଗଲ୍ସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ତୃତୀୟ ରାଉଣ୍ଡରେ ଡିଫେଣ୍ଡିଂ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ମାଡିସନ୍ କିଜ୍‌ଙ୍କ ସହ ୪ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ଜାପାନର ନାଓମି ଓସାକା ପରାସ୍ତ ହୋଇ ବିଦାୟ ନେଇଛନ୍ତି। ତୃତୀୟ ସିଡ୍ ଆମେରିକାର କିଜ୍ ୩-୬, ୩-୬ ସିଧାସଳଖ ସେଟ୍‌ରେ ଜର୍ମାନୀର ଲୌରା ସିଗ୍‌ମଣ୍ଡଙ୍କ ନିକଟରୁ ପରାସ୍ତ ହୋଇଥିଲେ। ସେହିଭଳି ଓସାକା ୬-୩, ୪-୬, ୪-୬ ସେଟ୍‌ରେ ବିଶ୍ୱ ମାନ୍ୟତାର ୫୦ତମ ସ୍ଥାନରେ ରହିଥିବା ରୁଷିଆର ଆନାସ୍ତାସିଆ ପାଭଲ୍ୟୁଚେନକୋଭାଙ୍କ ନିକଟରୁ ହାରିଯାଇଥିଲେ। ଓସାକା ବିଜୟୀ ହୋଇଥିଲେ ପ୍ରଥମଥର ଲାଗି ୱିମ୍ବଲଡନ ୪ର୍ଥ ରାଉଣ୍ଡରେ ପହଞ୍ଚିଥାନ୍ତେ। ଅପରପକ୍ଷରେ ଓପନ୍ ଏରା ଇତିହାସରେ ତୁର୍କିର ପ୍ରଥମ ଖେଳାଳି ଭାବେ ଜିନେପ ସୋନମେଜ କୌଣସି ଗ୍ରାଣ୍ଡସ୍ଲାମର ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମ୍ୟାଚରେ ଜିନେପ ୭-୫, ୭-୫ ସେଟ୍‌ରେ ଚାଇନାର ୱାଙ୍ଗ୍ ଜିନୟୁଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ୧୯୬୮ରୁ ଟେନିସର ପ୍ରଫେସନାଲ ତଥା ଓପନ ଏରା ଆରମ୍ଭ ହୋଇଥିଲା।

ପୁରୁଷ ବିଭାଗରେ ୧୪ତମ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ ୪ର୍ଥ ତଥା ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ତୃତୀୟ ରାଉଣ୍ଡରେ ସେ ୭-୫, ୬-୨, ୬-୩ ସେଟ୍‌ରେ ଫ୍ରାନ୍ସର ଆଡ୍ରିଆନ ମାନାରିନୋଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ଓ ଜର୍ମାନୀର ଜାନ୍-ଲିନାର୍ଡ ଷ୍ଟ୍ରଫ୍‌ଙ୍କ ମଧ୍ୟରେ ମ୍ୟାଚ୍ ଜାରି ରହିଛି।



ଜିନେପ ସୋନମେଜ

### ଫିଫା କ୍ଲବ୍ ବିଶ୍ୱକପ୍

## କ୍ୱାର୍ଟରରେ ରିଅଲ୍ ମାଡ୍ରିଡ୍

ନ୍ୟୁୟର୍କ, ୪।୭ (ଏଜେନ୍ସି): ସ୍ପେନ୍‌ର ବିଶ୍ୱ ପ୍ରସିଦ୍ଧ କ୍ଲବ୍ ରିଅଲ ମାଡ୍ରିଡ୍ ଶେଷ ଦଳ ଭାବେ ଏଠାରେ ଚାଲିଥିବା ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରବିବାର ରାତିରେ ଖେଳାଯିବାକୁ ଥିବା ଶେଷ କ୍ୱାର୍ଟର ଫାଇନାଲରେ ଜର୍ମାନୀର ଡର୍ଟମଣ୍ଡ ସହ ରିଅଲର ମୁକାବିଲା ହେବ। ଗତକାଲି ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲରେ ରିଅଲ ୧-୦ ଗୋଲରେ ଇଟାଲୀୟ କ୍ଲବ୍ ଜୁଭେଣ୍ଟସକୁ ଓ ଡର୍ଟମଣ୍ଡ ୨-୧ ଗୋଲରେ ମେକ୍ସିକୋର ମଣ୍ଟେରୀକୁ ହରାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟରରେ ଫ୍ଲୁମିନେନ୍ସ ସହ ଅଲହିଲାଲର ଓ କ୍ୱାର୍ଟର ଫାଇନାଲରେ ଚେଲସୀ ସହ ପାଲମେଇରାସର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଆସନ୍ତାକାଲି ହେବ। ରବିବାର ତୃତୀୟ କ୍ୱାର୍ଟର ଫାଇନାଲରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀ ପିଏସ୍‌ଜି ସହ ବେୟର୍ଣ୍ଣର ମୁକାବିଲା ହେବ।

### ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା

## ଦଣ୍ଡସେନାଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

ଭୁବନେଶ୍ୱର, ୪।୭ (ସମିସ)

ଓଡ଼ିଶା ପୁଲିସର ଜଣାଶୁଣା ଧାବକ ଅଶୋକ ଦଣ୍ଡସେନାଙ୍କ ସ୍ୱର୍ଣ୍ଣିମ ସଫଳତା ଧାରା ଜାରି ରହିଛି। ଆମେରିକାରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଅଶୋକ ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ସଫଳତା ପାଇଛନ୍ତି।

**କରାଟେରେ ରୀତେଶଙ୍କ ଚମକ**

ଶୁକ୍ରବାର ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସରେ ଦଣ୍ଡସେନା ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ସମ୍ମାନଜନକ ପ୍ରତିଯୋଗିତାରେ ୩ୟ ସ୍ୱର୍ଣ୍ଣପଦକ ଜିତିଥିଲେ। ପୂର୍ବରୁ ସେ ୮୦୦ ମିଟର ଓ ୧୫୦୦ ମିଟରରେ ମଧ୍ୟ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ସେହିଭଳି କରାଟେରେ ରୀତେଶ ରାୟ (୮୪ କିଗ୍ରା) ସ୍ୱର୍ଣ୍ଣ ଓ ଅଭିଷେକ ପଟ୍ଟନାୟକ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତ କାଲି ସୁସ୍ମିତା ଟିଗା ମହିଳା ୮୦୦ ମିଟରରେ ଏବଂ ସୁମନ ଶେଖର ଦାସ ଓ ଭଗବାନ ରେଡ୍ଡୀ କରାଟେରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରତି ଦୁଇ ବର୍ଷରେ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ଅନୁଷ୍ଠିତ ହୋଇଥାଏ।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS